ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.275, Bhubaneswar Monday, December 16, 2019 | ୨୨ତମ ବର୍ଷ ସଂଖ୍ୟା–୨୭୫ ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୬, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଉଦଘାଟିତ



ଭୁବନେଶ୍ୱର, (ପିଏନ)- ଆଜି ସନ୍ଧ୍ୟାରେ ସ୍ଥାନୀୟ ଜନତା ମଇଦାନଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ଲୋ-୨୦୧୯କୁ ଉଦଘାଟନ କରିଛନ୍ତି । ମନ୍ତ୍ରୀ ଶ୍ରୀମତୀ ଦିଆନ୍ ଥିମ୍ ପାଭିଲିୟନ୍ ଉଦଘାଟନ କରିବା ପରେ ମେଳାରେ ପ୍ରଦର୍ଶିତ ଷ୍ଟଲଗୁଡ଼ିକୁ ବୁଲି ଦେଖିବା ସହ କାରିଗର ଓ ଶିଳ୍ପୀମାନଙ୍କ ସହିତ ଭାବବିନିମୟ କରିଥିଲେ ।

ଚଳିତ ବର୍ଷ ଏହି ମେଳାରେ ଉଭୟ ହସ୍ତଶିଳ୍ପ ଓ ହସ୍ତତନ୍ତ ନିର୍ମିତ ୩୮୦ ଗୋଟି ପ୍ରଦର୍ଶନ କକ୍ଷ ନିର୍ମାଣ କରାଯାଇଛି । ସେଥି ମଧ୍ୟରୁ ବିଭିନ୍ନ ପ୍ରଦେଶର ୫୦ ଜଣ ବୁଣାକାର ବିକାଶ ଆୟୁକ୍ତ (ହସ୍ତତନ୍ତ) ଭାରତ ସରକାରଙ୍କ ଦ୍ୱାରା ପ୍ରଯୋଜିତ ହୋଇଥିବା ସହିତ ରାଜ୍ୟ ପ୍ରାୟ ୧୫୦ ଜଣ ହସ୍ତଶିଳ୍ପ କାରିଗର ଓ ୮୦ ଜଣ ବୁଣାକାର ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି । ସେହିପରି ରାଜ୍ୟରେ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କାର୍ଯ୍ୟରତ ୧୨ଟି ଅନୁଷ୍ଠାନକୁ ସେମାନଙ୍କର କାର୍ଯ୍ୟାବଳୀର ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଛି ।

ପ୍ରତିବର୍ଷ ପରି ୨୦୧୮ ବର୍ଷ ପାଇଁ ଗୋଟିଏ ଜୀବନବ୍ୟାପୀ ସଫଳ ପୁରସ୍କାର ଓ ୧ ଲକ୍ଷ ଟଙ୍କାର ଅର୍ଥରାଶି ହସ୍ତଶିଳ୍ପୀ ବନମାଳୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ସେହିପରି ୩ଟି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଓ ୮ ଜଣ ହସ୍ତଶିଳ୍ପୀଙ୍କୁ ସ୍ୱତନ୍ତ୍ର ସ୍ୱୀକୃତି ଭାବେ କଳାକୃତି ସମ୍ମାନ ପ୍ରଦାନ କରାଯାଇଛି ।

ଚଳିତ ବର୍ଷର ଥିମ୍ ପାଭିଲିୟନ କଳିଙ୍ଗ ତନ୍ତକୃତି ରଖାଯାଇଛି । ଏକ ସ୍ୱତନ୍ତ୍ର ଷ୍ଟଲରେ ରାଜ୍ୟର ଉତ୍କୃଷ୍ଟ ହସ୍ତତନ୍ତର ପ୍ରଦର୍ଶନ କରାଯାଇଛି ।

ଆଜିର ଉଦଘାଟନୀ ଉତ୍ସବରେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର-୨୦୧୮ ପ୍ରଦାନ କରାଯାଇଛି । ଯେଉଁମାନେ ଏହି ପୁରସ୍କାର ପାଇଛନ୍ତି ସେମାନେ ହେଲେ ଶ୍ରୀ ବ୍ରହ୍ମାନ୍ତ ମହାରଣା, ଶ୍ରୀ ଦେବେନ୍ଦ୍ର ବେହେରା, ଶ୍ରୀମତୀ ସୁମନ ମେହେର, କଳାକୃତି ସମ୍ମାନ ସୁଶ୍ରୀ କୁନି ପାତ୍ର, ସନ୍ତୋଷ ସେନାପତି, ଉଦୟ ମହାନ୍ତି, ଚତୁର୍ଭୁଜ ପରିଡ଼ା, ଶ୍ରୀମତୀ ଦୀପ୍ତିରାଣୀ ବେହେରା, କହ୍ନେଇ ଗନଡ଼ିଆ, ଅମୀୟ ପୋଦାର, ରାକେଶ ମହାରଣାଙ୍କୁ ପ୍ରଦାନ କରାଯାଇଛି ।୨୦୧୭-୧୮ ମସିହା ପାଇଁ ରାଜ୍ୟ ହସ୍ତତନ୍ତ ପୁରସ୍କାର (ବୟନ) ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଯଥାକ୍ରମେ ମୁକୁନ୍ଦ ବେହେର, ଶ୍ରୀମତୀ ନଳିନୀ ମେହେର, ଅର୍ଜୁନ ମେହେରଙ୍କୁ ପ୍ରଦାନ କରାଯାଇଛି । ସେହିପରି ରାଜ୍ୟ ହସ୍ତତନ୍ତ ପୁରସ୍କାର (କନ୍ଧକଳା) କ୍ଷେତ୍ରରେ ପ୍ରଥମ ପୁରସ୍କାର ଯୋଗେନ୍ଦ୍ର ମେହେର, ଦ୍ୱିତୀୟ ପୁରସ୍କାର ପ୍ରହ୍ଲାଦ ମେହେର, ତୃତୀୟ ପୁରସ୍କାର ଶ୍ରୀମତୀ ଗିନା ମେହେରଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ହସ୍ତତନ୍ତ ପୁରସ୍କାର (ଡିଜାଇନ୍) ପ୍ରଥମ ପୁରସ୍କାର ବେଣୁଧର ଦାସ, ଦ୍ୱିତୀୟ ପୁରସ୍କାର ସଂଜୀବ ମେହେର, ତୃତୀୟ ସୁରକାର ଭାରତ ମେହେରଙ୍କୁ ମିଳିଛି ।

୨୦୧୮-୧୯ ବର୍ଷ ପାଇଁ ବୟନ କ୍ଷେତ୍ରରେ ପ୍ରଥମ ପୁରସ୍କାର ବିଶ୍ୱଜିତ୍ ମେହେର, ଦ୍ୱିତୀୟ ପୁରସ୍କାର ଚତୁର୍ଭୁଜ ଦାସ, ତୃତୀୟ ପୁରସ୍କାର ହରିଶ୍ଚନ୍ଦ୍ର ପାତ୍ର ପାଇଛନ୍ତି । ସେହିପରି ବାନ୍ଧକଳା ବିଭାଗରେ ପ୍ରଥମ ପୁରସ୍କାର ଲିଙ୍ଗରାଜ ମେହେର, ଦ୍ୱିତୀୟ ପୁରସ୍କାର ଭାରତୀ ମେହେର, ତୃତୀୟ ପୁରସ୍କାର କିଶୋର ମେହେର, ଡିଜାଇନ୍ ବିଭାଗରେ ପ୍ରଥମ ପୁରସ୍କାର ଖଗେଶ୍ୱର ମେହେର, ଦ୍ୱିତୀୟ ପୁରସ୍କାର କୁଶମଣି ଚାନ୍ଦ, ତୃତୀୟ ପୁରସ୍କାର ଚିତ୍ରାବତୀ ମେହେରଙ୍କୁ ମିଳିଛି ।ଆଜିର ଉଦଘାଟନୀ ଉତ୍ସବରେ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନଙ୍କ ସହିତ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିତେନ୍ ଚନ୍ଦ୍ର କୃତୀ ଶିଳ୍ପୀ ମାନଙ୍କୁ ମଂଚରେ ପୁରସ୍କାର ପ୍ରଦାନ କରିଥିଲେ । ଦୃଷ୍ଟିବାଧିତମାନଙ୍କ ନିମନ୍ତେ ବ୍ରେଲି ଭାଷାରେ ଲିଖିତ ତୋଷାଳୀ ମେଳାର ଲିଫଲେଟକୁ ଲୋକାର୍ପିତ କରିଥିଲେ । ଶିଳ୍ପୀମାନେ ପୁରସ୍କାର ଗ୍ରହଣ କରିବା ସମୟରେ ସେମାନଙ୍କର କଳାକୃତି, କଳା ପ୍ରସ୍ତୁତି ଆଦିକୁ ଭିଡ଼ିଓ ଜରିଆରେ ପ୍ରଦର୍ଶିତ କରାଯାଇଥିଲା ।ଆଜି ସନ୍ଧ୍ୟାରେ ବିଶିଷ୍ଟ ନୃତ୍ୟଶିଳ୍ପୀ ଏଲିଆନା ସୀତାରିଷ୍ଟ ଏବଂ ତାଙ୍କ ସାଥିମାନଙ୍କ ଦ୍ୱାରା ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ ।ଏହି ମେଳା ଡିସେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଦିନ ୧୧ଟାରୁ ରାତି ୯.୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ

## ସ୍ୱାଭିମାନ ଅଂଚଳରେ ସ୍ଥାପିତ ହେବ ଶିକ୍ଷକ କ୍ଲଷ୍ଟର

ଭୁବନେଶ୍ୱର, (ପିଏନ)- ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ଶିକ୍ଷକ କ୍ଲଷ୍ଟର ସ୍ଥାପନା କରା ଯିବା ଆଗାମୀ ୧୮ ତାରିଖ ଦିନ ଏହି କ୍ଲଷ୍ଟରର ଶିଳାନ୍ୟାସ କରା ଯିବ ବୋଲି ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ଏଥିରେ ୧୫ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ଯିବ । ଏହା ଦ୍ୱାରା ସାତଟି ପଂଚାୟତର ସ୍କୁଲ ଗୁଡିକ ଲାଭବାନ ହେବେ । ଏଥି ପାଇଁ ୭ କୋଟି ଟଙ୍କା ବ୍ୟୟ କରା ଯିବ । ଏହା ଦ୍ୱାରା ଶିକ୍ଷ

ସେ କହିଛନ୍ତି ଯେ ଉପାନ୍ତ ଅଂଚଳରେ ଶିକ୍ଷକ ମାନଙ୍କୁ ରଖିବା ଦିଗରେ ଏହା ସହାୟକ ହେବ । ସ୍ୱାଭିମାନ ଅଂଚଳରେ ଶିକ୍ଷକ ମାନେ ରହିବାରେ କୌଣସି ଅସୁବିଧା ହେବ ନାହିଁ ।

ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳର ବିକାଶ ପାଇଁ ଶହେ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି ।

## କନ୍ଧମାଳ ଜିଲ୍ଲା ଗସ୍ତରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ରୀଡ଼ା ଭିତିଭୂମି ପରଖିଲେ ଓ ହଷ୍ଟେଲ ବୁଲିଲେ

ଭୁବନେଶ୍ୱର, (ପିଏନ)- ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ୪ ଦିନିଆ କନ୍ଧମାଳ ଜିଲ୍ଲା ଗସ୍ତ କରିଛନ୍ତି । ଏହି ଗସ୍ତରେ ମନ୍ତ୍ରୀ କନ୍ଧମାଳ ଜିଲ୍ଲାର ସମ୍ପୂର୍ଣ୍ଣ ଭିତିଭୂମି ତଦାରଖ କରିବାର କାର୍ଯ୍ୟକ୍ରମ ରହିଛି ।ଆଜି ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ବେହେରା କନ୍ଧମାଳ ଜିଲ୍ଲା ମିନି ଷ୍ଟାଡିୟମ ପରିଦର୍ଶନ ଯିବା ସହ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ଏଥି ସହ ସ୍ଥାନୀୟ ସାଂସଦ ଡ. ଅଚ୍ୟୁତ ସାମନ୍ତ, ପିଆରଆଇ ସଦସ୍ୟ ଏବଂ ଜିଲ୍ଲା ପ୍ରଶାସନ ସହିତ ଜିଲ୍ଲାରେ କ୍ରୀଡ଼ାର ସାମଗ୍ରିକ ବିକାଶ ନେଇ ଆଲୋଚନା କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ବେହେରା କନ୍ଧମାଳ କ୍ରୀଡ଼ା ଛାତ୍ରାବାସ ପରିଦର୍ଶନ କରିବା ସହ ଏଠାରେ ରହୁଥିବା ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟପେୟ, ରହିବା ବ୍ୟବସ୍ଥା, ତାଲିମ, କ୍ରଡ଼ା ସରଞ୍ଜାମ ଓ ଅନ୍ତେବାସୀଙ୍କ ବିଭିନ୍ନ ଆବଶ୍ୟକତା ବିଷୟରେ ପଚାରି ବୁଝିଥିଲେ ।ମନ୍ତ୍ରୀ ଶ୍ରୀ ବେହେରା ହଷ୍ଟେଲ ଅନ୍ତେବାସୀଙ୍କ ସହ ମଧ୍ୟାହ୍ନ ଭୋଜନ କରିବା ସହସେଠାରେ ଦିଆଯାଇଥିବା ଖାଦ୍ୟର ମାନ ଯାଂଚ କରିଥିଲେ । ଏହି ସମୟରେ କଠିନ ପରିଶ୍ରମ କରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦାର୍ଶନ କରିବା ଉପରେ ମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେବା ସହ ଉତ୍ସାହିତ କରିଥିଲେ । ଆଜି ଅପରାହ୍ନରେ ମନ୍ତ୍ରୀ ବାଲିଗୁଡ଼ା ଗସ୍ତ କରି ସେଠାରେ ଏକ ଫୁଟବଲ୍ ଚମ୍ପିଅନ୍‌ସିପ୍‌ର ଉଦଯାପନୀ ଉତ୍ସବରେ ଯୋଗଦେବା ସହ ବାଲିଗୁଡ଼ା ମିନି ଷ୍ଟାଡିୟମ ପରିଦର୍ଶନ କରିଥିଲେ । ଆସନ୍ତାକାଲି ମନ୍ତ୍ରୀ ଜିଲ୍ଲାର ଦାରିଙ୍ଗିବାଡ଼ି ବ୍ଲକ୍ ଗସ୍ତ କରିବା ସହ ସେଠାକାର ମିନି ଷ୍ଟାଡିୟମ ପରିଦର୍ଶନ କରିବାର କାର୍ଯ୍ୟକ୍ରମ କରହିଛି ।

ଏହି ଗସ୍ତରେ ମନ୍ତ୍ରୀ ବିଭିନ୍ନ କ୍ରୀଡ଼ା ଭିତିଭୂମିର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ କ୍ରୀଡ଼ାର ବିକାଶ ଦିଗରେ କଣ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯିବ ବୋଲି କହିଥିଲେ । ରାଜ୍ୟ ସରକାର ବର୍ତମାନ କ୍ରୀଡ଼ାର ବିକାଶକୁ ବେଶି ପ୍ରାଧାନ୍ୟ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସୂତ୍ର ଅନୁଯାୟୀ କ୍ରୀଡ଼ା ଛାତ୍ରାବାସ ଗୁଡ଼ିକର ଆଧୁନିକୀକରଣ ସହ ଅନ୍ତେବାସୀଙ୍କ ଲାଗି ଉତମ ଖାଦ୍ୟପେୟ ରହିବା ବ୍ୟବସ୍ଥା, ଉନ୍ନତ ମାନର କୋଚିଂ ଆଦି ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି ।

## ବିଜେପିକୁ ଭାଗ ଭାଗ କରିବାକୁ ନବୀନ ନିବାସରୁ ହୋଇଛି ଷଡଯନ୍ତ୍ର : ବିଜେପି

ଭୁବନେଶ୍ୱର, (ପିଏନ)- ବିଜେପିକୁ ବରଗଡରେ ଭାଗ ଭାଗ କରିବାକୁ ନବୀନ ନିବାସରୁ ଷଡଯନ୍ତ୍ର କରା ଯାଇଛି ବୋଲି ଅଭିଯୋଗ କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ।

ବିଜେପି ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଯେଉଁ ମାନେ ବିଜେପି ଟିକେଟରେ ନିର୍ବାଚିତ ହେବା ପରେ ବିଜେଡିରେ ସାମିଲ ହୋଇଛନ୍ତି । ସେମାନଙ୍କ ବିରୁଦ୍ଧରେ ଦଳ ବଦଳ ନିରୋଧୀ ଆଇନ ଲାଗୁ ହେବ । ଗତ ଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଦଳର ଜିଲ୍ଲା ପରିଷଦ ସଦସ୍ୟ ମାନଙ୍କୁ ଅନ୍ୟ ପାର୍ଟିରେ ସାମିଲ ହେବାକୁ ରୋକିବା ପାଇଁ ଏହି ନିୟମ ଆଣିଥିଲେ । ସେହି ନିୟମ ଏବେ ବିଜେପି ଛାଡି ବିଜେଡିରେ ସାମିଲ ହେଉଥିବା ଜିଲ୍ଲା ପରିଷଦ ସଦସ୍ୟଙ୍କ ବିରୁଦ୍ଧରେ ଲାଗୁ ହେବ ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ବିଜେପି ପ୍ରତିନିଧିଦଳ ଏ ନେଇ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବ ।

### ଟ୍ରକ୍-ଗ୍ୟାସ୍ ଟ୍ୟାଙ୍କର ଧକ୍କା

## ଦୁଇ ଜୀବନ୍ତ ଜଳିଗଲେ

ସମ୍ବଲପୁର, (ପିଏନ୍)- ୫୫ ନଂ ଜାତୀୟ ରାଜପଥର ଯୁଯୁମୁରା ଠାରେ ଗତକାଲି ବିଳମ୍ବିତ ରାତିରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଓ ଗ୍ୟାସ୍ ଟ୍ୟାଙ୍କର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ନିଆଁ ଲାଗିଯିବା ଫଳରେ ପୋଡିହୋଇ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ବସ୍ ର ଡ୍ରାଇଭର କିମ୍ବା ହେଲପର୍ ତାହା ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷରେ ଏଲପିଜି ଗ୍ୟାସ୍ ଟ୍ୟାଙ୍କରୁ ଗ୍ୟାସ୍ ଲିକ୍ ଖବର ପ୍ରଚାରିତ ହେବା ପରେ ପୋଲିସ ଦୁର୍ଘଟଣାସ୍ଥଳକୁ ଦୀର୍ଘ ସମୟ ଧରି ସିଲ୍ କରିରଖିଛି । ଯଦ୍ୱାରା ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି ।

ପୋଲିସର ସୂଚନା ମୁତାବକ, ଲୁହା ପଥର ବୋଝେଇ ଟ୍ରକ୍ ଟି ସମ୍ବଲପୁରରୁ ରେଢ଼ାଖୋଲ ଅଭିମୁଖେ ଯାଉଥିଲା । ଗ୍ୟାସ୍ ଟ୍ୟାଙ୍କରଟି ବିପରୀତ ଦିଗରୁ ଆସୁଥିବା ବେଳେ ଦୁଇ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସେଥିରେ ଥିବା କର୍ମଚାରୀ ବାହାରି ନପାରି ଜୀବନ୍ତ ଜଳି ଯାଇଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲା ।

ସେହିପରି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରେ ଏଲପିଜି ଗ୍ୟାସ୍ ଥିବା ବେଳେ ଆଜି ପୂର୍ବାହ୍ନରେ ତାହା ଲିକ୍ ହେଉଥିବା ଖବର ପ୍ରଚାରିତ ହେବା ପରେ ପୋଲିସ ଦୁର୍ଘଟଣାସ୍ଥଳକୁ ଦୀର୍ଘ ସମୟ ଧରି ସିଲ୍ କରିଦେଇଥିଲା । ଯୁଯୁମୁରା ନିକଟରେ ରାଜପଥର ଉଭୟ ପାର୍ଶ୍ୱକୁ ସିଲ୍ କରିଦିଆଯିବା ଯୋଗୁଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଘଟଣାସ୍ଥଳରେ ଅଗ୍ନିଶମବାହିନୀ ଓ ତୈଳ କମ୍ପାନୀ ଅଧିକାରୀ ପହଂଚି ଗ୍ୟାସ୍ ଲିକ୍ କୁ ବନ୍ଦ କରିଛନ୍ତି ।

## 'ବିଜେପି ମିଛ କହୁଛି'

ଭୁବନେଶ୍ୱର, (ପିଏନ)- ବରଗଡ ଜିଲ୍ଲାର ବିଜେପି ଜିଲ୍ଲା ପରିଷଦର ସଦସ୍ୟ ମାନଙ୍କୁ ଅପହରଣ କରି ନିଆଯାଇଛି ବୋଲି ବିଜେପି ପକ୍ଷରୁ ଯାହା କୁହା ଯାଇଛି ତାହା ଠିକ ନୁହେଁ ବୋଲି କହିଛନ୍ତି ଜିଲ୍ଲା ପରିଷଦ ସଦସ୍ୟ ଉମେଶ ଚନ୍ଦ୍ର ବେହେରା ଓ ଅନ୍ୟ ମାନେ । ସେମାନେ କହିଛନ୍ତି ଯେ ସେମାନେ ବିଜେପିର କାମ କରିବାର ଶୈଳୀରେ ଅତିଷ୍ଠ ହୋଇ ବିଜେପି ଛାଡିଛନ୍ତି । ବିଜେପି ଦ୍ୱାରା ଆମ ଅଂଚଳରେ କୌଣସି ବିକାଶ କାମ ହୋଇ ପାରିଲା ନାହିଁ । ଅଂଚଳର କୌଣସି କାମ ହେଉ ନ ଥିବା କାରଣରୁ ସେମାନେ ବିଜେପି ଛାଡି ସାରିଛନ୍ତି । ବିକାଶ ଧାରାରେ ସାମିଲ ହେବାକୁ ସେମାନେ ଏବେ ନୁହେଁ ବରଂ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଛାଡି ବିଜେଡିରେ ସାମିଲ ହୋଇ ସାରିଛନ୍ତି ବୋଲି ସେମାନେ କହିଛନ୍ତି।

## ପଥର ରେ ଛେଚି ଯୁବକଙ୍କୁ ନିର୍ମମ ହତ୍ୟା : ଜଣେ ଅଟକ

କେନ୍ଦୁଝର, (ପିଏନ)- କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଅନ୍ତର୍ଗତ ରେବଣା ଛକ ନିକଟରେ ଜଣେ ଯୁବକଙ୍କ ରକ୍ତାକ୍ତ ବିଭତ୍ସ ମୃତଦେହ ଉଦ୍ଧାର କରାଯାଇଛି । ମିଳିଥିବା ସୂଚନାନୁଶାରେ ଉକ୍ତ ରକ୍ତାକ୍ତ ବିଭତ୍ସୟ ମୃତ ଦେହ ରେବଣା ଗ୍ରାମର ୨୭ ବର୍ଷ ବୟସ୍କ ଯୁବକ ଡାବର ମାଝୀଙ୍କର ବୋଲି ଜଣାପଡିଛି । କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ ତଥା ଦୈତାରୀ ଥାନା ଅନ୍ତର୍ଗତ ରେବଣା ଗ୍ରାମର ଯୁବକ ଡାବର ମାଝୀଙ୍କୁ କେହି ଦୁର୍ବୃତ ଅତି ନିର୍ମମ ଭାବେ ପଥରେ ଛେଚି ହତ୍ୟା କରିଛି । ହତ୍ୟାକାଣ୍ଡର କାରଣ ନିର୍ଦ୍ଧିଷ୍ଟ ଭାବେ ଜଣା ପଡିନାହିଁ । ଶନିବାର ଦିନ ସକାଳୁ ହରିଚନ୍ଦନପୁର ବ୍ଲକର ବରେଇଗୋଡା ଠାରୁ ଦୈତାରୀ ଯିବା ରାସ୍ତାର ରେବଣା ଛକ ନିକଟ ରେ ଡାବରଙ୍କ ରକ୍ତାକ୍ତ ମୃତ୍ୟୁ ଦେହ ପଡିତିବା ଦେଖି ଲୋକମାନେ ପୋଲିସକୁ ସୂଚନା ଦେଇଥିଲେ । ଡାବରଙ୍କ ମୃତ ଦେହ ରାସ୍ତା ମଝିରେ ପଡିଥିବା ଦେଖିବାକୁ ମିଳିଥିଲା, ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ମଧ୍ୟ ବହୁ ସମୟ ଧରି ବ୍ୟାହତ ହୋଇ ପଡିଥିଲା । ମୃତ ଡାବର ମାଝୀ ଗତକାଲି ତଥା ଶୁକ୍ରବାର ଦିନ ନିଜ ପୁତୁରା ସହ ହରିଚନ୍ଦନପୁର ହାଟକୁ ଯାଇଥିଲେ ଏବଂ ଘରକୁ ଫେରିଥିଲେ ମଧ୍ୟ । କିନ୍ତୁ ଫେରିବା ପରେ ପୁନର୍ବାର ବାହାରକୁ ଯିବା ପରେ ଆଉ ଘରକୁ ଫେରି ନଥିଲେ । ଏସ୍‌ଡିପିଓ ରବିନ୍ଦ୍ର ମଲ୍ଲୀକ ଥାନା ଅଧିକାରୀ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଂଚି ମୃତ୍ୟୁଦେହକୁ ଜବଦ କରି ଆନନ୍ଦପୁର ଉପଖଣ୍ଡ ସ୍ୱାସ୍ଥ କେନ୍ଦ୍ରକୁ ପଠାଇବା ସହ ଘଟଣା ସଂପର୍କରେ ତଦନ୍ତ ଆରମ୍ଭ କରିଛନ୍ତି । ଏହି ଘଟଣାରେ ପୋଲିସ ଜିତେନ୍ଦ୍ର ଦେହୁରୀ ନାମକ ଜଣେ ବ୍ୟକ୍ତି ଙ୍କୁ ଅଟକ ରଖି ପଚରା ଉଚୁରା କରୁଥିବା ବେଳେ ଏକ ସ୍କୁଟର ଜବଦ କରିଛି ।

### ଭାରତ କେମିକାଲ ଇଞ୍ଜିନିୟରିଂ କଂଗ୍ରେସର କେମକନ୍ ୨୦୧୯ର ଉଦ୍‌ଘାଟନ ସମାରୋହରେ କେନ୍ଦ୍ରମନ୍ତ୍ରୀ

## ଶିଳ୍ପ ବିପ୍ଳବ ୪.୦ରେ ମାଲିକ ହେବେ ଭାରତୀୟ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)- ବିଶ୍ୱ ଜ୍ଞାନ ଆଧାରିତ ଅର୍ଥନୀତି ଆଡକୁ ବଢୁଥିବା ବେଳେ ଶିଳ୍ପ ବିପ୍ଳବ ୪.୦ରେ ଭାରତର ଲୋକଙ୍କୁ ମାଲିକ ହେବାକୁ ପଡିବ । ବିଫଳତାକୁ ବିଜୟ କରି ଆଗକୁ ଆଗକୁ ବଢିବାକୁ ପଡିବ ବୋଲି ରବିବାର ନୂଆଦିଲ୍ଲୀ ଠାରେ ଭାରତ କେମିକାଲ ଇଞ୍ଜିନିୟରିଂ କଂଗ୍ରେସ ପକ୍ଷରୁ ଆୟୋଜିତ କେମ୍‌କନ ୨୦୧୯ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ଅର୍ଥନୀତିକୁ ସ୍ଥାନୀୟକରଣ କରିବାରେ, ଆମଦାନୀକୁ ବଢାଇ ରପ୍ତାନୀକୁ କମାଇବାରେ ଏବଂ ବିଦେଶୀ ଖର୍ଚ୍ଚକୁ କମାଇବାର ଚାବିକାଠି ରସାୟନ ବିଜ୍ଞାନ ବିଭାଗ ପାଖରେ ରହିଛି ଏବଂ ଦେଶର ବିକାଶ କରିବାର ଦୃଢତା ଏହି ବିଭାଗ ପାଖରେ ରହିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଭାରତ ଆଜି ଅନେକ ସମସ୍ୟା ଦେଇ ଗତିକରୁଛି । ଅନ୍ୟ ଦେଶ ତୁଳନାରେ ଦେଶରେ ପଲିସି ନିର୍ମାତା, ଅନୁଷ୍ଠାନ ଏବଂ ଶିଳ୍ପର ତାଳମେଳ ନରହିବା କାରଣରୁ ବିଫଳତାକୁ ବିଜୟ କରିବା ସମ୍ଭବ ହେଉନାହିଁ । ଏହାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷର ଯୁବ ବର୍ଗଙ୍କ ଠାରୁ ଅନେକ ଅପେକ୍ଷା ରଖିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ପ୍ରଥମ ସିନଗ୍ୟାସ ପ୍ଲାଂଟ ଓଡିଶାର ତାଳଚେରରେ ପ୍ରତିଷ୍ଠା କରାଯିବ । ଭାରତ ସରକାରଙ୍କ ଗେଲ୍, କୋଲ ଇଣ୍ଡିଆ, ରାଷ୍ଟ୍ରାୟତ ଫର୍ଟିଲାଇଜର ସହାୟତାରେ ଏହି କାମ ମଧ୍ୟ ଆରମ୍ଭ ହୋଇଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ଆଡକୁ ଗତି କରୁଛି । ତେଣୁ ବିଶ୍ୱ ଦୃଶ୍ୟପଟ୍ଟରେ ଭାରତ ପାଖରେ ନୂଆ ସୁଯୋଗମାନ ରହିଛି । ଏହି ସମୟରେ ଦେଶକୁ ବିଫଳତାକୁ ସାମ୍ନା କରି ଜିତିବାକୁ ହେବ । ଅପରପକ୍ଷରେ ଭାରତବର୍ଷର ସାଧାରଣ ଲୋକର ଜୀବନରେ ମୂଳଭୁତ ପରିବର୍ତନ ଆଣିବାର କ୍ଷମତା ରସାୟନ ବିଜ୍ଞାନ ବିଭାଗ ପାଖରେ ରହିଛି । ୨୦୩୦ ସୁଦ୍ଧା ଭାରତ ଦୁନିଆର ୧ ନମ୍ବର ଉର୍ଜା ଉପଭୋକ୍ତା ହେବ ବୋଲି ସେ କହିଛନ୍ତି । ଭାରତରେ ସ୍ଥାନୀୟ ବାୟୋମାସରୁ ୫ ହଜାର ମିଥାନାଲ ପ୍ଲାଟ ନିର୍ମାଣ ହେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଏଥିପାଇଁ ୫୦୦ ଉଦ୍ୟୋଗୀଙ୍କୁ ଏଲଓଆଇ ମଧ୍ୟ ପ୍ରଦାନ କରାଯାଇଛି । ଦେଶରେ ନବୀକରଣ ଉର୍ଜାରୁ ବିଦ୍ୟୁତଚାଳିତ ଗାଡି ନିର୍ମାଣ ହେବା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅପରପକ୍ଷରେ ଦେଶରେ ୬୦୦ ମିଲିୟନ ମେଟ୍ରିକ୍ ଟନ୍ ବାୟୋମାସ ଉପଲବ୍ଧ ରହିଛି ଏବଂ ଏହାକୁ ଉପଯୋଗ କରିବାର ଜ୍ଞାନ ରସାୟନ ବିଜ୍ଞାନ ବିଭାଗ ପାଖରେ ଅଛି । ସେ କହିଛନ୍ତି ଯେ ବିଶ୍ୱରେ ଭାରତର ପେଟ୍ରୋମଲିୟମ ରିଫାଇନାରୀ କମ୍ପ୍ଲେକ୍ସିଟି ବା ଜଟିଳତା କାରଣରୁ ଚର୍ଚ୍ଚା ହେଉଛି । ଭାରତରେ ବିଭିନ୍ନ ପ୍ରକାର ଅଶୋଧିତ ତୈଳର ରିଫାଇନ କରିବାରେ କମ୍ପ୍ଲେକ୍ସିଟିରର ଉନ୍ନତୀକରଣ ଧୀରୁଭାଇ ଅମ୍ବାନୀଙ୍କ କାରଣରୁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି ।

## ଡିସେମ୍ବର ଶେଷ ସୁଦ୍ଧା ଶେଷ ହେବ ବିଜେପି ରାଜ୍ୟ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା

ଭୁବନେଶ୍ୱର, (ପିଏନ)- ଡିସେମ୍ବର ମାସ ସୁଦ୍ଧା ବିଜେପି ରାଜ୍ୟ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ମାସ ଶେଷ ସୁଦ୍ଧା ରାଜ୍ୟ ବିଜେପି ସଭାପତି ନିର୍ବାଚନ ହେବ ବୋଲି ସୂଚନା ଦେଇଛନ୍ତି ବିଜେପି ପ୍ରଭାରୀ ତଥା ପାର୍ଟିର ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ । ଶ୍ରୀ ସିଂହ କହିଛନ୍ତି ଯେ ବିଜେପି ରାଜ୍ୟ ସଭାପତି ପଦ ପାଇଁ ଏକ ମତଦାତା ସୂଚୀ ତିଆରି କରା ଯାଇଥାଏ । ଏଥିରେ ସମସ୍ତ ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତି ଓ ରାଜ୍ୟ ପରିଷଦର ସଦସ୍ୟ ମାନେ ରହିଥାନ୍ତି । ଏହି ମତଦାତା ସୂଚୀର ସଦସ୍ୟ ମାନେ ରାଜ୍ୟ ସଭାପତି ବାଛିଥାନ୍ତି । ସେ କହିଛନ୍ତି ଯେ ବିଜେପି ହେଉଛି ଏକ ମାତ୍ର ରାଜନୈତିକ ଦଳ ଯେଉଁ ଠାରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ରହିଛି । ବିଜେପିର ରାଜ୍ୟ ସଭାପତି କିଏ ହେବ ତାହା ଏବେ ଠାରୁ କହି ହେବ ନାହିଁ । ଏହି ମତଦାତା ସୂଚୀରେ ଥିବା ମତଦାତା ମାନେ ସ୍ଥିର କରିବେ ବୋଲି ସେ କହିଛନ୍ତି ।

## ନାଗରିକତା ସଂଶୋଧନ ଆଇନ ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ଅରୁଣ ସିଂହ

ଭୁବନେଶ୍ୱର, (ପିଏନ)- ପାକିସ୍ତାନ, ବଙ୍ଗଳାଦେଶ ଓ ଆଫଗାନିସ୍ତାନରେ ନିର୍ଯ୍ୟାତନାର ଶୀକାର ହୋଇଥିବା ସଂଖ୍ୟାଲଘୁ ସଂପ୍ରଦାୟର ଶରଣାର୍ଥୀ ମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରିବା ପାଇଁ ଯେଉଁ ଆଇନ ପ୍ରଣୟନ ହେଲା ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ବିଜେପି ପ୍ରଭାରୀ ତଥା ପାର୍ଟିର ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ । ସେ କହିଛନ୍ତି ଯେ ଏହି ପଦକ୍ଷେପ ଭାରତର ଇତିହାସରେ ସ୍ୱର୍ଣାକ୍ଷରରେ ଲେଖା ଯିବ । ଏହି ଆଇନ ପାରିତ ହେବା ପରେ ସେମାନଙ୍କର ଜୀବନରେ ଖୁସି ଆସିବ, ସେମାନେ ନାଗରିକତ୍ୱ ପାଇବେ । ସେ କହିଛନ୍ତି ଯେ ଧାରା ୩୭୦ ଉଚ୍ଛେଦ ହେବା, ସମସ୍ତଙ୍କ ପ୍ରୟାସରେ ସର୍ବସମ୍ମତି କ୍ରମେ ଅଯୋଧ୍ୟାରେ ଶ୍ରୀରାମଜନ୍ମଭୂମି ଠାରେ ମନ୍ଦିର ନିର୍ମାଣ ପାଇଁ ମାର୍ଗ ପ୍ରସ୍ତୁତ ହେବା ପରେ ଏବେ ନାଗରିକତା ସଂଶୋଧନ ବିଲ ପାରିତ ହୋଇ ପାରିଛି । ଏହା ଦ୍ୱାରା ଏହି ଶରଣାର୍ଥୀ ମାନଙ୍କୁ ଲାଭ ମିଳିବ ବୋଲି ସେ କହିଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ବଲିଉଡକୁ ଫେରୁଛନ୍ତି ଟ୍ୱିଙ୍କଲ

ଅକ୍ଷୟ କୁମାରଙ୍କ ସହ ବିବାହ ପରେ ଫିଲ୍ମ ଦୁନିଆରୁ ଦୂରେଇ ରହିଥିଲେ ଟ୍ୱିଙ୍କଲ ଖନ୍ନା। କିନ୍ତୁ ଏବେ ପୁଣିଥରେ ସେ ଏହି ଦୁନିଆକୁ ଫେରିବାକୁ ଯାଉଛନ୍ତି। ମାତ୍ର ପୂର୍ବପରି ସେ ପରଦା ଉପରେ ଅଭିନୟ କରିବେ ନାହିଁ। ବରଂ ପରଦା ପଛରେ ରହି ଫିଲ୍ମ ନିର୍ମାଣ କରିବେ। ଆଜ୍ଞା ହଁ, ଅଭିନୟ ପରେ ଏବେ ପ୍ରଯୋଜନା ପାଇଁ ମନ ବଳାଇଛନ୍ତି ଟ୍ୱିଙ୍କଲ। ଖୁବ୍ ଶୀଘ୍ର ସେ ନିଜର ପ୍ରଡକ୍ସନ ହାଉସ୍ ମିଷ୍ଟ୍ରେସ୍ ଫନିବୋନସ୍ ମୁଭିଜ୍‌ରେ ପତି ଅକ୍ଷୟଙ୍କୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଶୁଣିବାକୁ ମିଳିଛି କି ଟ୍ୱିଙ୍କଲଙ୍କ ପ୍ରଯୋଜନାରେ ଫିଲ୍ମର ନିର୍ଦ୍ଦେଶନା ଦେବେ ଆର. ବାଲକୀ। ଯେଉଁଥିରେ ଅକ୍ଷୟଙ୍କ ବିପକ୍ଷରେ ସୋନମ୍ କପୁର ରହିଛନ୍ତି। ଏକ ମିଡିଆର ସୂଚନା ଅନୁଯାୟୀ, ଟ୍ୱିଙ୍କଲଙ୍କ ଚିନ୍ତାଧାରା ଅନୁଯାୟୀ ଆର.ବାଲକୀ କାହାଣୀ ଲେଖିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ମୁକ୍ତିଲାଭ କରିବ। ଦେଖାଯାଉ ଟ୍ୱିଙ୍କଲଙ୍କ ଏହି ନୂଆ ରାସ୍ତାରେ ତାଙ୍କୁ ସଫଳତା ମିଳିପାରୁଛି କି ନାହିଁ।



# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

# ତିଆରି ହେବ ଆଉ ଏକ ୱାଘା ବର୍ଡର

ଅହମ୍ମଦାବାଦ ପାକସ୍ଥିତ ଲୋକପ୍ରିୟ ପର୍ଯଣ୍ଟ୍ୟଟନ ସ୍ଥଳ ୱାଘା ବର୍ଡର ଭଳି ଗୁଜୁରାଟ ଭାରତ-ପାକିସ୍ତାନ ସୀମାରେ ଆଉ ଏକ ୱାଘା ବର୍ଡର ତିଆରି କରି ତାକୁ ପର୍ଯଣ୍ଟ୍ୟଟନ ସ୍ଥଳର ମାନଣ୍ଟ୍ୟତା ଦେବାର ଉଦଣ୍ଟ୍ୟମ ଆରମ୍ଭ ହୋଇଛି। ଗୁଜୁରାଟର ବନସକଣ୍ଠା ଜିଲାରେ ଏହି ୱାଘା ବର୍ଡର ଭଳି ଭବଣ୍ଟ୍ୟ ଗେଟର ନିର୍ମାଣ କରାଯିବ। ମୁଖଣ୍ଟ୍ୟମନ୍ତ୍ରୀ ବିଜୟ ରୂପାଣୀ ଏହା ଘୋଷଣା କରିବା ସହ କହିଛନ୍ତି ଯେ ଏଠାରେ ପର୍ଯଣ୍ଟ୍ୟଟକଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ଯାହା ପାକରେ ଦିଆଯାଉଛି।




# ରାଜ୍ୟବାସୀଙ୍କ ପାଇଁ ପିଆଜ ଚିନ୍ତା



ଗତ ପୂଜା ବଜାର ବେଳୁ ପିଆଜ ଦର ଅନିୟନ୍ତ୍ରିତ ହେବା ଦେଖାଦେଇଛି । ଗୋଟିଏ ପଟେ ରାଜ୍ୟବାସୀଙ୍କ ପାଇଁ ଏହି ସମୟରେ ଅଧିକ ପିଆଜ ଲୋଡା ପଡୁଥିଲା ବେଳେ ପାଇକରୀ ଏବଂ ଖୁଚୁରା ପିଆଜ ଦର ମଧ୍ୟରେ ଅଧିକ ଫରକ ରହିବା ଯୋଗୁ ଗ୍ରାହକମାନଙ୍କର ଚିନ୍ତା ବଢିଯାଇଛି । ଏକଥା ମଧ୍ୟ ସତ ଯେ ବଜାରର ଚାହିଦା ତୁଳନାରେ ଏବେ କମ୍ ପିଆଜ ଆସୁଛି । ରାଜ୍ୟକୁ ପିଆଜ ସାଧାରଣତଃ ଦକ୍ଷିଣ ଓ ପଶ୍ଚିମ ଭାରତରୁ ହିଁ ଆସିଥାଏ । ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ଓଡିଶାକୁ ଅଧିକ ପିଆଜ ଯୋଗାଇଥାନ୍ତି । କିନ୍ତୁ ଚଳିତବର୍ଷ ମହାରାଷ୍ଟ୍ର ଓ କର୍ଣ୍ଣାଟକ ରାଜ୍ୟରେ ନାହିଁ ନଥିବା ବନ୍ୟା ହୋଇଥିବା ଯୋଗୁ ଅନେକ ପିଆଜ ଗୋଦାମରେ ହିଁ ନଷ୍ଟ ହୋଇଯାଇଛି । ଯାହା ମଧ୍ୟ ରହିଛି ସେସବୁ ବନ୍ୟା ଯୋଗୁ ଅନ୍ୟ ରାଜ୍ୟକୁ ସ୍ୱାଭାବିକ ଭାବେ ଆସିପାରୁନାହିଁ । ଅନେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ବିଦ୍ୟୁତ ଯୋଗାଣ ଅସୁବିଧା ଯୋଗୁ ଶୀତଳ ଭଣ୍ଡାରମାନଙ୍କରେ ଥିବା ମାଲ ମଧ୍ୟ ନଷ୍ଟ ହୋଇଯାଇଛି । କ୍ଷତିକୁ ସମ୍ଭାଳିବା ପାଇଁ ସେମାନେ ନିଜର ଗଚ୍ଛିତ ମାଲ ଉପରେ ଅଧିକ ଅର୍ଥ ନେବାକୁ ବାଧ୍ୟ । କର୍ଣ୍ଣାଟକରେ ମଧ୍ୟ ବନ୍ୟା ପରିସ୍ଥିତି ଚଳିତବର୍ଷ ଅଧିକ ରହିଥିଲା । ମହାରାଷ୍ଟ୍ରପରି ସେମାନଙ୍କ ଅବସ୍ଥା ମଧ୍ୟ ଭଲ ନାହିଁ । ଏହି କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ଏକାକୀ ସବୁମାଲ ଯୋଗାଇ ପାରିବ ନାହିଁ । ଏହି କାରଣରୁ ନୂଆଦିଲ୍ଲୀର ପରିବା ବଜାରରେ ପିଆଜର ଅଭାବକୁ ପୂରଣ କରିବା ପାଇଁ ଆଫଗାନିସ୍ଥାନର ବ୍ୟବସାୟୀ ପ୍ରତ୍ୟେକ ଦିନ ୨୦୦ଟ୍ରକ ପିଆଜ ଭାରତକୁ ପଠାଉଛନ୍ତି । ଭାରତ ପରି ଏତେ ବଡ ଦେଶ ପାଇଁ ଆଫଗାନି ପିଆଜ ସବୁଆଡେ ପହଞ୍ଚିବା ସମ୍ଭବପର ନହେଲେ ମଧ୍ୟ କେତେକାଂଶରେ ବଜାରର ଦରକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଛି । ଯେଉଁଥିପାଇଁ ମୁମ୍ବାଇରେ କିଲୋପିଛା ୮୦ଟଙ୍କା ଧରିଥିବା ପିଆଜଦର ଏବେ ହ୍ରାସ ପାଇଛି ।

ରାଜ୍ୟରେ ପିଆଜ ଉତ୍ପାଦନ ବାର୍ଷିକ ୩.୭୯ ଲକ୍ଷ ମେଟ୍ରିକ ଟନ୍ ବୋଲି ଜଣାପଡିଛି । ରାଜ୍ୟର ବାର୍ଷିକ ଚାହିଦା ୩ଲକ୍ଷ ମେଟ୍ରିକ ଟନ୍ । ତେଣୁ ପାଖାପାଖି ୭୯ହଜାର ମେଟ୍ରିକ ଟନ୍ ବଳିପଡିବା କଥା । କିନ୍ତୁ ରାଜ୍ୟରେ ଶୀତଳଭଣ୍ଡାରର ଅଭାବ ଥିବା ହେତୁ ଚାଷୀମାନେ ଉତ୍ପାଦନ ପରେ ପିଆଜ ସାଇତି ରଖିବା ସମ୍ଭବପର ହେଉନାହିଁ । ବଳକା ପିଆଜକୁ ଅଳ୍ପଦରରେ ବେପାରୀମାନେ ରାଜ୍ୟ ବାହାରକୁ ନେଇଯାଉଛନ୍ତି । ରାଜ୍ୟରେ ଶୀତଳଭଣ୍ଡାର ନିର୍ମାଣ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ । ଭିନ୍ନ ଭିନ୍ନ ମିଶନ ନାମରେ ନୂଆ ନୂଆ ସ୍ୱପ୍ନର ପ୍ରଚାର ହେଉଛି । କିନ୍ତୁ ଆକସନ ମୋଡକୁ ଆସିଲାବେଳକୁ ସବୁ ମିଶନ କମିଶନର ଅନ୍ଧକାର ଗଳି ମଧ୍ୟରେ ବାଟବଣା ହୋଇଯାଉଛି । ପ୍ରଶାସନିକ ନାଲିଫିତା ତଳେ ଅନେକ ପ୍ରକଳ୍ପ ଅଦିନିଆ କବର ଲିଭିଲା ପରି ରାଜ୍ୟର କୃଷି କ୍ଷେତ୍ରରେ ଆମେ ବହୁତ ଭଲ କରିଛୁ ବୋଲି କହି ଆତ୍ମସନ୍ତୋଷ ଲାଭ କରୁଛୁ । ସରକାର କୃଷି କର୍ମଣ ପୁରସ୍କାରକୁ ଖୁବ୍ ଜୋପ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରଚାର କରୁଛନ୍ତି । କିନ୍ତୁ ଏବେ ପିଆଜ ୬୦ରୁ ୭୦ଟଙ୍କା ଯାଏ ଖୁଚୁରା ବଜାରରେ ବିକ୍ରି ହେଉଥିବାବେଳେ ନିୟନ୍ତ୍ରଣ କରିବାକୁ କେହିନାହିଁ । ଦୁଇ ଚାରିଟା ହାଟରେ ଚଢାଉ କରି ସମସ୍ତେ ଚୁପ୍ । ସବୁ ଯେମିତି ଠିକ୍ ଠାକ୍ ଚାଲିଛି । ବଜାରରେ ପିଆଜ ଦର ଗ୍ରାହକଙ୍କ ମନରୁ ଲୁହ ଝରାଉଛି ଆଖିରୁ ନୁହେଁ । ଆଖି କେବଳ ଚାହିଁରହିଛି ମନ ଖାଲି କଷ୍ଟ ଅନୁଭବ କରୁଛି ।

କେନ୍ଦ୍ର ସରକାର ରାଜ୍ୟଗୁଡିକୁ ପିଆଜ ଯୋଗାଇ ନପାରି ଏବେ ଆଫଗାନିସ୍ଥାନ, ଇରାନ, ଇଜିପଟ୍ ଆଦି ଦେଶରୁ ପିଆଜ ଆମଦାନି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏପରି ସ୍ଥିତିରେ ବଜାରର ଆବଶ୍ୟକତାନୁସାରେ ଯୋଗାଣ କମ୍ ହେଉଥିବାରୁ ଅଭାବ ଦେଖାଦେଇଛି । ଭାରତର ପିଆଜ ଉପରେ ପଡୋଶୀ ବଙ୍ଗଳାଦେଶ ଓ ନେପାଳ ଆଦି ଦେଶ ନିର୍ଭର କରିଥାଆନ୍ତି । କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରେ କଟକଣା ଲଗାଇଥିବା ହେତୁ ପଡୋଶୀ ରାଷ୍ଟ୍ରଗୁଡିକରେ ପିଆଜ ପାଇଁ ଲୋକଙ୍କ ଚିନ୍ତା ବଢିଯାଇଛି । ସେହିପରି ରାଜ୍ୟ ମଧ୍ୟ ପିଆଜ ପାଇବା ପାଇଁ ଚିନ୍ତାରେ ପଡିଛି । ଖାଉଟୀମାନଙ୍କୁ ସାମଗ୍ରୀ ଯୋଗାଣ ପାଇଁ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଥିବା ନେଇ ପ୍ରକାଶ ପାଇଛି । ଏବେ ରାଜ୍ୟରେ ପିଆଜ ବଜାର ଦର କ୍ୱିଣ୍ଟାଲ ପିଛା ୧୦,୦୦୦ ଟଙ୍କାରୁ ବଢି ୧୫,୦୦୦ଟଙ୍କା ଧରିଲାଣି । ଲଗାଣ ବର୍ଷାରେ କର୍ଣ୍ଣାଟକ ଆନ୍ଧ୍ର ଏବଂ ମହାରାଷ୍ଟ୍ରରେ ପିଆଜ ନଷ୍ଟ ହୋଇଥିବା ଯୋଗୁ ମହଜୁଦ୍‌କାରୀ ବେପାରୀମାନେ ପରିସ୍ଥିତିରୁ ଫାଇଦା ଉଠାଇ ଦର ବଢାଇବାରେ ଲାଗିଛନ୍ତି । କୃତ୍ରିମ ଭାବେ ଏ ପ୍ରକାର ମୂଲ୍ୟ ବୃଦ୍ଧି ଖାଉଟୀମାନଙ୍କ ଚିନ୍ତା ବଢାଉଛି । ତେଣୁ ଓଡିଶାରେ ରାଜ୍ୟ ସରକାର ଯୋଗାଣ ବିଭାଗ ସହାୟତାରେ ସୁଲଭ ବିକ୍ରୟ କେନ୍ଦ୍ର ଏବଂ ମୈତ୍ରୀ ବିକ୍ରୟ କେନ୍ଦ୍ର ମାଧ୍ୟମରେ ପିଆଜ ବିକ୍ରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଜିଲ୍ଲାପାଳମାନେ ସ୍ଥାନୀୟ ବଜାରରୁ ପିଆଜ ସଂଗ୍ରହ କରି ଖାଉଟୀମାନଙ୍କୁ କୌଣସି ଲାଭ ନରଖି ବିକ୍ରି କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଦେଖିବାକୁ ଗଲେ ପିଆଜ ଉତ୍ପାଦନ କ୍ଷେତ୍ରରେ ଓଡିଶା ପୂର୍ବେ ଆତ୍ମନିର୍ଭରଶୀଳ ଥିଲା । ଛୋଟ ପିଆଜର ଉତ୍ପାଦନ ରାଜ୍ୟରେ ଭଲ ହେଉଥିଲା । କିନ୍ତୁ ଓଲି ପିଆଜ ବାହାର ରାଜ୍ୟରୁ ଆସିବା ପରେ ଛୋଟ ପିଆଜର ଆଦର ହ୍ରାସ ପାଇଲା । ରାଜ୍ୟର ଚାଷୀମାନେ ମଧ୍ୟ ଦେଶୀ ପିଆଜର ଚାଷରୁ ମୁହଁ ଫେରାଇ ନେଲେ । ଫଳରେ ଆଳୁ ପରି ପିଆଜ ଚାଷ କ୍ଷେତ୍ରରେ ମଧ୍ୟ ରାଜ୍ୟ ପଛକୁ ଗଲା । ପରବର୍ତ୍ତୀ ସମୟରେ ସରକାର ଏହା ଉପରେ ଅଧିକ ଦୃଷ୍ଟି ନଦେବା ହେତୁ ସ୍ଥିତି ଅଧିକ ଖରାପ ହେବାକୁ ଲାଗିଲା । ଆଳୁ ମିଶନ ପରି ପିଆଜ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ରାଜ୍ୟ ଆତ୍ମ ନିର୍ଭରଶୀଳ ହୋଇ ପାରିଲା ନାହିଁ । ଭଣ୍ଡାରକରଣର ଅଭାବ ହେତୁ ନିଅଣ୍ଟ ଅବସ୍ଥାରେ ପରିସ୍ଥିତିକୁ ସମ୍ଭାଳିବା ସହଜ ହେଉନାହିଁ । ଅତୀତରେ ରାଜ୍ୟରେ ପିଆଜ ସଙ୍କଟ ସୃଷ୍ଟି ହେବା ଦେଖି ସରକାର ଅଧିକ ଚାଷ ପାଇଁ ଘୋଷଣା କରିଥିଲେ । କିନ୍ତୁ ସେହି ପଦକ୍ଷେପ ରାଜ୍ୟକୁ ପିଆଜ ଉତ୍ପାଦନ କ୍ଷେତ୍ରରେ ଆଗୁଆ କରିପାରିନାହିଁ । ତେଣୁ ରାଜ୍ୟ ସରକାର ପିଆଜ ଉତ୍ପାଦନ ବୃଦ୍ଧି ପାଇଁ କେତେକ ନିର୍ଦ୍ଦିଷ୍ଟ ଜିଲ୍ଲା ଚୟନ କରି ନିରନ୍ତର ଚାଷୀଙ୍କୁ ପ୍ରଶିକ୍ଷିତ କରିବା ସହ ବଜାର ସହଯୋଗ ଯୋଗାଇ ଦିଅନ୍ତୁ । ଆବଶ୍ୟକ ଆର୍ଥିକ ସହାୟତା ମଧ୍ୟ ବ୍ୟାଙ୍କଗୁଡିକ ପକ୍ଷରୁ ଦିଆଯାଉ । ଏ କ୍ଷେତ୍ରରେ ଶିକ୍ଷିତ ଚାଷୀଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉ । ରାଜ୍ୟ ବାହାରକୁ ଯାଇ କୃଷି କ୍ଷେତ୍ର ଅଧ୍ୟୟନ ପାଇଁ ସେମାନଙ୍କୁ ସୁଯୋଗ ପ୍ରଦାନ କରାଯାଉ । ଏହି କାର୍ଯ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅନ୍ୟମାନଙ୍କୁ କାର୍ଯ୍ୟରେ ଲଗାଯାଉ । ସରକାର ସବୁକ୍ଷେତ୍ରରେ ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାମାଜିକ ସଂଗଠନକୁ ଲଗାଉଥିଲା ବେଳେ କୃଷିକ୍ଷେତ୍ରରେ କେବଳ ବିଭାଗୀୟ ଅଧିକାରୀମାନେ ହିଁ କାର୍ଯ୍ୟ କରୁଛନ୍ତି । ଏ ପ୍ରକାର କାର୍ଯ୍ୟର ଢାଞ୍ଚାକୁ ବଦଳାଯାଉ । ରାଜ୍ୟରେ ପନିପରିବାର ଅଭାବ ବାରମ୍ବାର ସମସ୍ୟା ସୃଷ୍ଟି କରୁଥିଲାବେଳେ ସେଥିପ୍ରତି ଅଧିକ ଦୃଷ୍ଟି ଦିଆଯାଉ । କୃଷିକ୍ଷେତ୍ରରେ ଢାଞ୍ଚାଗତ ବିକାଶ ଉପରେ ଅଧିକ ଜୋର ଦେଇ ସରକାର କାର୍ଯ୍ୟ କରିବା ଆବଶ୍ୟକ । ଚାଷୀମାନଙ୍କୁ କେବଳ ଅର୍ଥ ଦେଇ ଅଳସୁଆ କରିବା ପରିବର୍ତ୍ତେ ସେମାନଙ୍କୁ କର୍ମଠ କରିବା ପାଇଁ ସରକାର ଦୃଷ୍ଟି ଦିଅନ୍ତୁ । ରାଜ୍ୟର ଅଭାବକୁ ଚାହିଁ କୃଷି ଯୋଜନା ପ୍ରସ୍ତୁତ କରାଯାଉ । ଏ କ୍ଷେତ୍ରରେ ଉତ୍ସାହୀ ଚାଷୀମାନଙ୍କୁ ସରକାର ନିଜ ଆଡୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରନ୍ତୁ । ରାଜ୍ୟର ପନିପରିବା ଚାଷୀମାନଙ୍କ ପାଇଁ ପୋର୍ଟାଲ ପ୍ରସ୍ତୁତ ହେଉ । ସେମାନେ ସେଥିରୁ ଦର ସୂଚନା ପାଇଁ ନିଜେ ବିକ୍ରି ସୁଯୋଗ ଯେପରି ପାଇପାରିବେ ସେଥିପାଇଁ ବ୍ୟବସ୍ଥା ହେଉ । ଧାନ ମଣ୍ଡି ପରି ପରିବା ସଂଗ୍ରହ କରିବା ଏବଂ ରାଜ୍ୟରେ ସେସବୁର ଯୋଗାଣ ପାଇଁ ଏକ ପରିବାର ନେଟୱାର୍କ ନିର୍ମାଣ ପାଇଁ ଏବେଠୁ ଯୋଜନାବଦ୍ଧ ପ୍ରୟାସ ହେଉ ।

**ସୌମେନ୍ଦ୍ର ଜେନା**, ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ସର୍ବବିଧ ସୁଖ ପାଇଁ ଭାଗବତ ପାଠ କରନ୍ତୁ

ଭୁବନେଶ୍ୱର (ପିଏନ୍): ନୂଆଗାଁସ୍ଥିତ ଆଧ୍ୟାତ୍ମିକ ବିଦ୍ୟାପୀଠରେ ଦିବ୍ୟ ଭାଗବତ ପ୍ରବଚନ ଆରମ୍ଭ ହୋଇଛି । ପ୍ରବଚନ ପୂର୍ବରୁ ସନ୍ଧ୍ୟାରେ ୫୧ଜଣ ମହିଳା କଳସ ଶୋଭାଯାତ୍ରାରେ ଭାଗ ନେଇଥିଲେ । ଏହି ପ୍ରବଚନରେ ମାତାଜୀ ଭାଗବତ ଶୁଣିବା ପାଇଁ ଭାଗ୍ୟ ଆବଶ୍ୟକ ବୋଲି କହିଥିଲେ । ଭାଗବତରେ ମଣିଷର ସର୍ବବିଧ ସୁଖର ଗୁପ୍ତ ରହସ୍ୟ ଲୁକ୍କାୟିତ ହୋଇ ରହିଥିବା କଥା ସେ କହିଥିଲେ । ଭାଗବତ ଶୁଣିବା ଲୋକ ଭଗବାନଙ୍କ ଆଶୀର୍ବାଦ ପାଇଥାଏ । ଆଜିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସ୍ୱାମୀ ସତ୍ୟାନନ୍ଦ ଦାସ ମହାରାଜ ପ୍ରଦୀପ ପ୍ରଜ୍ୱଳନ କରି ପ୍ରବଚନକୁ ଉଦ୍‌ଘାଟନ କରିଥିଲେ । ଆଧ୍ୟାତ୍ମିକ ବିଦ୍ୟାପୀଠର ଅଧ୍ୟକ୍ଷ ସ୍ୱାମୀ ଦିବ୍ୟାନନ୍ଦ ଗିରି, ଭାରତୀୟ ବିଦ୍ୟାଭବନର ନିର୍ଦ୍ଦେଶକ ଡଃ ଏସ୍.କେ. ତାମୋଟିଆ ସନ୍‌ମାର୍ଗ ପତ୍ରିକାର ପ୍ରକାଶକ ଡଃ ଲକ୍ଷ୍ମୀନାରାୟଣ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଭାଗବତ କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ଯାଏ ସନ୍ଧ୍ୟା ୬ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଚାଲିବ । ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଅବାହକ ଶ୍ରୀ ପରେଶ ନାୟକ ନିବେଦନ କରିଛନ୍ତି ।

## ଏଲ ଭି ପ୍ରସାଦ ଦୃଷ୍ଟି ହସ୍ପିଟାଲ ଅର୍ଜୁନ ୱାଣେ ଚକ୍ଷୁକେନ୍ଦ୍ରର ଚତୁର୍ଥ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର (ପିଏନ୍): ସାବିତ୍ରୀ ୱାଣେ ଚାରିଟେବୁଲ ଫାଉଣ୍ଡେସନ ସହାୟତାରେ ଗତ ୪ ବର୍ଷ ପୂର୍ବେ ଆମ୍ବପୁଆଠାରେ ପ୍ରତିଷ୍ଠା ହୋଇଥିବା ଏଲଭି ପ୍ରସାଦ ଦୃଷ୍ଟି ହସ୍ପିଟାଲ ଅର୍ଜୁନ ୱାଣେ ଚକ୍ଷୁକେନ୍ଦ୍ରର ଚତୁର୍ଥ ପ୍ରତିଷ୍ଠା ଦିବସ ୧୩ ତାରିଖରେ ହସ୍ପିଟାଲ ପରିସରରେ ମହାସମାରୋହରେ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଗଞ୍ଜାମ ଜିଲାରେ ଦୁଇ ଦୁଇଟି ବେସରକାରୀ ସ୍ୱେଚ୍ଛାସେବୀ ଚକ୍ଷୁ ଚିକିତ୍ସାକେନ୍ଦ୍ର ପ୍ରତିଷ୍ଠା ହୋଇ ଜିଲାର ଲକ୍ଷାଧିକ ଚକ୍ଷୁ ରୋଗୀଙ୍କ ଚିକିତ୍ସା କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି ବୋଲି କହିବା ସହ ଏହି କେନ୍ଦ୍ରର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା 'ନବୀନ'ର ସମ୍ପାଦକ ରବି ରଥ ଯୋଗଦେଇ ୨୦୧୫ ମସିହାରୁ ପ୍ରତିଷ୍ଠିତ ଏହି ହସ୍ପିଟାଲ ୪ ବର୍ଷ ଭିତରେ ୬୭,୬୭୭ ଆଉଟ ଡୋର ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହ ୫୨୯୫ ଜଣଙ୍କ ମାଗଣା ଚକ୍ଷୁ ଅସ୍ତ୍ରୋପଚାର କରାଯାଇଛି । ଅତ୍ୟାଧୁନିକ ଯନ୍ତ୍ରପାତି ଓ ଅଭିଜ୍ଞ ଡ଼ାକ୍ତରମାନଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଉଥିବାରୁ ଏହି ଅନୁଷ୍ଠାନ ବହୁ ସୁନାମ ଅର୍ଜନ କରିପାରିଛି ବୋଲି କହି ଏହାବ୍ୟତୀତ ଏହି ଅଞ୍ଚଳର ୧୩୨ଟି ଗ୍ରାମର ଚକ୍ଷୁ ରୋଗୀମାନଙ୍କୁ ଚିକିତ୍ସା ସେବା ଦେବାରେ ବେଶ ସହାୟକ ହୋଇପାରିଛି ମତ ଦେଇଥିଲେ । ତେଣୁ ଏହି ହସ୍ପିଟାଲରୁ ଚିକିତ୍ସା ସୁଯୋଗ ପାଇବା ପାଇଁ ଶ୍ରୀ ରଥ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼ା. ବର୍ଷା ରାଠୀ, ଭିଏସ ରୋଜି ପ୍ରସାଦ, ଚକ୍ଷୁ ପରାମର୍ଶଦାତା ଡ଼ା. ରଶ୍ମିରଞ୍ଜନ, ବିଜୟୱାଡ଼ାରୁ ଆସିଥିବା ସ୍ୱନାମଧନ୍ୟ ଚକ୍ଷୁ ଚିକିତ୍ସକ ଅରବିନ୍ଦ ରାୟ, ଏଲଭିପିଆଇଏର ଭୁବନେଶ୍ୱର ବରିଷ୍ଠ ଚକ୍ଷୁ ଚିକିତ୍ସକ ଡ଼ା. ସୁଜାତା ଦାଶ, ମ୍ୟାନେଜର ପ୍ରୋଗ୍ରାମ ଇମ୍ପେକ୍ଟ ମିଶନ ଫର ଭିଜନର ଅମିତ ମଣ୍ଡଳ, ଡ଼ା. ରାଘବେନ୍ଦ୍ର ରାଓ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଉଦବୋଧନ ଦେଇଥିଲେ । ଭୁବନେଶ୍ୱରରୁ ଆସିଥିବା ପ୍ରଶାସନିକ ଅଧିକାରୀ ରାମାନନ୍ଦ ମିଶ୍ର ପ୍ରଥମେ ସ୍ୱାଗତ ଭାଷଣ ଦେଇ ହସ୍ପିଟାଲ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଆଲୋକ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

# ଏନ୍‌କାଉଣ୍ଟର, ମୃତ୍ୟୁଦଣ୍ଡ ଓ ବିତର୍କର ରାଜନୀତି



ଅନେକ ବର୍ଷ ତଳେ 'ଅବତକ୍ ଛପନ୍' ଶୀର୍ଷକ ଏକ ହିନ୍ଦୀ ଫିଲ୍ମ ପ୍ରଚୁର ଦର୍ଶକୀୟ ଆଦୃତି ପାଇଥିଲା । ତଥାକଥିତ ଦୋଷୀକୁ ସ୍ୱଷ୍ଟ ଏନ୍‌କାଉଣ୍ଟର କରୁଥିବା ଜଣେ ଚର୍ଚ୍ଚିତ ପୋଲିସଙ୍କ କାହାଣୀର ଘଟଣା ବସ୍ତୁ ଥିଲା ଏହି ସିନେମାର ପ୍ରଚ୍ଛଦ ପ୍ରସଙ୍ଗ । ଏହି ଲେଖକ ସେ ଦିଗକୁ ଯାଉନାହିଁ, ଜଣେ ସଚେତନ ଭାରତର ନାଗରିକ ଭାବେ ଆଜିର ସମୟରେ ଏପରି ଲୋମହର୍ଷ ଘଟଣାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବାକୁ ଚାହୁଁଛି । ଆମ ଭାରତୀୟ ସଂସ୍କୃତି ହେଉଛି ଆର୍ଯ୍ୟ ସନାତନ ଧର୍ମର ଅନୁଚିନ୍ତନକୁ ବିଶ୍ୱାସ କରିଥାଏ । ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଆମ ସମସ୍ତଙ୍କର ଭୂଷଣ ହେଉଛି ଆଚରଣ, ସଂସ୍କାର, ବ୍ୟବହାର ସର୍ବୋପରି ମର୍ଯ୍ୟାଦା । କେତେ ଜଣ ଛାତିରେ ହାତ ଦେଇ କହିପାରିବେ ସେମାନେ ବାସ୍ତବରେ ଭାରତୀୟ ସଂସ୍କୃତିକୁ ଅକ୍ଷରେ ଅକ୍ଷାରେ ପାଳନ କରୁଛନ୍ତି । ଏହା କହିବା ପଛରେ ଏହି ଲେଖକ କାହାଙ୍କୁ ଅପମାନ କରୁନାହିଁ । ନାରୀ ମାନଙ୍କ ପ୍ରତି ଉଦ୍‌ବେଗଜନକ ଦୁଷ୍କର୍ମ ଓ ଅତ୍ୟାଚାରକୁ ଯେତେ କଡ଼ା ଭାଷାରେ ନିନ୍ଦା କଲେ ବି କମ୍ ହେବ । କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏକ ଶକ୍ତିଶାଳୀ ଓ ବିଶ୍ୱସ୍ତ ମଜଭୁତ୍ ସରକାର ଥିବାବେଳେ ଦେଶବାସୀ ସୁରକ୍ଷିତ ତ ଅଛନ୍ତି ନିଶ୍ଚୟ କିନ୍ତୁ ନାରୀ ସମାଜ ପ୍ରତି ଉଦ୍‌ବେଗଜନକ ଅତ୍ୟାଚାର ଘଟଣାକୁ ନେଇ ଆହୁରି କଠୋର ଦଣ୍ଡ ବିଧାନର ମୁହୂର୍ତ୍ତ ପହଞ୍ଚିଛି । ବିଦେଶୀ ଚାକଚକ୍ୟ ଭରା ରଙ୍ଗୀନ ଦୁନିଆ, ନିଶା ସେବନ, ଉତ୍ତେଜିତ କଲାଭଳି ବେଶ ପରିପାଟୀ ଓ ନିଜ ସଂସ୍କୃତିକୁ ପଛେଇ ରହୁଥିବାର ଅନେକ ଦୁଃଖଦ ଘଟଣା ଆଜିର ସମୟରେ ବେଳେ ବେଳେ ବେଦନା ଦାୟକ ପରିବେଶ ସୃଷ୍ଟି କରୁଛି । ଏପରି ଏକ ସମୟରେ ଆଇନ କେଉଁ ବାଟରେ ଯିବ ତାହା ବି ଏକ ବଡ଼ ପ୍ରଶ୍ନବାଚୀ । ପୋଲିସ ନିଜ ସୁରକ୍ଷା ପାଇଁ ଏନ୍‌କାଉଣ୍ଟର ଯାହା ହାଇଦ୍ରାବାଦରେ ଘଟିଛି ତାହାକୁ ଭାବାବେଗର ସହ କେହି କେହି ସମର୍ଥନ କରୁଥିଲେ ବି ଏହା ପଛର ଘଟଣାକୁ ଆମେ ଆଖି ବୁଜି ଦେଇପାରିବା ନାହିଁ । ଭାରତର ନ୍ୟାୟିକ ବ୍ୟବସ୍ଥା ସମ୍ବିଧାନକୁ ବିଶ୍ୱାସ କରେ । ଯଦିଓ ଆଜିର ସମୟରେ ଅନେକ ପୁରୁଣାକାଳିଆ ଇଂରେଜ ଅମଳର ଆଇନକୁ ବଦଳାଇବାର ସମୟ ମଧ୍ୟ ପହଞ୍ଚିଛି । ଗଣତନ୍ତ୍ରରେ ଆଇନ ଶାସନକୁ ସର୍ବଶ୍ରେଷ୍ଠ ମର୍ଯ୍ୟାଦା ଦିଆଯାଇଛି । ଜଣେ ଅପରାଧୀକୁ ଭାରତୀୟ ଆଇନ ବ୍ୟବସ୍ଥାରେ ଫାଶୀ ଦଣ୍ଡଭଳି ସର୍ବୋଚ୍ଚ ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି । ୨୦୧୧ ମସିହାରେ ସୁପ୍ରିମକୋର୍ଟ ସାଲୁଆ ଜୁଡୁଙ୍ଗୁ ମାମଲାରେ କହିଛନ୍ତି ଯେ ରାଷ୍ଟ୍ରର ପ୍ରତ୍ୟେକ ଅଙ୍ଗ ସମ୍ବିଧାନର ଚାରି କାନ୍ଥରେ ରହି କାର୍ଯ୍ୟ କରିବା ଉଚିତ ତାହା ହିଁ ହେଉଛି ଆଇନର ଶାସନ ।

ହାଇଦ୍ରାବାଦର ଏନ୍‌କାଉଣ୍ଟର ଘଟଣା ପରେ ପରେ ଉନ୍ନାଓ ପୀଡ଼ିତାଙ୍କ ଦୁଃଖଦ ମୃତ୍ୟୁ, ଜାତୀୟ ମାନବାଧିକାର କମିଶନର ଉଦ୍‌ବେଗ ଓ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କ ମତାମତ ଆଜିର ସମୟରେ ଅନେକ ପ୍ରଶ୍ନ ବି ସୃଷ୍ଟି କରିଛି । ୨୦୧୬ରେ ୩୮,୯୪୭ ବଳାତ୍କାର ଘଟଣା ପଞ୍ଜିକୃତ ହୋଇଥିବାବେଳେ ସେହିବର୍ଷ ସୁଦ୍ଧା ମହିଳାମାନଙ୍କ ବିରୁଦ୍ଧରେ ପ୍ରାୟ ୩ଲକ୍ଷ ୩୮ହଜାର ୯୫୪ ଅପରାଧୀକ ମାମଲା ହୋଇଥିବାର ପଞ୍ଜିକୃତ କରାଯାଇଛି । ମହିଳାଙ୍କ ସୁରକ୍ଷା ପାଇଁ ୨୦୧୩ରେ ନିର୍ଭୟା ପାଣ୍ଠି ଗଠନ ହେବା ସହ ଏହା ଅଧୀନରେ ୧୦ହଜାର କୋଟି ଆବଣ୍ଟନ ପାଇଁ ସରକାର ପ୍ରସ୍ତାବ ଦେଇଥିଲେ । ଯାହାକି ମହିଳା ମାନଙ୍କ ସୁରକ୍ଷା ପାଇଁ ଖର୍ଚ୍ଚ ହୋଇଥାନ୍ତା । କିନ୍ତୁ ସଂସଦରେ ଦାଖଲ ହୋଇଥିବା ତଥ୍ୟ ଅନୁଯାୟୀ ନିର୍ଭୟା ପାଣ୍ଠି ଅଧୀନରେ ବିଭିନ୍ନ ରାଜ୍ୟମାନଙ୍କୁ ୨୦୨୫୦ କୋଟି ଆବଣ୍ଟନ କରାଯାଇଛି । କେନ୍ଦ୍ର ଗୃହମନ୍ତ୍ରଣାଳୟ ଦ୍ୱାରା ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୧୬୫୬ କୋଟି ଟଙ୍କା ଦିଆଯାଇଛି । କିନ୍ତୁ ଦୁଃଖଦ କଥା ତାହା ଭିତରୁ ଗତ ପାଞ୍ଚ ବର୍ଷ ଭିତରେ ସମୁଦାୟ ୧୬୫୬.୭୧ କୋଟି ପାଣ୍ଠିରୁ ୧୪୬.୯୮କୋଟି ବ୍ୟବହାର ହୋଇଛି । ଛଅଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଯଥା ମହାରାଷ୍ଟ୍ର, ମଣିପୁର, ମେଘାଳୟ, ସିକିମ୍, ତ୍ରିପୁରା, ଡାମନ ଓ ଡିଉରେ ଗୋଟିଏ ଟଙ୍କା ବି ଖର୍ଚ୍ଚ ହୋଇନାହିଁ । ତେବେ ଚର୍ଚ୍ଚାରେ ରହିଥିବା ତେଲେଙ୍ଗାନା ସରକାର ୧୦୩ କୋଟିରୁ ମାତ୍ର ୪କୋଟି ଟଙ୍କା ବ୍ୟବହାର କରିଛନ୍ତି । କେନ୍ଦ୍ର ସରକାରଙ୍କ ନ୍ୟାୟ ବିଭାଗ ଦ୍ୱାରା ମଧ୍ୟ ନିର୍ଭୟା ପାଣ୍ଠିରୁ ଅର୍ଥ ଦିଆଯାଉଛି କିନ୍ତୁ କୌଣସି ରାଜ୍ୟ ଏହି ପାଣ୍ଠି ବ୍ୟବହାର କରିନାହାନ୍ତି । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଆଜି ସଂସଦରେ (ଡିସେମ୍ବର ୫ତାରିଖ)ରେ ଏକ ଲିଖିତ ଉତ୍ତରରେ ଦୁଷ୍କର୍ମ ମାମଲାର ବିଚାରଣା ପାଇଁ କେନ୍ଦ୍ର ସରକାର ୧୦୨୩ଟି ଅଧିକ ଫାଷ୍ଟଟ୍ରାକ କୋର୍ଟ ଗଠନ କରିବା ପାଇଁ ଯୋଜନା ରଖିଥିବାବେଳେ ଏହା ପାଇଁ ସରକାର ୭୨୬.୨୫କୋଟି ଟଙ୍କା ଖର୍ଚ୍ଚ ବରାଦ କରିଛନ୍ତି ।

ମହାମହିମ ରାଷ୍ଟ୍ରପତି ଶିଶୁ ଦୁଷ୍କର୍ମକାରୀଙ୍କୁ ରାଜକ୍ଷମା ମିଳିବା ଅନୁଚିତ ବୋଲି କହିବା ସହ ଏହି ଲେଖକ ବିଭିନ୍ନ ଦେଶରେ ଥିବା ଦୁଷ୍କର୍ମ ନିରୋଧୀ ଆଇନ ସମ୍ବନ୍ଧରେ ପାଠକ ମାନଙ୍କୁ ଜଣାଇବାକୁ ଚାହୁଁଛି । ଆମେରିକାର କାଲିଫର୍ଣ୍ଣିଆ ଫ୍ଲୋରିଡ଼ା ପରି କିଛି ରାଜ୍ୟରେ ବଳାତ୍କାରୀଙ୍କୁ ଦଣ୍ଡ ଦେବା ପାଇଁ କେମିକାଲ ବା ସର୍ଜିକାଲ ଉପାୟରେ ସେମାନଙ୍କୁ ନଂପୁଶକ କରିବାର ବ୍ୟବସ୍ଥା ରହିଛି । ପାକିସ୍ତାନରେ ଗଣ ବଳାତ୍କାର ପାଇଁ ଆଜୀବନ କାରାଦଣ୍ଡ ନଚେତ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା ରହିଛି । ଆଫଗାନିସ୍ତାନରେ ଏହି ଦୋଷ ପାଇଁ ଫାଶୀଦଣ୍ଡ ନଚେତ୍ ଗୁଳି ମାଡ଼ର ବ୍ୟବସ୍ଥା ରହିଛି । ସାଉଦିଆରବରେ ବଳାତ୍କାର ପାଇଁ ଦୋଷୀକୁ ତିନିପ୍ରକାର ମୃତ୍ୟୁ ଦଣ୍ଡ ଦିଆଯାଇଥାଏ । ପଥରଫୋପାଡି କିମ୍ବା ଗୁଳି କରି କିମ୍ବା ଖଣ୍ଡା ଦ୍ୱାରା ଶିର ଛେଦନ କରାଯାଇଥାଏ । ଚୀନରେ ଫାଶୀଦଣ୍ଡର ବ୍ୟବସ୍ଥା ରହିଥିବାବେଳେ, ଫ୍ରାନ୍ସରେ ୩୦ବର୍ଷର ସଶ୍ରମ କାରାଦଣ୍ଡ ରହିଛି । କାନାଡ଼ାରେ ଆଜୀବନ କାରାଦଣ୍ଡ କିମ୍ବା ସ୍ଥଳବିଶେଷରେ ୨୫ବର୍ଷ ଜେଲଦଣ୍ଡର ବ୍ୟବସ୍ଥା ଅଛି । ଭାରତର ନ୍ୟାୟିକ ବ୍ୟବସ୍ଥାରେ ବିଳମ୍ବିତ ନ୍ୟାୟ ଘଟଣା ଅନେକ ସମୟରେ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ହାଇଦ୍ରାବାଦର ତଥାକଥିତ ଏନ୍‌କାଉଣ୍ଟର ଏହି ବିଳମ୍ବିତ ନ୍ୟାୟର ଏକ ପ୍ରତିକ୍ରିୟା କହିଲେ ଅତ୍ୟୁକ୍ତି ହେବନାହିଁ । ହାଇଦ୍ରାବାଦର ଘଟଣା ଦେଶବାସୀଙ୍କର ଏକପ୍ରକାର ମର୍ମବେଦନାର ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଏନ୍‌କାଉଣ୍ଟର ପାଇଁ ଦେଶବ୍ୟାପୀ ଯେଉଁଭଳି ପ୍ରଶଂସାର ସୁଅ ଛୁଟିଛି ତାହା ନିକଟ ଅତୀତରେ କେବେହେଲେ ଦେଖାଯାଇ ନ ଥିଲା । ତେବେ ଏହି ଘଟଣାକୁ ନେଇ ବିଭିନ୍ନ ଦଳର ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । କିଛି ଆଇନ ପ୍ରଣୟନ କରିଦେଲେ ବା ଅନୁଷ୍ଠାନ ଗଢ଼ିଦେଲେ କୌଣସି ସମାଜ ସଭ୍ୟ ହୋଇପାରି ନ ଥାଏ । ଯଦି ସମାଜରେ ଆଇନ ଓ ଅନୁରୂପ ଆଚରଣ ପ୍ରଦର୍ଶିତ ହୁଏ ଏବଂ ଅନୁଷ୍ଠାନମାନେ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରନ୍ତି ତେବେ ଯାଇ ସମାଜ ସଭ୍ୟ ହୋଇଥାଏ । ଆମ ଭାରତବର୍ଷରେ ପର୍ଯ୍ୟାପ୍ତ ଆଇନ ରହିଛି କିନ୍ତୁ ଏଠାରେ ବିଳମ୍ବିତ ବିଚାର ପ୍ରକ୍ରିୟା ଓ ନ୍ୟାୟ ଅପେକ୍ଷାରେ ଥିବା ଅସଂଖ୍ୟ ମାମଲାର ତାଲିକା ତାହା ଜନସାଧାରଣଙ୍କ ଭିତରେ ହତୋତ୍ସାହିତ ସୃଷ୍ଟି କରୁଛି । ହାଇଦ୍ରାବାଦର ଘଟଣା ପରେ ଦିଲ୍ଲୀର ନିର୍ଭୟା କାଣ୍ଡର ପିତାମାତା ଏକ ଭାବାବେଗ ପ୍ରକାଶ କରି କହିଛନ୍ତି ଯେ ହାଇଦ୍ରାବାଦର ହତଭାଗିନୀ ପିତାମାତାଙ୍କ ନ୍ୟାୟ ପାଇବା ପାଇଁ ଅନ୍ତତଃ ସେମାନଙ୍କ ଭଳି ଦୀର୍ଘ ସାତବର୍ଷ କାଳ ଅପେକ୍ଷା କରିବାକୁ ପଡ଼ିନାହିଁ । ଏସବୁ ସମୟରେ କେନ୍ଦ୍ରର ଦୃଢ଼ ନରେନ୍ଦ୍ର ମୋଦୀଙ୍କ ସରକାର ଫାଷ୍ଟଟ୍ରାକ ଅଦାଲତକୁ ତ୍ୱରିତ ପ୍ରତିଷ୍ଠା କରି ବିଳମ୍ବିତ ନ୍ୟାୟ ପ୍ରତୀକ୍ଷାରେ ଥିବା ନ୍ୟାୟ ପ୍ରାର୍ଥୀ ମାନଙ୍କ ବିଚାର ପ୍ରକ୍ରିୟା ସୁଚାରୁରୂପେ ହୋଇପାରିଲେ ଏହା ନାରୀ ସମାଜ ପ୍ରତି ଏକ ଯଥାର୍ଥ ଓ ଆନ୍ତରିକ ସମ୍ମାନନୀୟ ପ୍ରୟାସ ବୋଲି ପ୍ରମାଣିତ ହୋଇପାରନ୍ତା । ଏପରି ଆଶା ଏହି ଲେଖକ ପରି କୋଟି କୋଟି ଭାରତୀୟଙ୍କର ମଧ୍ୟ ରହିଛି ।

**ଡାକ୍ତର ନୀଳମାଧବ ପୃଷ୍ଟି**, ସହକାରୀ ପ୍ରଫେସର, ଇଏନ୍‌ଟି ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ: ୯୪୩୯୪୮୨୫୨୬

# ରାଜ୍ୟସ୍ତରୀୟ ରକ୍ତଦାତା ଅନୁଷ୍ଠାନମାନଙ୍କର ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରସ୍ଥିତ ଇଡକଲ ଅଡିଟୋରିୟମରେ ସମର୍ପିତ ସୋସିଆଲ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଜାତୀୟସ୍ତରୀୟ ରକ୍ତଦାତା ଅନୁଷ୍ଠାନମାନଙ୍କର ଏକ ସମ୍ମିଳନୀ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମର୍ପିତ ଅନୁଷ୍ଠାନର ଉପଦେଷ୍ଟା ତଥା ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭାପତି ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ପାଇକରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ଓଡିଶାର ଉଚ୍ଚଶିକ୍ଷା ଓ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମାନ୍ୟବର ମନ୍ତ୍ରୀ ଡ. ଅରୁଣ ସାହୁ, ସ୍କୁଲ ଓ ଗଣଶିକ୍ଷା ବିଭାଗ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଂଜନ ଦାଶ, ଭିନ୍ନକ୍ଷମ କମିଶନ ଅଧକ୍ଷା ସୁଲୋଚନା ଦାସ, ମଧ୍ୟ-ଭୁବନେଶ୍ୱର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ସମର୍ପିତର ସମ୍ପାଦକ ଶ୍ରୀ ସଦାଶିବ ଜେନା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ମନ୍ତ୍ରୀ ଡ. ଅରୁଣ ସାହୁ ଓ ଶ୍ରୀ ସମୀର ରଂଜନ ଦାସ ରକ୍ତଦାନର ବିଶେଷତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେବା ସହିତ ବିଜୁ ଜନତା ଦଳ ଭଳି ରାଜନୈତିକ ଦଳ 'ଜୀବନ ବିନ୍ଦୁ' ମାଧ୍ୟମରେ ଓଡିଶାରେ ରକ୍ତଦାନର ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ । ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ସଂଗ୍ରାମ କେଶରୀ ପାଇକରାୟ ଓଡିଶାରେ ରକ୍ତ ଭଣ୍ଡାରର ଭିତ୍ତିଭୂମି କର୍ମଚାରୀଙ୍କ ଆବଶ୍ୟକତାକୁ ସମାଧାନ କରିବା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଓଡିଶା ଓ ୨୪ଟି ଅନ୍ୟ ରାଜ୍ୟରୁ ଆସିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନ କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ଶ୍ରୀମତୀ ସୁଲତା ଦେଓ, କ୍ୟାପିଟାଲ ହସପିଟାଲ ବ୍ଲଡ ବ୍ୟାଙ୍କ୍‌ର ଅଫିସର ଡଃ ଦେବାଶିଷ ମିଶ୍ର, ରାଜ୍ୟ ବ୍ଲଡ ଟ୍ରାନ୍ସଫ୍ୟୁଜନର ସମନ୍ୱୟକାରୀ ଶ୍ରୀ ସ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ରହି କିପରି ରାଜ୍ୟରେ ୧୦୦% ସ୍ୱେଚ୍ଛାକୃତ ରକ୍ତଦାନ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିବାବେଳେ ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ବିହାର, ଆସାମ, ପଶ୍ଚିମବଙ୍ଗ, ହରିୟାନା, ଜାମ୍ମୁ କାଶ୍ମୀର, ଗୋଆ, ଅରୁଣାଞ୍ଚଳ ପ୍ରଦେଶ, ତାମିଲନାଡୁ, ତେଲେଙ୍ଗାନା, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ପ୍ରଭୃତି ମୋଟ ୨୪ଟି ରାଜ୍ୟର ରକ୍ତଦାତା ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏକଦିବସୀୟ ଏହି ଜାତୀୟ ସମ୍ମିଳନୀରେ ଇଂ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମିଥୁନ ନାୟକ, ବିସ୍ମୟ ରାଉତ, ରଶ୍ମି ରଂଜନ, ଅମରଜିତ, ସୁରେଶ, ପ୍ରଦୀପ, ଦିବାକର, ସୟ ବେହେରା, ଶ୍ରୀଚନ୍ଦନ, ସୌମ୍ୟରଂଜନ, ତାପସ ରଂଜନ, ଆଦିତ୍ୟ, ବିଶ୍ୱଜିତ, ଶ୍ରୀକାନ୍ତ, ସତ୍ୟବ୍ରତ, ପ୍ରିୟା, ସୁମିତ୍ରା, ପ୍ରିୟଙ୍କା, ସୁଜାତା ଏବଂ ମାମାଲି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# 'ନିତ୍ୟ ନୂତନ'ର ବାର୍ଷିକ ସମ୍ମାନ ସମାରୋହ

ଭୁବନେଶ୍ୱର (ପିଏନ୍): ସମାଜରେ ରହି ଆସିଥିବା ରକ୍ଷଣଶୀଳ ମନୋବୃତ୍ତି ଆମକୁ ଘାରିଥିବାରୁ ଏଥିରେ ମାନସିକତାର ପରିବର୍ତ୍ତନ ଆବଶ୍ୟକ । ସାମଗ୍ରିକ ସମାଜର ଚିତ୍ର ଏହି 'ନିତ୍ୟ ନୂତନ' ପତ୍ରିକା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବା ଉଚିତ୍ ବୋଲି ପୂର୍ବତନ ରାଜ୍ୟ ନିର୍ବାଚନ କମିଶନର ତଥା ବିଶିଷ୍ଟ କବି ରବିନାରାୟଣ ସେନାପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହା କହିଛନ୍ତି । ସ୍ଥାନୀୟ ଜୟଦେବ ଭବନଠାରେ ପାକ୍ଷିକ ପତ୍ରିକା 'ନିତ୍ୟ ନୂତନ'ର ୩୦ତମ ବାର୍ଷିକ ସମ୍ମାନ ସମାରୋହରେ ଉଦ୍‌ଘାଟକ ରୂପେ ଯୋଗଦେଇ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫୁଲ୍ଲ କର କହିଥିଲେ ଯେ, 'ନିତ୍ୟ ନୂତନ'ର ପ୍ରଚେଷ୍ଟା ସର୍ବବିଦିତ ହୋଇ ରହୁ । ଏହି ପତ୍ରିକାରେ ସମାଜର ବିଭିନ୍ନ ଉପାଦେୟ ଲେଖା ପ୍ରକାଶନ କରାଯିବା ଦରକାର । ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ିର ଉପସଭାପତି ବିଧାୟକ ଦେବୀପ୍ରସାଦ ମିଶ୍ର କହିଥିଲେ ଯେ, 'ନିତ୍ୟ ନୂତନ' ସବୁବେଳେ ପୁରାତନର ଭିତ୍ତିଭୂମିରେ ନୂତନ ଆବାହନ । ସମାଜରେ ସମୟ ସହ ତାଳ ଦେଇ ଦେଶକୁ ଆମେ ଆଗେଇ ନେବାକୁ ପଡ଼ିବ । ଏହାର ସ୍ୱର ଏହି ପତ୍ରିକା ଜରିଆରେ ଲେଖକମାନେ ଲେଖନୀ ଚାଳନା କରିବା ଦରକାର । କବି ପ୍ରଫେସର ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଲେ ଯେ, ଦୈନିକ ସମ୍ବାଦପତ୍ର ଅପେକ୍ଷା ପାକ୍ଷିକ ପତ୍ରିକାର ଜନଚେତନା ଶୈଳୀ ସବୁଠାରୁ ଭିନ୍ନ । ଏହି ଉତ୍ସବରେ ଦୈନିକ 'ସମାଜ'ର ଉପଦେଷ୍ଟା ସୁରେଶ ମନ୍ତ୍ରୀ, ଅଭ୍ୟର୍ଥନା ସମିତିର ଅଧକ୍ଷ ପଣ୍ଡିତ ନରସିଂହ ଜେନା ଓ ପତ୍ରିକାର ମୁଖ୍ୟ ସମ୍ପାଦିକା ଶ୍ରୀମତୀ ବିରଜା ଦେବୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ପ୍ରାରମ୍ଭରେ ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ସଂସ୍କୃତବିତ୍ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ୮୮ ବର୍ଷ ବୟସ୍କ ବିଦ୍ୱାନ ପଣ୍ଡିତ ଡଃ ନିରଞ୍ଜନ ବ୍ରହ୍ମା, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତିପଥେ'ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପ୍ରଫେସର ଡଃ ସୁବାସ ଚନ୍ଦ୍ର ଦାଶ, ଗବେଷକ ଜଗବନ୍ଧୁ ପ୍ରଧାନ ଓ ଶୋଭାକର ଦାସ ଫତେ ସିଂ, ଯୁବ ସମାଜସେବୀ ନିର୍ମଳ ଚନ୍ଦ୍ର ମଲ୍ଲିକ, ସୁଶ୍ରୀ ଗାର୍ଗୀ ଦାସ, ପ୍ରୟାଗଚନ୍ଦ୍ର ମିଶ୍ର ଓ ଶୌର୍ଯ୍ୟ ସମଦର୍ଶୀ ମହାନ୍ତିଙ୍କୁ 'ନିତ୍ୟ ନୂତନ ସମ୍ମାନ' ପ୍ରଦାନ କରାଯାଇଥିଲା । ଶେଷରେ ହରେକୃଷ୍ଣ ପାଣିଗ୍ରାହୀ ବେଦ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ସଂହତି ଶିବିରରେ ଗ୍ରାମ୍ୟ ବଜାରର ମଜା ଉଠାଇଲେ ସ୍କାଉଟ ଗାଇଡ୍



ଭୁବନେଶ୍ୱର (ପିଏନ୍): ଖୋର୍ଦ୍ଧା ଜିଲ୍ଲା ବରୁଣେଇ ପୀଠ ସନ୍ନିକଟ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ତତ୍ୱାବଧାନରେ ଆୟୋଜିତ ଜାତୀୟ ସଂହତି ଶିବିରର ଗତ ତା୧୪।୧୨।୧୯ରିଖ ଦିନ ପ୍ରତ୍ୟୁଷରୁ ସ୍କାଉଟ ଓ ଗାଇଡ ନିଜ ନିଜର ନିତ୍ୟକର୍ମସାରି ରାମଧୂନ ସହ ପ୍ରଭାତ ଫେରି କରିଥିଲେ । ଗାନ୍ଧି ୧୫୦ ବର୍ଷ ପାଳନ ଅବସରରେ ଗୋଷ୍ଠୀ ସେବା କାର୍ଯ୍ୟକ୍ରମ ଅନୁଯାୟୀ ସ୍ଥାନୀୟ ବରୁଣେଇ ପୀଠ ସ୍ଥଳୀରେ ସଫେଇ କାର୍ଯ୍ୟ କରିଥିଲେ । ପରେ ପରେ ବିଧି ମୁତାବକ ପତାକା ଉତ୍ସବ ପର୍ବ ପରେ ବିଭିନ୍ନ ପ୍ରତିଯୋଗିତା ଯଥା: ରଙ୍ଗୋଲି, ଗାନ୍ଧିଙ୍କ ଉପରେ ବକ୍ତୃତା ସହିତ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଶାନ୍ତିର ବାର୍ତ୍ତାବହ, ସସ୍‌ଟେନେବୁଲ ଡେଭଲପମେଣ୍ଟ ଗୋଲ୍ କାର୍ଯ୍ୟକ୍ରମ ଆଦିରେ ସ୍କାଉଟ ଗାଇଡ୍‌ମାନେ ନିୟୋଜିତ ହୋଇଥିଲେ । ଏଥିସହିତ ଗାନ୍ଧି ଜୀବନୀ ଉପରେ ଆଧାରିତ ଫଟୋ ପ୍ରଦର୍ଶନୀ ଏବଂ ଦୁଃସାହସିକ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଥିଲେ ।

ଅପରାହ୍ନ ୨ଘଟିକାରେ ଆରମ୍ଭ ହୋଇଥିଲା ଆକର୍ଷଣୀୟ ରଙ୍ଗୋଲି ପ୍ରତିଯୋଗିତା । ନିଜ ନିଜ ଜିଲ୍ଲାର ଶିବିରସ୍ଥଳ ନିକଟରେ ରଙ୍ଗ ବେରଙ୍ଗର ପ୍ରଦର୍ଶିତ ଝୋଟି ଚିତ୍ର ଶିବିର ପରିବେଶକୁ ଆହୁରି ଝଲସିତ କରିଥିଲା । ପରେ ପରେ ଖାଦ୍ୟର ସମାହାର ଏବଂ ଗ୍ରାମ୍ୟ ବଜାରର ଅଭିନବ ଦୃଶ୍ୟ ଶିବିରାର୍ଥୀମାନଙ୍କ ମଧ୍ୟରେ ଭିନ୍ନ ବାତାବରଣ ସୃଷ୍ଟି କରିଥିଲା । ପ୍ରତ୍ୟେକ ଜିଲ୍ଲାର ଭିନ୍ନ ଭିନ୍ନ ଖାଦ୍ୟ ଏବଂ ତତ୍‌ସହିତ ପାରମ୍ପରିକ ପୋଷାକ ପରିହିତ ଗ୍ରାମ୍ୟ ବଜାରର ଅନୁରୂପ ଝଲକ ଏକ ଭିନ୍ନ ଅବସ୍ଥା ସୃଷ୍ଟି କରିଥିଲା । ଗତକାଲି ସନ୍ଧ୍ୟା ସମୟରେ ନୃତ୍ୟ ପ୍ରତିଯୋଗିତା ସବୁଠାରୁ ଥିଲା ବିଶେଷ ଆକର୍ଷଣ । ସାନ୍ଧ୍ୟ ଅଧିବେଶନରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଶ୍ରୀ ପ୍ରଦୀପ କୁମାର ବିଶ୍ୱାଳ, ସ୍ୱତନ୍ତ୍ର ସଚିବ, ଅର୍ଥବିଭାଗ ।

ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ଅତିଥିଙ୍କୁ ସ୍ୱାଗତ କରି ସଂହତି ଶିବିରର ଉପାଦେୟତା ତଥା ଏହି ଶିବିର ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ହୋଇ ସଂହତି ରକ୍ଷାର ବାର୍ତ୍ତା ପ୍ରଚାର ନିମନ୍ତେ ଉଦିଷ୍ଟ ବୋଲି ଅବଗତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବିଶ୍ୱାଳ ରାଜ୍ୟ ସଂଗଠନର ଏଭଳି ଭବ୍ୟ ଶିବିରର ଆୟୋଜନକୁ ଉଚ୍ଚ ପ୍ରଶଂସା କରିବା ସହିତ ସଦାସର୍ବଦା ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ନାଗରିକ ଭାବେ ଗଢ଼ିତୋଳିବାର ପ୍ରୟାସ ଜାରି ରଖି ହୃଦୟରେ ଭାଇଚାରାର ଭାବ ଉଦ୍ରେକ କରିବାର ଗୁରୁତ୍ୱ ବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ । ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଉଚ୍ଚକୋଟିର ନୃତ୍ୟ ପ୍ରଦର୍ଶନ ଅତିଥିଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

> ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
> ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
> ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
> ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
> ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
> ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
>
> ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୧୯, ଡିସେମ୍ବର ୧୬

## ଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାରର ସ୍ଥିତି !

ବିମୁଦ୍ରାୟନ ଦ୍ୱାରା ଦେଶରେ ଦୁର୍ନୀତି ହଟିବା ସହ କଳାଧନ ଉପରେ ଲଗାମ ଲାଗିବ ବୋଲି ସରକାର ଭାବୁଥିବାବେଳେ 'ଟ୍ରାନ୍ସପେରେନ୍ସି ଇଣ୍ଟରନ୍ୟାସନାଲ'ର ବାର୍ଷିକ ଦୁର୍ନୀତି ସୂଚକାଙ୍କ (୨୦୧୬) ଆମ ପାଇଁ ନିରାଶା ସୃଷ୍ଟି କରିଛି । ଏହି ତାଲିକାରେ ଭାରତ ପୂର୍ବବର୍ଷ ଅପେକ୍ଷା ୭୬ତମ ସ୍ଥାନରୁ ଖସି ୭୯ତମ ସ୍ଥାନରେ ପହଞ୍ଚିଛି । ତେବେ ଏହି ଖସିବାର କାରଣ ଭାବେ କୁହାଯାଉଛି ଯେ ଗତ ୨୦୧୬ ମସିହାରେ ଆଉ ଆଠଟି ଦେଶକୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଏପରି ହୋଇଛି । ଅବଶ୍ୟ ନମ୍ବର ହିସାବରେ ଦେଖିଲେ ଭାରତକୁ ପୂର୍ବବର୍ଷ ୩୮ ତୁଳନାରେ ଏବର୍ଷ ୧୦୦ରୁ ୪୦ ନମ୍ବର ମିଳିଛି, ଯାହା ସାମାନ୍ୟ ସନ୍ତୋଷଜନକ । କହିବା ବାହୁଲ୍ୟ ଯେ ପରିସଂଖ୍ୟାନରେ ଏହି ସାମାନ୍ୟ କମ୍‌ବେଶୀ ଏତେ ମାମୁଲି ଯେ ଏଥିରେ ଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାରର ସ୍ଥିତି ପରିବର୍ତ୍ତିତ ହୋଇନଥିବା ସ୍ପଷ୍ଟ ସଙ୍କେତ ମିଳୁଛି । ଟ୍ରାନ୍ସପେରେନ୍ସି ଇଣ୍ଟରନ୍ୟାସନାଲ ତା' ରିପୋର୍ଟରେ ସ୍ପଷ୍ଟ କରିଛି ଯେ ଭାରତର ନେତୃବୃନ୍ଦ ଦୁର୍ନୀତି ରୋକିବା ନେଇ ବହୁତ ବଡ଼ବଡ଼ ଭାଷଣ ଦେଉଥିଲେ ହେଁ ଏ ଦିଗରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇନାହିଁ; ଅର୍ଥାତ ଦୁର୍ନୀତିର ମାତ୍ରା ଦିନକୁ ଦିନ ବଢ଼ିଚାଲିଛି । ଅତୀତରେ ଦେଶରୁ ଦୁର୍ନୀତି ହଟାଇବା ପାଇଁ ଆନ୍ନା ଆନ୍ଦୋଳନ ଗଢ଼ିଉଠିଥିଲା, ଯାହାକୁ ଭାରତର ସବୁ ପ୍ରାନ୍ତରୁ ସମର୍ଥନ ମିଳିଥିଲା । ଲୋକଙ୍କ ଲାଗୁଥିଲା ଦୁର୍ନୀତି ବିରୋଧରେ ଉକ୍ତ ଲଢ଼େଇ କିଛି ଗୋଟାଏ ସଫଳତା ଆଣିଦେବ; ମାତ୍ର ସେଭଳି କିଛି ଘଟିଲା ନାହିଁ । ବର୍ତ୍ତମାନ ସେହି ଆନ୍ଦୋଳନର ଚିହ୍ନବର୍ଣ୍ଣ ବି ଦିଶୁନାହିଁ । ସେହି ସମୟରେ ସର୍ବସମ୍ମତିକ୍ରମେ ଯେଉଁ କେତୋଟି ରାଜନୈତିକ ନିଷ୍ପତ୍ତି ବି ନିଆଯାଇଥିଲା, ତାହା ଚୁଲିକି ଗଲାଣି । ବହୁ ଟଣାଓଟରା ଓ କସରତ ପରେ ଲୋକପାଳ ଆଇନ ଗୃହୀତ ହେଲା; କିନ୍ତୁ ନୂଆ ସରକାରଙ୍କ ଅଧା କାର୍ଯ୍ୟକାଳ ଶେଷ ହୋଇସାରିଥିଲେ ହେଁ ଲୋକପାଳଙ୍କ ନିଯୁକ୍ତି ହୋଇପାରିଲା ନାହିଁ । ସେତେବେଳେ 'ସିଟିଜେନ୍ ଚାର୍ଟର୍' ଭଳି ଲୋକାଭିମୁଖୀ ଓ ପ୍ରଗତିଶୀଳ ପଦକ୍ଷେପ ନେବାକୁ ମଧ୍ୟ ବହୁତ ଆଲୋଚନା ହୋଇଥିଲା । ଏଥିରେ ସରକାରୀ ଦପ୍ତରଗୁଡ଼ିକରେ କୌଣସି କାମ ପାଇଁ ସମୟସୀମା ନିର୍ଦ୍ଦିଷ୍ଟ କରିବାର ବ୍ୟବସ୍ଥା ରହିଥାଆନ୍ତା । ଯଦି ଅଧିକାରୀମାନେ ସେହି କାମରେ ଖିଲାଫ କରନ୍ତେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରନ୍ତା । ସେପରି ହେଲେ ଆଉ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଉତ୍କୋଚ ଦିଆନିଆ କିଛିଟା ହ୍ରାସ ପାଆନ୍ତା; ମାତ୍ର ତାହା ମଧ୍ୟ ଫାଇଲ୍ ଭିତରେ ବନ୍ଦୀ ହୋଇରହିଛି । ସରକାର କାଗଜ ଫାଇଲ୍‌କୁ ହଟାଇ କେବଳ ଡିଜିଟାଲ କରିଦେଲେ ହେବ ନାହିଁ, ପ୍ରକୃତ କାର୍ଯ୍ୟ କରିବାକୁ ହେବ, ତାହା ବୁଝିବା ସର୍ବାଦୌ ଆବଶ୍ୟକ । ଗତ ସରକାର ସମୟରେ ହୋଇଥିବା ସୂଚନା ଅଧିକାର ଆଇନକୁ ମଧ୍ୟ ବର୍ତ୍ତମାନର ସରକାର ଯେଉଁଭଳି ଦୁର୍ବଳ ଓ ବ୍ୟର୍ଥ କରିବାକୁ ଚାହୁଁଛନ୍ତି, ତାହା ନିନ୍ଦନୀୟ । ପ୍ରକୃତରେ ଦୁର୍ନୀତି ବିରୋଧରେ ଲଢ଼ିବାକୁ ହେଲେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ ଶକ୍ତିଶାଳୀ ଆଇନ । ଯେଉଁମାନେ ଏହି ଆଇନ ରୂପକ ଅସ୍ତ୍ରକୁ ଧରି ଦୁର୍ନୀତିଗ୍ରସ୍ତଙ୍କ ସହ ଲଢୁଛନ୍ତି, ସେମାନଙ୍କୁ ସାହାଯ୍ୟ ସହାୟତା କରିବା ଛାଡ଼ି ସରକାର ଏହି ଅସ୍ତ୍ରଟିକୁ ହିଁ ଧାରହୀନ କରିବାର ଅପଚେଷ୍ଟା କରୁଛନ୍ତି । ଅବସ୍ଥା ଏପରି ହୋଇଛି ଯେ ମନ୍ତ୍ରୀଙ୍କ ଶିକ୍ଷାଗତ ଡିଗ୍ରୀ ସମ୍ପର୍କରେ ତଥ୍ୟ ଲୁଚାଇବା ପାଇଁ ବିଶ୍ୱବିଦ୍ୟାଳୟ କୋର୍ଟ ଯାଉଛି । ସରକାରୀ ସ୍ତରରେ କିଛି କୁହାଯାଉନାହିଁ ଯେ ଲୋକଙ୍କୁ ସୂଚନା ଉପଲବ୍ଧ କରାଇବା ଜରୁରୀ । ପ୍ରଶାସନର ମଧ୍ୟ ତାହା ଉତ୍ତରଦାୟିତ୍ୱ । ଆମ ଦେଶରେ ଦୁର୍ନୀତିଗ୍ରସ୍ତମାନେ ଦୁର୍ନୀତି ବିରୋଧରେ ଲଢ଼େଇ କରୁଥିବା କେତେ ଲୋକଙ୍କୁ ଯେ ହତ୍ୟା କଲେଣି ଓ ଅନେକଙ୍କୁ ବିଭିନ୍ନ ବାଟରେ ନିର୍ଯାତନା ଦେଉଛନ୍ତି, ତା'ର କଳନା ନାହିଁ । ଏଭଳି ଏକ ବାତାବରଣରେ ଦୁର୍ନୀତି ସହ ଲଢ଼ିବାକୁ କିଏ ବାହାରିବ ବା ସାହସ କରିବ ! ଦୁର୍ନୀତି ସହ ଲଢ଼ିବାକୁ ନେତାମାନେ ତ ବହୁତ ବାହାସ୍ଫୋଟ ମାରି କଥା କହନ୍ତି, ମାତ୍ର ସେମାନେ ନିଜେ ହିଁ ଦୁର୍ନୀତି କରିଚାଲନ୍ତି ଓ ଦୁର୍ନୀତିଗ୍ରସ୍ତଙ୍କୁ ଛତ୍ରଛାୟା ଦିଅନ୍ତି । ଏବେମଧ୍ୟ ଭାରତ ଦୁର୍ନୀତିଗ୍ରସ୍ତଙ୍କ ସ୍ୱର୍ଗ ଭାବେ ବିବେଚିତ ହେଉଛି । ବିମୁଦ୍ରାୟନ ବିଷୟରେ ମଧ୍ୟ ଦୁର୍ନୀତି ହଟିବ ବୋଲି ଅନେକ କଥା କୁହାଯାଉଥିଲା; ମାତ୍ର ଟ୍ରାନ୍ସପେରେନ୍ସି ଇଣ୍ଟରନ୍ୟାସନାଲର ଅନୁଧ୍ୟାନ ଅନୁସାରେ ଦୁର୍ନୀତି ଉପରେ ଏହାର କି ପ୍ରଭାବ ପଡ଼ିଛି, ତା'ର କୌଣସି ପ୍ରମାଣ ଏ ଯାଏଁ ମିଳିନାହିଁ । ସରକାର କେବଳ ସାମୟିକ ବାହାବା ନେବାପାଇଁ କୌଣସି ପଦକ୍ଷେପ ନିଅନ୍ତୁ ନାହିଁ । ଅଯଥା ବାହାସ୍ଫୋଟ ମାରିବା ବନ୍ଦ କରନ୍ତୁ । ଲୋକଙ୍କୁ ଭାଗୀଦାର କରି ଛୋଟଛୋଟ ପଦକ୍ଷେପ ନେଇ ଦୁର୍ନୀତିକୁ ବନ୍ଦ କରିବାକୁ ଚେଷ୍ଟା କରନ୍ତୁ । ଲୋକପାଳ ନିଯୁକ୍ତି କରାଯାଇ ଏ ସମ୍ପର୍କିତ ଆଇନ ତୁରନ୍ତ କାର୍ଯ୍ୟକାରୀ ହେଉ ।

### ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ ।**

## ସୀତା ଓ ସୂର୍ପଣଖା

ସୂର୍ପଣଖା ରାବଣର ଭଉଣୀ । କାଳ କଞ୍ଜବଂଶୀୟ ମହାବଳଶାଳୀ ଦାନବ ବିଦ୍ୟୁତ୍‌ଜିହ୍ୱାକୁ ବିବାହ କରିଥିଲା ସୂର୍ପଣଖା । କୌଶଳ କ୍ରମେ ସୂର୍ପଣଖାର ପତିଙ୍କୁ ରାବଣ ମାରିଦେଲା । ଫଳରେ ସେ ସ୍ୱତନ୍ତ୍ର ଜୀବନ ବିତାଇବା ପାଇଁ ଆଗ୍ରହ ପ୍ରକାଶ କଲା । କାରଣ ମର୍ଯ୍ୟାଦା ଓ ଆକଟରେ ରହିବା ପାଇଁ ସୂର୍ପଣଖା ଚାହୁଁନଥିଲା; କିନ୍ତୁ ନାରୀ ସ୍ୱତନ୍ତ୍ର ହୋଇ ଭ୍ରମଣ କରିବା ସମାଜ ପାଇଁ ଘାତକ ଓ ତା'ର ବ୍ୟକ୍ତିଗତ ଜୀବନରେ ଭୟଙ୍କର ସମସ୍ୟା ସୃଷ୍ଟି ହୁଏ । ସୂର୍ପଣଖା ଏକାକୀ ସ୍ୱତନ୍ତ୍ର ହୋଇ ଭ୍ରମଣ କରିବା ସମୟରେ ଦୃଷ୍ଟି ପଡ଼ିଲା ଶ୍ରୀରାମଙ୍କ ସୌନ୍ଦର୍ଯ୍ୟ ଉପରେ । ମନରେ କାମାଗ୍ନି ଜଳିଲା । ଭୋଗ ଲାଳସା ପ୍ରବଳ ହେଲା । ବିଚାର କଲା, ଯଦି ଏ ପୁରୁଷକୁ ବିବାହ କରେ, ତାହାହେଲେ ଜୀବନଭରି କାମ ସୁଖ ଭୋଗ କରିବି । ଏହା ତ ସୂର୍ପଣଖାର ସବୁଠାରୁ ଦୁର୍ବଳତା ଥିଲା । ଆଖିରେ ପୁରୁଷର ସୌନ୍ଦର୍ଯ୍ୟକୁ ଦେଖିବା ଦୋଷ ନୁହେଁ; ସେ ସୁନ୍ଦରତାକୁ ଦେଖି ମନରେ କାମ ଉପଭୋଗର ଇଚ୍ଛାକରିବା ଦୋଷାବହ । ଆଜି ସମାଜରେ ଏହିଭଳି ଦୁର୍ବଳ-ମାନସିକତା ନାରୀଙ୍କ ସଂଖ୍ୟା କମ୍ ନାହିଁ । ଫଳରେ ନାରୀ ସ୍ୱାଧୀନତା ସ୍ୱେଚ୍ଛାଚାରିତାର ରୂପ ନେଉଛି । ସଭ୍ୟ ସମାଜ ପାଇଁ ଏକ ଅଭିଶାପ ପାଲଟୁଛି । କାମନା ବାସନାରେ ଜର୍ଜରିତ ସୂର୍ପଣଖାର ଅନୁଭବ ହେଲା ଯେ ଏହି ସୌନ୍ଦର୍ଯ୍ୟନିଧି ପୁରୁଷକୁ ପାଇବାକୁ ହେଲେ ନିଜ ଶରୀରକୁ ସଜାଇବାର ଅଛି । ତେଣୁ ସେ ନିଜକୁ ସୁନ୍ଦରୀଭାବରେ ସଜାଇ ଶ୍ରୀରାମଙ୍କ ପାଖକୁ ଯାଇଛି । ଲଜ୍ଜାହୀନ ହୋଇ ଶ୍ରୀରାମଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଛି । ପ୍ରଭୁ ସୂର୍ପଣଖାର ମନୋଭାବକୁ ଅସ୍ୱୀକାର କଲେ । ପଠାଇଲେ ଲକ୍ଷ୍ମଣଙ୍କ ପାଖକୁ । ଲକ୍ଷ୍ମଣଙ୍କ ପାଖକୁ ସୂର୍ପଣଖା ତୁରନ୍ତ ଯାଇ ତାଙ୍କୁ ପ୍ରଣୟ ପ୍ରାର୍ଥନା କଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ସୂର୍ପଣଖା ଶ୍ରୀରାମ ଓ ଲକ୍ଷ୍ମଣଙ୍କ ପ୍ରତି ଆସକ୍ତ ଥିଲା । ଏହା ତ' ସମ୍ପୂର୍ଣ୍ଣ ଦେହବାଦର କଥା । ଏକାଧିକ ପୁରୁଷଙ୍କ ପ୍ରତି ଆସକ୍ତ ହେବା, କୁଳଟାର ଲକ୍ଷଣ । ଆଜିର ସମାଜରେ ଏମିତି ଗୁଣର ନାରୀଙ୍କ ସଂଖ୍ୟା କମ୍ ନାହିଁ । ଯାହା ଅତ୍ୟନ୍ତ ନିନ୍ଦନୀୟ । ପରେ ସୂର୍ପଣଖାକୁ ଲକ୍ଷ୍ମଣ ବିରୂପ କରିଛନ୍ତି । ଯିଏ ଗୁଣରେ ବିରୂପ, ତା'ର ବାହାର ରୂପରେ ଆବଶ୍ୟକତା ନାହିଁ । ଏହା ପ୍ରଭୁଙ୍କ ମର୍ଯ୍ୟାଦା । ନାରୀ- ସୃଷ୍ଟିର ଆଦିସ୍ରୋତ, ଭାରତ ଖଣ୍ଡର ଅମୂଲ୍ୟରତ୍ନ, ସନାତନ ସଂସ୍କୃତିର ଦିବ୍ୟ ଜ୍ୟୋତି, ସଂସ୍କାର ବିଗ୍ରହର ପ୍ରାଣ ଦାତ୍ରୀ । ସେଥିପାଇଁ ନାରୀ ବନ୍ଦନୀୟା । ସୂର୍ପଣଖା ପାଖରେ ଭାରତୀୟ ନାରୀର କୌଣସି ମର୍ଯ୍ୟାଦା ନଥିଲା । ସୀତାଙ୍କ ନାଁ ଶୁଣିଲା ବେଳେ ହୃଦୟ ପୁଲକିତ ହୋଇଯାଏ । ଭକ୍ତିଭାବରେ ନଇଁଯାଏ ମଥା । ଆଖି ମୁଦିହୋଇଯାଏ । ଅଥଚ ସୂର୍ପଣଖାର ନାମ ଶୁଣିଲାମାତ୍ରେ ବିପରୀତ ଭାବନା ସୃଷ୍ଟିହୁଏ । ତେବେ ସୀତା ବା ସୂର୍ପଣଖା ଦୁଇଟି ଚରିତ୍ର ନୁହନ୍ତି; ଦୁଇଟି ଗୁଣ । ଏହା ସମସ୍ତଙ୍କ ଭିତରେ ଅଛି । ସୀତା ତ୍ୟାଗର ପ୍ରତୀକ । ସୂର୍ପଣଖା ଭୋଗର ପ୍ରତୀକ । 'ଭୋଗ' ଜୀବନରେ ଶାନ୍ତି ଦେଲା ପରି ବୋଧ ହେଉଥିଲେ ହେଁ, ତାହା ପ୍ରକୃତ ଶାନ୍ତି ନୁହେଁ । ତ୍ୟାଗପୂତ ଜୀବନରେ ଅସଲ ଶାନ୍ତି ହିଁ ନିହିତ ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ ....

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।**

E-mail: editorpbkc@gmail.com
9853400829 (M), Fax: 0674-2550504



# ରାଜନେତାମାନଙ୍କ ଚରିତ୍ର !

**...............ଗୋଲକବିହାରୀ ନାୟକ...............**



ସମ୍ପ୍ରତି ରାଜନେତାମାନେ ନୀତି, ଆଦର୍ଶ ଓ ମୂଲ୍ୟବୋଧଠାରୁ ବହୁତ ଦୂରରେ ରହି ନାନାପ୍ରକାର ଦୁର୍ନୀତିରେ ଲିପ୍ତ ରହିଥିବା ଆମ ରାଜ୍ୟ ଓଡ଼ିଶା ସମେତ ସମଗ୍ର ଦେଶରେ ପରିଲକ୍ଷିତ ହେଉଅଛି । ଆମ ଦେଶ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଦେଶ ହୋଇଥିବାରୁ ଆମେ ଗର୍ବ କରୁ । ଭାରତବର୍ଷ ସ୍ୱାଧୀନ ହେବା ପରଠାରୁ ବହୁ ଘାତ, ପ୍ରତିଘାତ ସତ୍ତ୍ୱେ ଆମ ଗଣତନ୍ତ୍ର ବଞ୍ଚିରହିଛି ବୋଲି ଆମର ଆସ୍ଫାଳନ କମ୍ ନୁହେଁ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଯେଉଁ ମହାନ୍ ଦେଶ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ପାଇଥିଲା, ଦେଶରେ ରାମରାଜ୍ୟ ପ୍ରତିଷ୍ଠା ହେବ ଏବଂ ଇଂରେଜମାନେ ହଟିବେ, ଦେଶରୁ ଦୁର୍ନୀତି ହଟିବ ବୋଲି ଦେଶବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ସେହି ସ୍ୱପ୍ନରେ ରହିଯାଇଛି । ସ୍ୱାଧୀନତା ପାଇବାର ଆଜକୁ ୭୨ ବର୍ଷ ହୋଇଗଲା । ଦେଶରୁ ଦୁର୍ନୀତି ହଟିବ କ'ଣ ଦୁର୍ନୀତି ବହୁଗୁଣରେ ବଢିଯାଇଛି । ନିଶାନିବାରଣ ହେବା ପରିବର୍ତ୍ତେ ନିଶାର ପ୍ରସାର ବହୁତ ମାତ୍ରାରେ ବୃଦ୍ଧି ପାଇଛି । ଦେଶକୁ ଶାସନ କରୁଥିବା ରାଜନେତାମାନେ ପ୍ରାୟ ଅଧିକାଂଶ ଦୁର୍ନୀତିଗ୍ରସ୍ତ ହୋଇଛନ୍ତି । କେତେକ ମୁଷ୍ଟିମେୟ ରାଜନେତାଙ୍କୁ ଛାଡ଼ିଦେଲେ ଦେଶ ଓ ରାଜ୍ୟମାନଙ୍କୁ ଶାସନ କରୁଥିବା ନେତାମାନେ ନୀତି, ଆଦର୍ଶ ଓ ମୂଲ୍ୟବୋଧଠାରୁ ବହୁତ ଦୂରରେ ଅଛନ୍ତି । ରାଜନୈତିକ ଜୀବନରେ ମୂଲ୍ୟବୋଧ ଏବଂ ସାମାଜିକ ଜୀବନରେ ନୈତିକତାର କ୍ରମେ ଅବକ୍ଷୟ ଘଟୁଛି । ନେତାମାନଙ୍କ ମଧ୍ୟରେ ନିଃସ୍ୱାର୍ଥପର, ତ୍ୟାଗ ମନୋଭାବ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥଚିନ୍ତା, ସଂକୀର୍ଣ୍ଣତା ଓ ଭୋଗବିଳାସ ପ୍ରବଳତର ହେବାରେ ଲାଗିଛି । ସବୁ ବ୍ୟାପାରରେ ସେମାନେ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଉଦ୍ୟମ କରୁଛନ୍ତି । ଜନସେବା କରିବା ଆଳରେ ଜନତାଙ୍କୁ ଶୋଷଣ କରୁଛନ୍ତି । ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇ ଯେଉଁମାନେ ଦେଶର ଶାସନ ଦାୟିତ୍ୱ ହାତକୁ ନେଉଛନ୍ତି, କ୍ଷମତାରୁ ଚାଲିଯିବା ପରେ ସେମାନେ ଲୋକଙ୍କ ଦୁଃଖ, ଆବଶ୍ୟକତାକୁ ଭୁଲିଯାଇ କେବଳ କ୍ଷମତାଲୋଭୀ ହୋଇଯାଉଛନ୍ତି । ସମାଜର ଏପରି ଅଧୋପତନ ପାଇଁ ଦାୟୀ କିଏ ? ଏହାର ଯଦିଓ ବିଭିନ୍ନ କାରଣ ରହିଛି, କିନ୍ତୁ ମୁଖ୍ୟତଃ ରାଜନୈତିକ ନେତାମାନେ ଦାୟୀ ବୋଲି ଅନେକେ ଯେଉଁ ମତବ୍ୟକ୍ତ କରୁଛନ୍ତି, ତାହା ନିତାନ୍ତ ଅମୂଳକ ନୁହେଁ । କାରଣ ଦେଶର ଶାସନ ଡୋରି ସେମାନଙ୍କ ହାତରେ ରହୁଛି ।

ଆମ ରାଜ୍ୟ ଓଡ଼ିଶା କଥା ବିଚାରକୁ ଦିଆଯାଉ । ସ୍ୱାଧୀନତା ପାଇବାର ୧୦/୧୫ବର୍ଷ ଛାଡ଼ିଦେଲେ ପରବର୍ତ୍ତୀ ଅବସ୍ଥାରେ ଦୁର୍ନୀତିର ଚେର ବହୁତ ମାଡ଼ିଛି । ଓଡ଼ିଶାକୁ ଶାସନ କରି ଆସୁଥିବା ସବୁ ଦଳର ନେତା ଦୁର୍ନୀତିରେ ବୁଡ଼ି ରହୁଛନ୍ତି । ଦୁର୍ନୀତିର କାୟା ବହୁତ ବଢିଯାଇଛି । ଦୁର୍ନୀତିଗ୍ରସ୍ତ ରାଜନେତାମାନେ ପ୍ରଚୁର ଅର୍ଥଦେଇ ଦଳର ଟିକେଟ ହାତଉଛନ୍ତି । ସଚ୍ଚୋଟ, ନୀତିବାନ ରାଜନେତାମାନେ ଟିକେଟ ପାଇବାରୁ ବଞ୍ଚିତ ହେଉଛନ୍ତି । ଦଳ ଭିତରେ ବହୁବର୍ଷ ଧରି କାର୍ଯ୍ୟ କରୁଥିବା ଏବଂ ଦଳର ସଂଗଠନକୁ ବଞ୍ଚାଇ ରଖୁଥିବା ନେତାମାନେ ଅର୍ଥ ଲାଞ୍ଚ ଦେଉନଥିବାରୁ ଟିକଟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହି କଥା ଅଳ୍ପବହୁତ ସବୁ ରାଜନୈତିକ ଦଳରେ ଚାଲିଛି । ଯେଉଁମାନେ ପ୍ରଚୁର ଅର୍ଥ ଦେଇ ଟିକେଟ ପାଉଛନ୍ତି, ସେମାନେ ଜିତିବା ପରେ ଦୁର୍ନୀତି ଉପାୟରେ ଅର୍ଥ ଉପାର୍ଜନ କରିବାରେ ଲାଗି ପଡୁଛନ୍ତି । ସେମାନେ ରାଜ୍ୟର ଗରିବ ଜନତାଙ୍କ ସ୍ୱାର୍ଥ ପାଇଁ କିମ୍ବା ରାଜ୍ୟର ଉନ୍ନତି ପାଇଁ ଚିନ୍ତା କରୁନାହାଁନ୍ତି । ଏଥିପାଇଁ ଓଡ଼ିଶା ଖଣି, ପାଣି, ପ୍ରାକୃତିକ ସମ୍ପଦରେ ଭରପୂର ହୋଇଥିଲେ ମଧ୍ୟ ଭାରତବର୍ଷରେ ସବୁଠାରୁ ଦରିଦ୍ରତମ ରାଜ୍ୟ । ଓଡ଼ିଶାର ଲୋକମାନେ ଖାଇବାକୁ, ପିନ୍ଧିବାକୁ ନ ପାଇ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ନିଜର ଗାଁ, ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି । ସେଠାରେ ସେମାନେ ଶୋଷିତ, ଲାଞ୍ଛିତ, ନିର୍ଯାତିତ ହେଉଛନ୍ତି । ଏହା ହେଲା ଆମ ଓଡ଼ିଶା ରାଜ୍ୟର କଥା ।

ସମଗ୍ର ଭାରତବର୍ଷରେ ରାଜନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାଂଶ ନେତାଙ୍କର ଚରିତ୍ର, ଆଚରଣ, ଚାଲିଚଳନ, ଭାଷଣ, ଶୋଷଣ, ତୋଷଣ, ଲୋକମାରଣ ନୀତିଗୁଡ଼ିକୁ ସମୀକ୍ଷା କରି ବସିଲେ ଆମକୁ ଆଶାଶୂନ୍ୟ ହେବାକୁ ପଡ଼େ । ଦେଶବାସୀଙ୍କର ସମସ୍ତ ଆଶା ଓ ଆକାଂକ୍ଷା ଆଜି ଧୂଳିସାତ୍ ହୋଇଯାଇଛି । ପରସ୍ପର ପରସ୍ପରକୁ କାଦୁଅ ଫିଙ୍ଗିବା, ଗୋଛି କାଟିବା, ଗୋଡ଼ତଳକୁ ଟାଣିବା କାର୍ଯ୍ୟରେ ବ୍ୟସ୍ତ । ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ, କଳାଟଙ୍କା ଆହରଣ ସେମାନଙ୍କ ନିତିଦିନିଆ କାର୍ଯ୍ୟ । ଦଳବଦଳ ପାଇଁ ଟଙ୍କା, ରାଜ୍ୟସଭା ଭୋଟ ପାଇବା ପାଇଁ ଟଙ୍କା, ଦଳୀୟ ଟିକେଟ ପାଇବା ପାଇଁ ଟଙ୍କା, ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ, ଉନ୍ନୟନ କାମ ପାଇଁ ପିସି ନେବା ଇତ୍ୟାଦି ସାରା ଦେଶରେ ଚାଲିଛି ।

> **ଭାରତବର୍ଷରେ ଅଧିକାଂଶ ନେତା ଓ ଉଚ୍ଚପଦାଧିକାରୀମାନେ ବିଦେଶୀଙ୍କ ଭଳି ଦେଶଧନ ଲୁଟି କୋଟିପତି ହୋଇଛନ୍ତି । ସେମାନଙ୍କର କଳାଟଙ୍କା ବିଦେଶର ସୁଇସ୍ ବ୍ୟାଙ୍କରେ ଜମା ରହିଛି । ବର୍ତ୍ତମାନ ଶାସନରେ ଆଉ ସ୍ୱଚ୍ଛତା ନାହିଁ । ଦୁର୍ନୀତି ରାକ୍ଷସ ସେମାନଙ୍କୁ କାବୁ କରିଦେଇଛି । ଫଳରେ ଯେଉଁ ସମସ୍ତେ, ଲୋକମାନଙ୍କଦ୍ୱାରା, ଲୋକମାନଙ୍କ ପାଇଁ ଏବଂ ଲୋକମାନଙ୍କର ତାହା ନିରର୍ଥକ ହୋଇଛି । ଏବେ ଭାରତବର୍ଷରେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନ ଲଢୁଛନ୍ତି । ଭୋଟ ଆଜିକାଲି ଆଉ ଗଣନିର୍ବାଚନ ହୋଇନାହିଁ । ପ୍ରାର୍ଥୀ-ପ୍ରାର୍ଥୀ ଭିତରେ ଚରିତ୍ର ସଂହାର, ଆକ୍ରମଣ, ଷଡ଼ଯନ୍ତ୍ର, ହତ୍ୟା ଆଦି ସହିତ ଭୋଟରମାନଙ୍କୁ ମୋଟା ଅଙ୍କର ଲାଞ୍ଚ ପ୍ରଦାନ, ମଦ, ମାଂସ ଭୋଜିରେ ଆପ୍ୟାୟିତ କରାଯାଉଛି । ନିର୍ବାଚନ ପରେ ଯେଉଁ ଦଳ କ୍ଷମତାକୁ ଆସୁଛନ୍ତି, ସେହି ଦଳ ମନ୍ତ୍ରୀ, ବିଧାୟକମାନେ କେତେକଙ୍କୁ ଛାଡ଼ିଦେଲେ ପ୍ରାୟ ସମସ୍ତେ ଆଖିବୁଜା ଦୁର୍ନୀତି କରୁଥିବାର ପ୍ରାୟ ଦେଖାଦେଉଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସବୁ ବିଭାଗରେ ଚାଲିଛି ଦୁର୍ନୀତି, ଦେଶର ଅମଲା ମଧ୍ୟ ଏହି ଦୁର୍ନୀତି ସହିତ ଜଡ଼ିତ ହୋଇଯାଉଛନ୍ତି ।**

ଭାରତବର୍ଷରେ ଅଧିକାଂଶ ନେତା ଓ ଉଚ୍ଚପଦାଧିକାରୀମାନେ ବିଦେଶୀଙ୍କ ଭଳି ଦେଶଧନ ଲୁଟି କୋଟିପତି ହୋଇଛନ୍ତି । ସେମାନଙ୍କର କଳାଟଙ୍କା ବିଦେଶର ସୁଇସ୍ ବ୍ୟାଙ୍କରେ ଜମା ରହିଛି । ବର୍ତ୍ତମାନ ଶାସନରେ ଆଉ ସ୍ୱଚ୍ଛତା ନାହିଁ । ଦୁର୍ନୀତି ରାକ୍ଷସ ସେମାନଙ୍କୁ କାବୁ କରିଦେଇଛି । ଫଳରେ ଯେଉଁ ସମସ୍ତେ, ଲୋକମାନଙ୍କଦ୍ୱାରା, ଲୋକମାନଙ୍କ ପାଇଁ ଏବଂ ଲୋକମାନଙ୍କର ତାହା ନିରର୍ଥକ ହୋଇଛି । ଏବେ ଭାରତବର୍ଷରେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନ ଲଢୁଛନ୍ତି । ଭୋଟ ଆଜିକାଲି ଆଉ ଗଣନିର୍ବାଚନ ହୋଇନାହିଁ । ପ୍ରାର୍ଥୀ-ପ୍ରାର୍ଥୀ ଭିତରେ ଚରିତ୍ର ସଂହାର, ଆକ୍ରମଣ, ଷଡ଼ଯନ୍ତ୍ର, ହତ୍ୟା ଆଦି ସହିତ ଭୋଟରମାନଙ୍କୁ ମୋଟା ଅଙ୍କର ଲାଞ୍ଚ ପ୍ରଦାନ, ମଦ, ମାଂସ ଭୋଜିରେ ଆପ୍ୟାୟିତ କରାଯାଉଛି । ନିର୍ବାଚନ ପରେ ଯେଉଁ ଦଳ କ୍ଷମତାକୁ ଆସୁଛନ୍ତି, ସେହି ଦଳ ମନ୍ତ୍ରୀ, ବିଧାୟକମାନେ କେତେକଙ୍କୁ ଛାଡ଼ିଦେଲେ ପ୍ରାୟ ସମସ୍ତେ ଆଖିବୁଜା ଦୁର୍ନୀତି କରୁଥିବାର ପ୍ରାୟ ଦେଖାଦେଉଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସବୁ ବିଭାଗରେ ଚାଲିଛି ଦୁର୍ନୀତି, ଦେଶର ଅମଲା ମଧ୍ୟ ଏହି ଦୁର୍ନୀତି ସହିତ ଜଡ଼ିତ ହୋଇଯାଉଛନ୍ତି । ଅଧିକାଂଶ ବୁଦ୍ଧିଜୀବୀମାନେ ଆଲୋଚନା ମାଧ୍ୟମରେ ଜଣେଇ ଦେଲେଣି ଯେ, ଭାରତର କୌଣସି ରାଜନୈତିକ ଦଳ ସେବା ମନୋଭାବ ନେଇ ବର୍ତ୍ତମାନ କାର୍ଯ୍ୟ କରୁନାହାଁନ୍ତି । ସୁବିଧାବାଦୀ, ଗୁଣ୍ଡାମାଫିଆ, କଳାବଜାରୀ, ଅସାମାଜିକ ଓ ଯାବତ୍ କୁକର୍ମକାରୀ, ସେହିମାନେ ସ୍ଥାନ, କାଳ, ପାତ୍ର ଦେଖି ଯେକୌଣସି ଏକ ରାଜନୈତିକ ଦଳରେ ସାମିଲ୍ ହୋଇଯାଉଛନ୍ତି । ବିଶେଷକରି ଶାସନ କ୍ଷମତାରେ ଥିବା ରାଜନୈତିକ ଦଳରେ ଏହି ଶ୍ରେଣୀର ଲୋକମାନେ ବେଶି ଯୋଗଦେଉଛନ୍ତି । ସଚ୍ଚୋଟ, ନୀତିବାନ, ଭଦ୍ରଲୋକମାନଙ୍କ ସ୍ଥାନ ବହୁତ ପଛରେ ପଡ଼ିଯାଉଅଛି ।

ପ୍ରତ୍ୟେକ ରାଜନୈତିକ ଦଳ କହୁଛନ୍ତି-ଗଣତନ୍ତ୍ର ଦେଶର ଜନସାଧାରଣ ହେଉଛନ୍ତି ପ୍ରକୃତ ବିଚାରକ । ସେହିମାନେ ନିଜର ବିଚାର, ବୁଦ୍ଧିବଳରେ ଆମକୁ ଭୋଟ୍ ଦେଇ ରାଜନୀତି କରିବା ପାଇଁ ପଠାଉଛନ୍ତି । ସରକାରୀ ଉଚ୍ଚପଦସ୍ଥ ଅଫିସର ଏବଂ କର୍ମଚାରୀମାନେ ମଧ୍ୟ ଏଭଳି ଦୁର୍ନୀତିଠାରୁ ଦୂରେଇ ରହିବାକୁ ଚାହୁଁନାହାଁନ୍ତି । ସେମାନେ ମଧ୍ୟ ଦୁର୍ନୀତି ସହିତ ହାତ ମିଳାଇ ଚାଲିଛନ୍ତି । ଏଭଳି ଚାଲିଲେ ଦେଶ ଏବଂ ବିଭିନ୍ନ ରାଜ୍ୟର ଉନ୍ନତି ହେବ କିପରି ? ଦୁର୍ନୀତି ଏବଂ ନିଶାର ପ୍ରସାର ବିରୁଦ୍ଧରେ ସମଗ୍ର ଦେଶରେ ଏକ ବଡ଼ ଧରଣର ଆନ୍ଦୋଳନ ହେବା ଦରକାର । ଜନସାଧାରଣ ଚାହିଁଲେ ଏହା କେବଳ ସମ୍ଭବ ହୋଇପାରିବ ।

*-ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ବିହନ ନିଗମ/ ଅଏଲ୍ ଓଡ଼ିଶା, ଫୋନ୍-୯୪୩୭୩୧୮୭୩୧*

# ନୀତି, ଅନୀତି ଓ ଦୁର୍ନୀତି

**----------ହୃଷିକେଶ ମହାରଣା----------**

ନୀତି, ଅନୀତି ଓ ଦୁର୍ନୀତି ଏହି ତିନିଟି ଶବ୍ଦ ମନୁଷ୍ୟ ଜୀବନରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପ୍ରଥମେ ନୀତି କଥା ଉପରେ ବିଚାର କରାଯାଉ । ନୀତି ହେଉଛି ଏକ ଆଦର୍ଶ ମନୁଷ୍ୟର ଉପଯୋଗିତା । ବର୍ତ୍ତମାନ କଳୁଷିତ ସମାଜରେ ନୀତି ଶ୍ରେଷ୍ଠ ଆଦର୍ଶ ମନୁଷ୍ୟ ପାଇବା କଷ୍ଟକର ବ୍ୟାପାର । ଅତୀତରେ ଅନେକ ନୀତିବାନ ଲୋକ ରହି ବହୁ ଦିଗ୍‌ଦର୍ଶନ ଦେଇଛନ୍ତି । ଯାହାକି ସେମାନଙ୍କୁ ଆଜି ଆମେ ମନେରଖିଛୁ । ସେହି ମହାମାନବ ମଧ୍ୟରେ ମହାତ୍ମା ଗାନ୍ଧି, ମଦର ଟେରେସା, ସ୍ୱାମୀ ବିବେକାନନ୍ଦ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳଗୌରବ ମଧୁସୂଦନଙ୍କ ଭଳି ମହାପୁରୁଷମାନେ ପ୍ରାତଃସ୍ମରଣୀୟ । ସେମାନେ ଆମ ରାଜ୍ୟର ଗୌରବ । ସେମାନଙ୍କ ନୀତି ଆଦର୍ଶ, ଆମ ପ୍ରେରଣାର ଉତ୍ସ । ସେହିପରି ମହାଭାରତ ଯୁଗୀୟ ପାଣ୍ଡବମାନଙ୍କ ମଧ୍ୟରେ ପ୍ରଥମ ପାଣ୍ଡବ ଯୁଧିଷ୍ଠିର, ରାମାୟଣ ଯୁଗରେ ଯୁଗ ପୁରୁଷୋତ୍ତମ ଶ୍ରୀରାମ ଯେକି ପିତୃସତ୍ୟ ପାଳନକରି ୧୪ବର୍ଷ ବନବାସ ଗମନ କରିଥିଲେ । ଯାହାକି ଆମେ ରାମାୟଣରୁ ଜାଣିବାକୁ ପାଉ । ସମ୍ପ୍ରତି ସମାଜରେ ନୀତି ଶବ୍ଦଟି ଆସ୍ତେ ଆସ୍ତେ ଲିଭିଯିବାକୁ ବସିଲାଣି । ବାପା- ମାଆଙ୍କ କଥାକୁ ପୁଅ-ଝିଅମାନେ ମାନୁନାହାନ୍ତି । ଗୁରୁଙ୍କ କଥାକୁ ଶିଷ୍ୟ ମାନୁନି । କାରଣ ଉପଯୁକ୍ତ ଶିକ୍ଷାର ଅଭାବ ହୋଇଛି । ବର୍ତ୍ତମାନ ସମାଜରେ ଜଣେ ନୀତିବାନ ଲୋକ ମିଳିବା କଷ୍ଟକର ବ୍ୟାପାର । ଶୈଶବ ଅବସ୍ଥାରୁ ଯଦି ପିଲାମାନଙ୍କୁ ଉପଯୁକ୍ତ ନୀତିବାନ ସଂସ୍କାରମୂଳକ ଶିକ୍ଷାଦାନ କରାଯାଆନ୍ତା, ହୁଏତ ଭବିଷ୍ୟତ ଜୀବନରେ ଏକ ଆଦର୍ଶ ମନୁଷ୍ୟ ସୃଷ୍ଟି କରାଯାଇ ପାରନ୍ତା ଏବଂ ଦେଶ ଓ ରାଜ୍ୟର ଟେକ ରଖିପାରନ୍ତା ।

ସମସ୍ୟା ହେଉଛି, ବର୍ତ୍ତମାନ ଶିକ୍ଷା ପଦ୍ଧତିରେ ସେଭଳି କୌଣସି ବ୍ୟବସ୍ଥା ନାହିଁ, ଯେଉଁଥିରେ ପିଲାଟି ନୀତି ଆଦର୍ଶରେ ପରିଚାଳିତ ହେବ । ଫଳରେ ଅନେକ ନୀତିହୀନ ଛାତ୍ର-ଛାତ୍ରୀ ସୃଷ୍ଟି ହେଉଛନ୍ତି । ଦ୍ୱିତୀୟରେ ଅନୀତିରୁ ଅନୈତିକ ଶବ୍ଦର ସୃଷ୍ଟି । ବର୍ତ୍ତମାନ ସମାଜରେ ଅନୈତିକ କାର୍ଯ୍ୟ ଏପରି ବୃଦ୍ଧି ପାଇଛି, ଯାହାକି ଏ ସୁସ୍ଥ ସମାଜ ଗଠନ ପରିବର୍ତ୍ତେ ବିଶୃଙ୍ଖଳିତ ସମାଜ ଗଠିତ ହେଉଛି । ଗୁରୁ ଠାରୁ ଆରମ୍ଭକରି ଦେଶ ସେବକ ପର୍ଯ୍ୟନ୍ତ ଅନେକ ବ୍ୟକ୍ତି ଅନୈତିକ କାର୍ଯ୍ୟରେ ଲିପ୍ତ । ଯଦି ପ୍ରତିଦିନ ଗଣମାଧ୍ୟମରୁ ଜାଣିବାକୁ ମିଳୁଛି ବଡ଼ ବଡ଼ିଆ ବାବୁ, ରାଜନୈତିକ ନେତା ଆଦି ବେଶି ଅନୈତିକ କାର୍ଯ୍ୟରେ ଲିପ୍ତ ।

ସମ୍ପ୍ରତି ସ୍ୱାର୍ଥାନ୍ୱେଷୀ ସମାଜରେ ଅନୈତିକ କାର୍ଯ୍ୟ ଗ୍ରାସକରିବାରେ ଲାଗିଛି । ଆଜିର ସମାଜ ଭାଷଣ ସର୍ବସ୍ୱ ପାଲଟି ଯାଉଛି । ଅତୀତ କାଳରେ ଗୁରୁକୁଳ ଆଶ୍ରମରେ ଯେଉଁ ନୀତି ଶିକ୍ଷା ଦିଆଯାଉଥିଲା ତାହା ଏବେ ଆଉ ନାହିଁ । ଅତୀତରେ ସାଧୁ, ସନ୍ଥଙ୍କ ଭଳି ବର୍ତ୍ତମାନ ସମାଜରେ ମହାପୁରୁଷ ବା ସାଧୁ ସନ୍ଥ ବୋଲଉଥିବା, ସଭାସମିତିରେ ନୀତିପୂର୍ଣ୍ଣ ଭାଷଣ ଦେଉଥିବା ବକ୍ତାମାନଙ୍କୁ ଦେଖିଲେ ମନେହୁଏ ଏମାନେ ସାକ୍ଷାତ ଭଗବାନଙ୍କ ଅବତାର । ମାତ୍ର ସେମାନଙ୍କ ଗୈରିକ ପୋଷାକ ତଳେ ଲୁଚିରହିଥାଏ ପୈଶାଚିକ କାର୍ଯ୍ୟର ନମୁନା । ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ନିରିହ, ସରଳ ନିଷ୍ପାପ, ଶାନ୍ତ ଲୋକମାନଙ୍କୁ ବିଭିନ୍ନ ଢଙ୍ଗରେ ଶୋଷଣ କରିଚାଲିଛନ୍ତି । ନୀତିବାନ, ଚରିତ୍ରବାନ ବ୍ୟକ୍ତି ପାଇବାକୁ ହେଲେ ଶୈଶବରୁ ସଂସ୍କାର ଦିଆଯିବା ଦରକାର । ଏବେ ନୀତିଶିକ୍ଷାର ଅଭାବ ।

ଶିଶୁଟି ଯେତେବେଳେ ଜନ୍ମଲାଭ କରେ, ଘରେ ଏକପ୍ରକାର ଆନନ୍ଦ ଲହରୀ ଖେଳିଯାଏ । କାରଣ ସେ ହେଉଛି କୁଳର ଉତ୍ତର ଦାୟାଦ । ପିତା-ମାତାମାନେ ବୁଢ଼ାବୁଢ଼ୀ ହେଲେ ସେମାନଙ୍କ ସାହାରା ନେବେ । ମାତ୍ର ଫଳ ଓଲଟା ହୋଇଯାଏ । ତା'ର କର୍ତ୍ତବ୍ୟ ସେ ଭୁଲିଯାଏ । ସ୍ୱାର୍ଥାନ୍ୱେଷୀ ହୋଇଯାଏ । ପିତା-ମାତାଙ୍କୁ ଅଣଦେଖା କରେ । ବୃଦ୍ଧ ପିତାମାତାଙ୍କୁ ଛାଡ଼ି ଘରଭଡ଼ା ନେଇ ବାହାରେ ରହେ । ସେ ବୁଝିପାରେନା ତା'ର ସନ୍ତାନ ଦିନେ ନା ଦିନେ ତାକୁ ସେହିପରି ଦଶା ଦେବ । ତଥାପି ଏ ସମାଜରେ ଅନେକ ଲୋକ ନିଜର କର୍ତ୍ତବ୍ୟ ଠିକ୍ ଭାବେ କରିଥାଆନ୍ତି । କାରଣ ଶୈଶବରୁ ସେହିଭଳି ସଂସ୍କାର ପାଇଥାଆନ୍ତି । ସେହିମାନେ ହିଁ ସମାଜରେ ଉଦାହରଣ ସୃଷ୍ଟି କରିଥାଆନ୍ତି ।

ଶେଷରେ ଦୁର୍ନୀତି କଥା ବିଚାର କରାଯାଉ । ଆମ ଦେଶ ତଥା ରାଜ୍ୟରେ ଦୁର୍ନୀତିର ଚେର ଏତେ ଲମ୍ବିଛି ଯେ ତାହାକୁ ମୂଳରୁ ଉତ୍ପାଟନ କରିବା ଅସମ୍ଭବ । ରାଜନୈତିକ ସ୍ତରରୁ ଆରମ୍ଭକରି ପ୍ରତ୍ୟେକ ଅନୁଷ୍ଠାନ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଉବୁଟୁବୁ । କିଏ ବା କାହାକୁ ଦୋଷ ଦେବ ! ତେଣୁ 'ତୁ ତ ମୁତୁରୀ, ମୁଁ ତ ମୁତୁରୀ...' ନ୍ୟାୟରେ ଏକୁ ଆରେକ ଛନ୍ଦାଛନ୍ଦି ହୋଇଛନ୍ତି । କିଭଳି ରାତାରାତି କୋଟିପତି ହେବୁ, ସମାଜରେ ପ୍ରତିପତ୍ତି ବଢ଼ାଇବୁ, ସେହି ନିଶାରେ ବିଭୋର । ସେମାନେ ବୁଝିବା ଦରକାର ଅସଦ୍ ଉପାୟରେ ଅର୍ଥ ଉପାର୍ଜନ କରି ପ୍ରତିପତ୍ତି ବଢ଼ାଇବା ଅପେକ୍ଷା ଲୋକମାନଙ୍କର ସେବା କରି ପ୍ରତିପତ୍ତି ବଢ଼ାଇବା ଶ୍ରେୟସ୍କର । ପ୍ରତିଦିନର ଗଣମାଧ୍ୟମରେ ବଡ଼ ବାବୁମାନଙ୍କର କଳାକାରନାମା ନଜରକୁ ଆସୁଥିବ ନିଶ୍ଚିୟ । ତଥାପି ମଣିଷ ସମ୍ମାନହାନୀକୁ ଖାତିର ନକରି ଦୁର୍ନୀତି କରିବସେ । ସେମାନେ କାଳେ ଏମିତି ଦୁର୍ନୀତି କଲେ ବା ଅର୍ଥ ତୋଷରପାତ କଲେ ସେମାନଙ୍କ ପାରିବାପଣିଆ ବୁଝାପଡ଼େ । ଆମ ଦେଶର ଧନ ଅନ୍ୟ ଦେଶର ବ୍ୟାଙ୍କରେ ଜମାହେଉଛି । ଆମ ଦେଶର ଆର୍ଥିକ ମାନଦଣ୍ଡର ଅବସ୍ଥା ଦିନକୁ ଦିନ ତଳକୁ ଯାଉଛି । ଏଭଳି ଅବସ୍ଥା ଯଦି ଆଗକୁ ଲାଗିରହେ, ତେବେ ଦେଶର ଅବସ୍ଥା କ'ଣ ହେବ ସେ ବିଷୟରେ ଏବେଠାରୁ ସଚେତନ ହେବା ଜରୁରୀ । ଏଥିନିମନ୍ତେ ସବୁ ସ୍ତରରେ ଏକପ୍ରକାର ଆଇନ୍ ପ୍ରଣୟନ କରାଯାଇ ଦୋଷୀକୁ ଉପଯୁକ୍ତ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବା ଦରକାର । ଯାହାଫଳରେ ଦୁର୍ନୀତିକୁ ରୋକାଯାଇପାରନ୍ତା । ଦେଶର ମଙ୍ଗଳ ସାଧିତ ହେବ ନିଶ୍ଚିତ ।

*-ନୁଆଁଗାଁ, କୁଆଁପାଳ, କଟକ-୭୫୪୨୦୪, ଫୋନ୍-୯୪୩୮୫୧୨୫୧୭*

# ଅନୁଭୂତିରେ ତୀର୍ଥଯାତ୍ରା

**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**



ମାନବ ମଧ୍ୟରେ ଥିବା ଦେବତ୍ୱର ଉନ୍ମିଳନ କରିବା ହେଉଛି ସନାତନ ହିନ୍ଦୁଧର୍ମର ମୂଳମନ୍ତ୍ର । ଆମ ଦେଶ ଭାରତ ଓ ଭାରତୀୟ ମାନେ ଅତ୍ୟନ୍ତ ଭାଗ୍ୟବାନ ଯେ, ଏହି ଦେଶରେ ଭଗବାନ ବାରମ୍ବାର ଅବତାର ଗ୍ରହଣ କରନ୍ତି । ଭଗବାନ ପ୍ରତ୍ୟେକ ବସ୍ତୁରେ ଓ ପ୍ରାଣୀ ମାଧ୍ୟମରେ ବିଦ୍ୟମାନ । ତଥାପି ଆମେ ତୀର୍ଥସ୍ଥାନ ଯାତ୍ରା କରି ତାଙ୍କୁ ଦର୍ଶନ କରିବାକୁ ପ୍ରୟାସ କରୁ । କାରଣ ପବିତ୍ର ସ୍ଥାନମାନଙ୍କରେ ଆମେ ଭଗବାନଙ୍କ ଉପସ୍ଥିତି ଅନୁଭବ କରୁ । ମନ୍ଦିରରେ ଭଗବାନ ମୂର୍ତ୍ତି ଦର୍ଶନ କରି ଆନନ୍ଦ ପ୍ରାପ୍ତ ହେଉ । ତୀର୍ଥଯାତ୍ରାକୁ ଏକ ଚିତ୍ତ ବିନୋଦନକାରୀ ଭ୍ରମଣ ବୋଲି ଜ୍ଞାନ କରିବା ଏବଂ ମନ୍ଦିରରେ ବିରାଜିତ ଈଶ୍ୱରଙ୍କୁ ପଥର ମୂର୍ତ୍ତି ବୋଲି ଚିନ୍ତାକରିବା ନିତାନ୍ତ ଅନୁଚିତ । ପବିତ୍ର ସ୍ଥାନ ଓ ସାଧୁସନ୍ଥ ସଂସର୍ଗ ମନରେ ଆଧ୍ୟାତ୍ମିକ ଶକ୍ତି ଜାଗ୍ରତ କରାଏ ଫଳରେ ମାନବର ଚିନ୍ତାଧାରା ଉଦୟ ହୁଏ । ଇହ ଓ ପରକାଳରେ ସେ ଦିବ୍ୟ ଆନନ୍ଦ ପ୍ରାପ୍ତ କରେ ଓ ମୁକ୍ତି ଲାଭ କରେ ।

ଏହିସବୁ ଉଦ୍ଦେଶ୍ୟ ନେଇ ମୁଁ ମୋର ପରିବାର ବା କେତେବେଳେ ସାଙ୍ଗସାଥୀଙ୍କ ସହ ତୀର୍ଥଯାତ୍ରା କରିଛି । ଭାରତବର୍ଷର କେତେକ ଦର୍ଶନୀୟ ସ୍ଥାନ ପର୍ଯ୍ୟଟନ କରି ତା ମଧ୍ୟରେ କିଛି ପ୍ରସିଦ୍ଧ ତୀର୍ଥସ୍ଥାନ ଦର୍ଶନ କରିବାପରେ ଆହୁରି ଅଧିକ ତୀର୍ଥ ଭ୍ରମଣ ପାଇଁ ଇଚ୍ଛା ପ୍ରକଟ ହେଲା । ଏହା ଭିତରେ ଅର୍ଦ୍ଧାଧିକ ଜ୍ୟୋତିର୍ଲିଙ୍ଗ ଦର୍ଶନ ସରିଥାଏ । ମନକୁ ଆସିଲା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଓ ଚାରିଧାମ ଦର୍ଶନ କରିବା, ଏହା ମୋ' ସ୍ୱାମୀ ଶ୍ରୀଯୁକ୍ତ କୁଞ୍ଜବିହାରୀ ଜେନାଙ୍କୁ ଜଣାଇବାରୁ ସେ ଖୁସି ହୋଇ ସହମତି ପ୍ରକାଶ କଲେ । ଅଶେଷ ପୁଣ୍ୟ ବଳରୁ ଚାରିଧାମ ଯାତ୍ରା ଓ ଶିବଶଙ୍କରଙ୍କ ଦୟାରୁ କେଦାରନାଥ ଯାତ୍ରା ସହ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ସମ୍ପୂର୍ଣ୍ଣ ହେଲା । ଲେଖା ଲେଖିରେ ଅଭ୍ୟସ୍ତ ନ ଥିଲି । ଛୋଟ ଛୋଟ ଲେଖା କଲେଜ ମାଗାଜିନରେ ଦିଏ । ନାରୀ ସୁରକ୍ଷା ସମ୍ପାଦିକା ଶ୍ରୀମତୀ ଲଳିତା ଶତପଥୀ ତାଙ୍କ ପତ୍ରିକା ପାଇଁ ଲେଖା ଦେବାକୁ ଅନୁରୋଧ କଲେ । ମୁଁ କହିଲି, ''କ'ଣ ଲେଖିବି ? ବହୁତ ତୀର୍ଥସ୍ଥାନ ବୁଲିଛି, କହିବେ ଯଦି ଭ୍ରମଣ କାହାଣୀ ଲେଖିକରି ଦେବି ।'' ସେ ଖୁସି ହୋଇ ସମ୍ମତି ପ୍ରକାଶ କଲେ । ପ୍ରଥମେ ସୌନ୍ଦର୍ଯ୍ୟମୟୀ ଆଣ୍ଡାମାନ ଉପରେ ଲେଖା ଦେଇଥିଲି । ପାଠକ ପ୍ରଶଂସା କରି ଫୋନ୍ କଲେ । ତା'ପରେ ପ୍ରାୟ ପ୍ରତି ମାସରେ ଭ୍ରମଣ କାହାଣୀ ଲେଖା ଦେଲି । କେତେକ ଖବର କାଗଜରେ ମଧ୍ୟ ବାହାରିଲା । ସାତଆଠଟି ବାହାରିବା ପରେ ଲଳିତା ମାଡାମ ବହୁତ ଉତ୍ସାହ ଓ ପ୍ରେରଣା ପ୍ରଦାନ କଲେ ଏବଂ ଆଉ କିଛି ଲେଖିଲେ ଏକ ପୁସ୍ତକ ଭ୍ରମଣ କାହାଣୀ ଉପରେ ବାହାର କରିବା ବୋଲି କହିଲେ । ଏହା ଭିତରେ ଭାରତର ଅନେକ ତୀର୍ଥସ୍ଥାନ ଆମେ ଭ୍ରମଣ କରି ସାରିଥିଲୁ । ତେଣୁ ପ୍ରଥମେ ତୀର୍ଥ ଭ୍ରମଣ ଅନୁଭୂତିରେ ପୁସ୍ତକ ଲେଖିବାକୁ ମନସ୍ଥ କଲି । ଏହି ପୁସ୍ତିକାରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଚାରିଧାମ ଓ ଆଉ କିଛି ତୀର୍ଥସ୍ଥାନ ଅନୁଭୂତିର ବର୍ଣ୍ଣନା କରାଯାଇଛି । କିଛି ପୁରାଣ, କିଛି ଇତିହାସ ଓ କିଛି ଅନୁଭବକୁ ନେଇ ଲେଖିବାକୁ ପ୍ରୟାସ କରିଛି । ଭ୍ରମଣ କରିଥିବା ଆହୁରି ଅନେକ ତୀର୍ଥସ୍ଥାନର ବର୍ଣ୍ଣନା ରହିଯାଇଛି । ଦ୍ୱିତୀୟ ଖଣ୍ଡରେ ଆଶା ଅଛି । ତାହାକୁ ଲେଖିବାକୁ ଭଗବାନଙ୍କ ଇଚ୍ଛା ଥିଲେ ସମ୍ଭବ ହେବ । ବିଦେଶ ଯାତ୍ରା ଓ ଐତିହାସିକ ସ୍ଥାନ ପର୍ଯ୍ୟଟନ ଲେଖିବା ପାଇଁ ଚେଷ୍ଟା କରିବି ।

ଜଣେ ବିଜ୍ଞାନ ଅଧ୍ୟାପିକା ହିସାବରେ ସାହିତ୍ୟ ଚର୍ଚ୍ଚା ପାଇଁ ବିଶେଷ ସୁଯୋଗ ନଥାଏ । ତଥାପି ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ପ୍ରତି ମୋର ଅହେତୁକ ଆଗ୍ରହ ରହିଛି । ଓଡ଼ିଆ ଲୋକକଥା, କିମ୍ବଦନ୍ତୀ, ପୁରାଣ ତଥା ଧର୍ମଗ୍ରନ୍ଥରୁ ଗଳ୍ପ ଇତ୍ୟାଦି ମନଦେଇ ପଢ଼େ । ପୁରାଣ କଥା ସବୁ କିଛି ଅନ୍ଧବିଶ୍ୱାସ ଓ ଅତିରଞ୍ଜିତ ମନେହୁଏ । ବିଜ୍ଞାନୀ ଛାତ୍ରୀ ହିସାବରେ ଯୁକ୍ତି କରିବାକୁ ଇଚ୍ଛା ହୁଏ । ପୁଣି ଭାବେ କିମ୍ବଦନ୍ତୀ ସବୁ ଯଦି ଜନମାନସକୁ ଭଲ ବାଟରେ ନେଇ ପାରୁଛି, ମଣିଷ ମନରେ ଦୈବ ପ୍ରୀତି ଓ ପାପଭୀତି ସଞ୍ଚାର କରିପାରୁଛି ତେବେ ଗ୍ରହଣ କରିବାରେ ଅସୁବିଧା କଣ ? ଶାସ୍ତ୍ରରେ ଅଛି ଗୁରୁଜନଙ୍କ ଉପଦେଶ ଓ ଶାସ୍ତ୍ର ପୁରାଣ ଉପରେ ଯୁକ୍ତି କରାଯାଏ ନାହିଁ । ମୋ' ମତରେ ଧର୍ମ ଓ ବିଜ୍ଞାନ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ବୈଜ୍ଞାନିକମାନେ ବହୁ ପୌରାଣିକ ତଥ୍ୟକୁ ପ୍ରମାଣ କରି ଦେଖେଇ ଦେଲେଣି । ନାସାର ବୈଜ୍ଞାନିକମାନେ ଭାରତ ମହାସାଗରରେ ସେତୁବନ୍ଧ ଥିବାର ଫଟୋ ମାଧ୍ୟମରେ ପ୍ରମାଣ କଲେଣି । ସମୁଦ୍ର ଗର୍ଭରେ ଦ୍ୱାରକା ନଗରୀ ବୁଡି ରହିଥିବାର ସନ୍ଧାନ ମିଳିଲାଣି । କିମ୍ବଦନ୍ତୀରେ ଐତିହାସିକ ସତ୍ୟତା ଅଛି କି ନାହିଁ ତାହା ବଡ଼ କଥା ନୁହେଁ । ଲୋକଙ୍କର ବିଶ୍ୱାସ ସକଳ ଯୁକ୍ତିତର୍କର ଊର୍ଦ୍ଧ୍ୱରେ ତାହା ସେମାନଙ୍କ ଧର୍ମ ବିଶ୍ୱାସରୁ ସୃଷ୍ଟି । ଜ୍ଞାନୀମାନେ ଯେଉଁ କିମ୍ବଦନ୍ତୀ ଗଢ଼ି ଦିଅନ୍ତି ତାହା ଯୁଗ ଯୁଗକୁ ଲୋକ ମୁଖରେ ଗଢ଼ି ଆସେ । ସେହି ବିଶ୍ୱାସକୁ ଯେତେ ଯୁକ୍ତି ତର୍କ ଓ ତଥ୍ୟବଳରେ ଅସାର, ଅନୈତିହାସିକ ଏବଂ ଅନ୍ଧବିଶ୍ୱାସ ବୋଲି ପଣ୍ଡିତ ବା ବୈଜ୍ଞାନିକମାନେ କହିଲେ ବି ତାହା ଲୋକମାନଙ୍କୁ ଆଦୌ ପ୍ରଭାବିତ କରେନାହିଁ । ମୋ' ମନ ସେମିତି ପ୍ରଭାବିତ ହୋଇନି । ପୁରାଣ ଇତିହାସ ଓ ନିଜ ଅଭିଜ୍ଞତାରୁ ଯାହା ସଂଗ୍ରହ କରିଛି ଲେଖିଛି । ପାଠକମାନେ ନିଜ ମନକୁ ପାଇଲା ପରି ତଥ୍ୟ ଗ୍ରହଣ କରିବେ । ଅନ୍ୟ ସବୁଯୁକ୍ତିର ବାହାରେ । ଏହି ପୁସ୍ତକ ରଚନାରେ ମୋର ପତିଦେବଙ୍କ ସହଯୋଗ ଅବର୍ଣ୍ଣନୀୟ । ପ୍ରତିଟି ବିଷୟ ଲେଖିଲା ବେଳକୁ କମ୍ପ୍ୟୁଟର ନେଟରୁ ଲେଖାସବୁ ବାହାର କରି ଦିଅନ୍ତି ଓ ଆଲୋଚନା ମାଧ୍ୟମରେ ଦିଗ୍‌ଦର୍ଶନ ଦିଅନ୍ତି । ଇତିହାସ ଅଧ୍ୟାପକ ହୋଇଥିବାରୁ ତୀର୍ଥସ୍ଥାନମାନଙ୍କର ଐତିହାସିକ ତଥ୍ୟ ପ୍ରଦାନ କରନ୍ତି । ସର୍ବୋପରି ତାଙ୍କ ପାଇଁ ତ' ତୀର୍ଥ ଭ୍ରମଣ ସମ୍ଭବ ହୋଇଛି । ତାଙ୍କ ସହଯୋଗ ବିନା ମୋର ଲେଖା ସମ୍ପୂର୍ଣ୍ଣ କରିବା ସମ୍ଭବ ହୋଇନଥା'ନ୍ତା । ମୋର ପିଲାମାନେ ପ୍ରିୟଙ୍କା, ସାଇନି ଓ ସାର୍ଥକ ମୋତେ ଅନେକ ପ୍ରେରଣା, ଶକ୍ତି ଓ ସାହସ ଯୋଗାଇଛନ୍ତି । ଭାଇ ଡକ୍ଟର ଉତ୍ତମ ଚରଣ ନାୟକ ଅନେକ ତୀର୍ଥସ୍ଥାନ ଉପରେ ବହି ଯୋଗାଇ ମତେ ଉତ୍ସାହ ପ୍ରଦାନ କରିଛନ୍ତି । ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ମୋର ପଡ଼ିଶା ତଥା ବଡ଼ଭାଇ ସଦୃଶ ଡକ୍ଟର ପ୍ରଫୁଲ୍ଲ କୁମାର ଦାଶଙ୍କ ପାଖରେ ମୁଁ ଚିରଋଣୀ । ତାଙ୍କର ବହୁମୂଲ୍ୟ ସମୟ ଦେଇ ସେ ମୋର ସମସ୍ତ ଲେଖାପଢ଼ି ଓ ଆବଶ୍ୟକୀୟ ସଂଶୋଧନ କରି ମତେ ଅଶେଷ ସାହାଯ୍ୟ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ନାରୀ ସୁରକ୍ଷା ପ୍ରକାଶନୀର କର୍ମକର୍ତ୍ତାମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଉଛି । ପରିଶେଷରେ ଶ୍ରୀଜଗନ୍ନାଥଙ୍କ କରୁଣା କାମନା କରି ତାଙ୍କ ଶ୍ରୀଚରଣରେ ଶତକୋଟି ପ୍ରଣାମ ଜଣାଉଛି । ସମର୍ଥ ସଦ୍‌ଗୁରୁ ସଚ୍ଚିଦାନନ୍ଦ ଶ୍ରୀ ସାଇନାଥ ଓ ମୋର ପରମ ଇଷ୍ଟ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଆଶୀର୍ବାଦ କାମନା କରୁଛି ।

*ଫ୍ଲାଟ ନଂ-୧୦୮୨/ଡି, ମର୍କତନଗର, ସିଡ଼ିଏ, ସେକ୍ଟର-୬, କଟକ, ଦୂରଭାଷ : ୯୮୬୧୩୫୫୬୬୨୮*




# ଏସବିଆଇ ଗ୍ରୁପ୍ ପକ୍ଷରୁ ଭୁବନେଶ୍ୱରରେ ଏସବିଆଇ ଗ୍ରିନ ମାରାଥନର ତୃତୀୟ ସଂସ୍କରଣ ଆୟୋଜିତ



ଭୁବନେଶ୍ୱର: ପରିବେଶ ନିରନ୍ତରତାର ଭାବ ଏବଂ ଭବିଷ୍ୟତ ପିଢ଼ିର ଉନ୍ନତ ଜୀବନକୁ ପାଳନ କରିବା ଲାଗି ଦେଶର ସର୍ବବୃହତ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏସବିଆଇ ଗ୍ରିନ ମାରାଥନର ତୃତୀୟ ସଂସ୍କରଣ ସହ ଫେରିଛି। ଏସବିଆଇର ଡିଏମ୍‌ଡି ତଥା ସିଆଇଓ ଶ୍ରୀ ଧନଞ୍ଜୟ ତାମ୍ବେ ଓ ଏସବିଆଇର ଶ୍ରୀମତି ପ୍ରବୀଣା କାଲା ଭୁବନେଶ୍ୱର ସର୍କଲ୍‌ର ସିଜିଏମ୍ ଏହି ଦୌଡ଼କୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ ଯେଉଁଥିରେ ପ୍ରାୟ ୪୦୦୦ ଉତ୍ସାହୀ ଦୌଡ଼ାଳିଙ୍କୁ ଦେଖିବାକୁ ମିଳିଛି।

ଏହି କାର୍ଯ୍ୟକ୍ରମ ଅବସରରେ ଦୂତି ଚାନ୍ଦ, ଏସିଆନ ୨୦୧୮ ରୌପ୍ୟ ପଦକ ବିଜୟିନୀ (୧୦୦ମିଟର ଓ ୨୦୦ ମିଟର ବର୍ଗ) ଏବଂ ଓଡ଼ିଶା ମହିଳା ଫୁଟବଲ ଦଳର ମୁଖ୍ୟ କୋଚ ତଥା ଭାରତୀୟ ଜାତୀୟ ମହିଳା ଫୁଟବଲ ଟିମର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉପସ୍ଥିତ ଥିଲେ। ରବିବାର ସକାଳେ କଳିଙ୍ଗ ଷ୍ଟାଡିୟମ୍‌ରେ ସାରା ସହରର ଅଂଶଗ୍ରହଣକାରୀ ଏକତ୍ରୀତ ହୋଇ ସବୁଜ ଭବିଷ୍ୟତର ଶପଥ ନେଇ ୫,୧୦,୨୧ କିମି ମାରାଥନ ଦୌଡ଼ିଥିଲେ।

ଅନ୍ୟ ଅଂଶଗ୍ରହଣକାରୀମାନଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇଥିଲେ। ସ୍ୱଚ୍ଛ ଓ ସବୁଜ ସହରର ପ୍ରଚାର ଲାଗି ସମସ୍ତ ଦୌଡ଼ାଳୀଙ୍କୁ ଅର୍ଗାନିକ୍ ଟି-ସାର୍ଟ ପ୍ରଦାନ କରାଯାଇଥିଲା। ୫କିମି ଦୌଡ଼ାଳୀଙ୍କ ବିବସ୍‌ରେ ବିହନ ରହିଥିଲା ଯାହାକୁ ମାରାଥନ୍ ପରେ ରୋପଣ କରାଯିବ।

ଏସବିଆଇ ଗ୍ରିନ ମାରାଥନର ତୃତୀୟ ସଂସ୍କରଣ ୧୫ଟି ସହର ଯଥା ହାଇଦ୍ରାବାଦ, ଭୋପାଳ, ଅହମ୍ମଦାବାଦ, ପାଟନା, ଚେନ୍ନାଇ, ଜୟପୁର, କୋଲକାତା, ମୁମ୍ବାଇ, ଚଣ୍ଡିଗଡ଼ ଏବଂ ନୂଆଦିଲ୍ଲୀ ଦେଇ ଯାତ୍ରା କରିବ। ଏହାର ଉଦଘାଟନୀ ସମାରୋହ ନିକଟରେ ଲକ୍ଷ୍ନୌ ଠାରେ ଆୟୋଜନ କରାଯାଇଥିଲା ଏବଂ ପରବର୍ତ୍ତି ସମୟରେ ଏହାକୁ ଗୌହାଟି, ଥିରୁବନନ୍ତପୁରମ ଓ ବାଙ୍ଗାଲୋରରେ ଆୟୋଜନ କରାଯାଇଥିଲା। ଏସିବିଆଇ ଗ୍ରିନ ମାରାଥନ ପାଇଁ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ସ୍ୱାସ୍ଥ୍ୟ ସହଯୋଗୀ ହୋଇଥିବା ବେଳେ ଏସବିଆଇ ମ୍ୟୁଚୁଆଲ ଫଣ୍ଡ ମଧ୍ୟ ଏହି ଶୂନ ବର୍ଜ୍ୟ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିଛି।

# ଜିଲ୍ଲା ଜଜ୍ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲେଶ୍ୱର,୧୫/୧୨(ପିଏନ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ସମେତ ଜଳେଶ୍ୱର, ସୋର, ନୀଳଗିରି, ବସ୍ତା ତାଲୁକ ଆଇନସେବା କେନ୍ଦ୍ର ଓ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରକାଧିକରଣର ଅଧକ୍ଷା ସୋନାଲି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ୨୮ଟି ଚେକ୍ ବାଉନ୍ସ ମାମଲା, ଗୋଟିଏ ବ୍ୟାଙ୍କ୍ ରିକଭରି ମାମଲା, ୭୫ଟି ମୋଟର ଜନିତ ଦୁର୍ଘଟଣା ମାମଲା, ୧୯ଟି ବୈବାହିକ ମୋକଦ୍ଦମା ସହିତ ଅନ୍ୟାନ୍ୟ ୧୨୮ ଟି ମାମଲାର ଫଇସଲା କରାଯାଇଥିଲା। ଚେକ୍ ବାଉନ୍ସ ମାମଲାରେ ୨୪,୦୬,୯୨, ବ୍ୟାଙ୍କ ଋଣ ଆଦାୟ ବାବଦରେ ୫୪,୩,୧୪୬, ମୋଟର ଜନିତ ଦୁର୍ଘଟଣା ମମାଲ ପ୍ରଭୃତି ମୋକଦ୍ଦମା ଫଇସଲା କରାଯାଇ ଜୋରିମନା ଆଦାୟ କରାଯାଇଥିବା ବେଳେ ପ୍ରାକ୍ ମୋକଦ୍ଦମା ଜନିତ ୨୨୪ ଟି ବ୍ୟାଙ୍କ ମାମଲା, ଟେଲିଫନ୍ ଏବଂ ଅନ୍ୟାନ୍ୟ ୩୨ଟି ମୋକଦ୍ଦମାକୁ ଫଇସଲା କରାଯାଇ ମୋଟ୍ ୧୪,୭୯,୮୭୭ ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ଲୋକ ଅଦାଲତକୁ ପରିଚାଳନା କରିଥିଲେ।

# ମଣିପାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଭୂତତ୍ୱ ଛାତ୍ର ମାନଙ୍କୁ ଗଭୀର ସମୁଦ୍ରରୁ ନମୁନା ସଂଗ୍ରହ ପ୍ରଶିକ୍ଷଣ



ଭୁବନେଶ୍ୱର-ମଣିପାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଏମଆଇଟି) ର ଭୁତତ୍ୱ ସ୍ନାତକୋତର ବିଭାଗର ମତ୍ସ୍ୟ ବିଜ୍ଞାନ ସମୁଦ୍ର ବିଜ୍ଞାନ ଅନୁସନ୍ଧାନ ପୋତ ସାଗର ସମ୍ପଦା ରେ ଡିସେମ୍ବର ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସେଡିମେଂଟ ଏବଂ ଅର୍ଗାନିକ ପଦାର୍ଥ ର ନମୁନା ସଂଗ୍ରହ ଟେକ୍‌ନିକ ସମ୍ବନ୍ଧରେ ପ୍ରଶିକ୍ଷଣ ପାଇବାର ସୁଯୋଗ ପାଇଛନ୍ତି।

ଏହି ଅଧ୍ୟୟନ ଯାତ୍ରା ଯୁବ ସ୍ନାତକୋତର ଛାତ୍ରଛାତ୍ରୀ ମାନଙ୍କୁ ସମୁଦ୍ର ସମ୍ବନ୍ଧରେ ଗବେଷଣା ପାଇଁ ପ୍ରେରଣା ଦେବାକୁ ଭାରତ ସରକାରଙ୍କ ଏକ ପ୍ରୟାସ। ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟର କୋଚିରେ ଅବସ୍ଥିତ ପ୍ରୟୋଗଶାଳା ସିଏମଏଲଆରଇ ପକ୍ଷରୁ ଏହି ଆୟୋଜନ କରାଯାଇଥିଲା। ଛାତ୍ର ମାନଙ୍କୁ ଆରବ ସାଗର ଠାରୁ ପ୍ରାୟ ୭୦କିମି ଦୂରରେ ଅବସ୍ଥିତ କୋଚି ବନ୍ଦର ଠାରୁ ଏକ କ୍ରୁଜରେ ନିଆଯାଇ ବୈଜ୍ଞାନିକ ମାନେ କିଭଳି ସମୁଦ୍ର ତଳୁ ସେଡିମେଂଟ ନମୁନା ସଂଗ୍ରହ କରି ଅତିତରେ ଜଳବାୟୁ, ଭୁବିଜ୍ଞାନ ଏବଂ ମତ୍ସ୍ୟ ବିଜ୍ଞାନ ସମ୍ବନ୍ଧରେ ଅଧ୍ୟୟନ କରିପାରୁଛନ୍ତି ତାହା ଦର୍ଶାଯାଇଥିଲା। ଗୋଟିଏ ପ୍ରୟୋଗରେ ଏକ ସେଡିମେଂଟ ଗ୍ରାବ ସାମ୍ପଲର ମେସିନ ଦ୍ୱାରା ପ୍ରାୟ ୫୦ ମିଟର ଗଭୀରରୁ ନମୁନା ସଂଗ୍ରହ କରାଯାଇଥିଲା। ଛାତ୍ରମାନେ ଏହି ନମୁନାକୁ ଜିଓ କେମିକାଲ ବିଶ୍ଳେଷଣ ପାଇଁ ସଂରକ୍ଷଣ କରିଥିଲେ। ଛାତ୍ର ମାନଙ୍କୁ ଫାଇଟୋପ୍ଲାଙ୍କଟନ, ମତ୍ସ୍ୟ ଲାର୍ଭା ଏବଂ ଜୁପ୍ଲାଙ୍କଟନ ରେ ନମୁନା ବ୍ୟବହାର ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା।

ମଣିପାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ର ଭୁତତ୍ୱ ଅଧ୍ୟାପକ ଡଃ କେ ବାଳକୃଷ୍ଣ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସେଂଟର ଫର ମେରାଇନ ଲିଭିଂ ରେସୋର୍ସେସ ଏଣ୍ଡ ଇକୋଲୋଜି ର ବରିଷ୍ଠ ବୈଜ୍ଞାନିକ ଡଃ ଆରି ଶିବାଜୀ କ୍ରୁଜର ପ୍ରମୁଖ ବୈଜ୍ଞାନିକ ଥିଲେ।

ଏହି କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ର ମାନଙ୍କମଧ୍ୟରେ ରାଗିଣୀ ଆର, ଆଦିଥ ଏନ, ଅଲତାଫ, ଡୋମିନିକ ସି, ମୁନ୍ନାଭିର ପି, ରୁଚି, ଶ୍ରୀ ବିଷ୍ଣୁ କେ, ଶ୍ରୀନିବାସ ଡି କେ, ସ୍ୱରୁପ ଏମ ଏବଂ ଖେଶବ ଆର ଭାଗ ନେଇଥିଲେ।

# ସହାୟତାର ହାତ ବଢାଇଲେ ରବି ନାରାୟଣ



କେନ୍ଦୁଝର(ପିଏନ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ପଇଦାପାଟଣା ପଂଚାୟତ ଖୁଂଟାପଡା ଗ୍ରାମର ଅଯୋଧ୍ୟା ନାୟକ ଦୀର୍ଘ ଦିନ ଧରି ବୋନ୍ ଟିବି ରୋଗରେ ଆକ୍ରାନ୍ତ ହୋଇ ସବସ୍ୱାନ୍ତ ହୋଇ ଆର୍ଥିକ ଓ ମାନସିକ ସ୍ତରରେ ଅସହାୟ ହୋଇଯିବା ପରେ ଏହାର ଖବର ପାଇ ଘଟଗାଁ କୋଦଣ୍ଡଧର ସେବା ଫାଉଣ୍ଡେସନର ଅଧକ୍ଷ ରବିନାରାୟଣ ଦେହୁରୀ ଖୁଂଟାପଡା ଗ୍ରାମରେ ପହଂଚି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ସହ ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି କହିଛନ୍ତି। ଆଜି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଗ୍ରାମର ଭୀଷ୍ମସେନ ନାୟକ, ଜଗନ୍ନାଥ ମହାନ୍ତ, ଟିକନ ନାୟକ, ନବକିଶୋର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଫାଷ୍ଟ୍ ଟ୍ୟାଗ୍ ଆବେଦନ ପାଇଁ ଟୋଲ ଗେଟ୍ ଅଫିସ ସାମ୍ନାରେ ଭିଡ

ବାଲେଶ୍ୱର,୧୫/୧୨(ପିଏନ): ସେରଗଡ ଟୋଲ ଗେଟ୍ ଅଫିସ ଆଗରେ ଆଜି ଲୋକଙ୍କର ବହୁତ ଭିଡ ଦେଖିବାକୁ ମିଳିଥିଲା। ନିଜ ନିଜ ଗାଡି ପାଇଁ ଫାଷ୍ଟ୍ ଟ୍ୟାଗ୍ ଆବେଦନ ପାଇଁ ଲୋକେ ଲାଇନ୍ ଲଗାଇଥିଲେ। ଦେଶରେ ଫାଷ୍ଟ୍ ଟ୍ୟାଗ୍ ଲାଗୁ ହେବା ନେଇ ଖବର ମିଳିବା ପରେ ଗାଡି ମାଲିକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଡିସେମ୍ବର ପହିଲାରୁ ଏହାକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ମିଳିଥିଲା। ହେଲେ ଏହା ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚି ଥିଲା। ମାତ୍ର ପୁଣି ଥରେ ଏହାକୁ ଜାନୁଆରୀ ୧୫ ପର୍ଯ୍ୟନ୍ତ କୋହଳ କରାଯାଇଛି। ଏହା ମଧ୍ୟରେ ଗାଡିର ଫାଷ୍ଟ୍ ଟ୍ୟାଗ୍ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ବାଲେଶ୍ୱର ଲୋକାଲ ଗାଡି ଓ ବ୍ୟକ୍ତିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଯାନ ପାଇଁ ନିୟମରେ ପରିବର୍ତ୍ତନ ଦାବି କରିଛନ୍ତି ଲୋକେ। ଏମିତିକି ଫାଷ୍ଟ ଟ୍ୟାଗରେ କେତେ ଟଙ୍କା କଟୁଛି ସେ ବିଷୟରେ ସଠିକ୍ ତଥ୍ୟ ଗାଡିର ମାଲିକ ପାଇବାରେ ଅସୁବିଧା ହେଉଛି ବୋଲି ଅଭିଯୋଗ ହୋଇଛି। ଲୋକେ ଫାଷ୍ଟ୍ ଟ୍ୟାଗ୍‌କୁ ନେଇ ଦ୍ୱନ୍ଦରେ ପଡୁଥିଲା ବେଳେ କେତେକ ଲୋକ ଏହାକୁ ସ୍ୱାଗତ କରିଛନ୍ତି। ଏହା ଦ୍ୱାରା ଟୋଲ୍ ଗେଟ୍‌ରେ ଶୀଘ୍ର ଯିବାଆସିବା କରି ହେବ ବୋଲି କହିବା ସହ ଏହାକୁ ସ୍ୱାଗତ କରିଛନ୍ତି।

# ମାଇଣ୍ଡଫାୟାର୍ ସଲ୍ୟୁସନ୍ସ ପକ୍ଷରୁ ଭୁବନେଶ୍ୱରରେ ଟେକ୍ ଭୁବନେଶ୍ୱର ୨୦୧୯ ଆୟୋଜିତ



ଭୁବନେଶ୍ୱର: ମାଇଣ୍ଡଫାୟାର ସଲ୍ୟୁସନ୍ସ ପକ୍ଷରୁ ଆଜି ସ୍ଥାନୀୟ ହୋଟେଲ ମେ'ଫେୟାର କନ୍‌ଭେନ୍‌ସନଠାରେ ଟେକ୍‌ଭୁବନେଶ୍ୱରର ୪ର୍ଥ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏକ ଦିନ ବ୍ୟାପି ଲାଗିରହିଥିବା ଉକ୍ତ କାର୍ଯ୍ୟକ୍ରମରେ ଟେକ୍ନିକାଲ ଓ ମୋଟିଭେସ୍‌ନାଲ ସେସନ୍ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ ଓ ଆଇଟି ସଚିବ, ମନୋଜ ମିଶ୍ର ପ୍ରଦୀପ ପ୍ରଜ୍ୱଳନକରି ଉଦ୍‌ଘାଟନ କରିଥିବାବେଳେ ମାଇଣ୍ଡଫାୟାର ସଲ୍ୟୁସନର ପ୍ରେସିଡ଼େଣ୍ଟ ଏବଂ ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀଯୁକ୍ତ ଚିନ୍ମୟ ପଣ୍ଡା ଉପସ୍ଥିତ ରହିଥିଲେ।

ଓଡିଶାର ସଂସ୍କୃତିକୁ ବିଶ୍ୱ ସମୁଦାୟ ନିକଟରେ ପ୍ରଦର୍ଶିତ କରିବା ପାଇଁ ଚଳିତ ବର୍ଷର କାର୍ଯ୍ୟକ୍ରମ ନୃତ୍ୟ ନୈବେଦ୍ୟ ଗ୍ରୁପ୍ ଦ୍ୱାରା ପାଇକ ବିଦ୍ରୋହ ଆଧାରିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣରୁ ଆରମ୍ଭ କରାଯାଇଛି।

ଏକ ଦାୟିତ୍ୱବାନ ସଂଗଠନ ଭାବେ ଆମେ ଏହି କାର୍ଯ୍ୟକ୍ରମକୁ ଅଧିକ ପରିବେଶ ଉପଯୋଗୀ ଓ ପେପରବିହୀନ କରିବାକୁ ଉଦ୍ୟମ କରିଛୁ।

ଏହି ଅବସରରେ ମାଇଣ୍ଡଫାୟାର୍‌ର ସିଓଓ, ସୌମ୍ୟ ମିଶ୍ର କହିଛନ୍ତିଯେ, 'ଟେକ୍‌ଭୁବନେଶ୍ୱର ହେଉଛି ଭୁବନେଶ୍ୱରସ୍ଥିତ ଆଇଟି ମେଜର୍ ମାଇଣ୍ଡଫାୟାର ସଲ୍ୟୁସନ୍ସ ଦ୍ୱାରା ପ୍ରେରିତ ଏକ ବାର୍ଷିକ ମେଗା ଟେକ୍ ଇଭେଣ୍ଟ। ଏହି କାର୍ଯ୍ୟକ୍ରମ ବିଶ୍ୱବ୍ୟାପୀ ସମସ୍ତ ଆଇଟି ବିଶେଷଜ୍ଞଙ୍କୁ ଲକ୍ଷ୍ୟରଖି ଆୟୋଜିତ ହୋଇଥାଏ ଏବଂ ଏହା ଜ୍ଞାନୀ ବ୍ୟକ୍ତିତ୍ୱଙ୍କୁ ଏକତ୍ରିତ ହେବା ଏବଂ ନିଜ ଅଭିଜ୍ଞତା ଓ ଶିକ୍ଷାକୁ ଅନ୍ୟମାନଙ୍କ ସହ ବାଣ୍ଟିବା ପାଇଁ ଏକ ଆଦର୍ଶ ମଞ୍ଚ ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମରେ ଆମେ ଅତ୍ୟାଧୁନିକ ଟେକ୍ନୋଲୋଜି ସମ୍ପର୍କରେ ଆଲୋଚନାକୁ ଆମର ମୂଳ ଉଦ୍ଦେଶ୍ୟ କରିଛୁ; ଯାହାକି କାର୍ଯ୍ୟକ୍ରମର ମଧ୍ୟ ମୁଖ୍ୟ ବିଷୟବସ୍ତୁ ରହିଛି; ଯାହାଫଳରେ ଅଂଶଗ୍ରହଣକାରୀମାନେ ନୂଆ ଆଇଡିଆ ହାସଲ କରିପାରିବେ।'

ଟେକ୍‌ଭୁବନେଶ୍ୱରର ୪ର୍ଥ ସଂସ୍କରଣରେ ୧୬ ଜଣ ପ୍ରତିଷ୍ଠିତ ତଥା ଉଦ୍ୟୋଗର ପ୍ରମୁଖ ବକ୍ତା ଯୋଗ ଦେଇଥିଲେ ଯେ ଏକ ଶିଳ୍ପ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବର୍ତ୍ତମାନର ସ୍ଥିତି ଉପରେ ଗଭୀର ତଥ୍ୟ ପ୍ରଦାନ କରିଛନ୍ତି; ଯାହା ଅଂଶଗ୍ରହଣକାରୀଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇପାରିଛି। ୟୁଏସ୍‌ଏ ଓ ଭାରତର ବିଭିନ୍ନ କୋଣରୁ ଆସିଥିବା ବକ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କିଛି ପ୍ରତିଷ୍ଠିତ ବକ୍ତା ହେଉଛନ୍ତି ଗିରିଶ ନୁଲି, ସିଇଓ, ଅନ୍ତରା, ୱିପ୍ରୋ ଓ ଆଇଗେଟ୍‌ର ପୂର୍ବତନ ଏଚ୍‌ଓଏମ୍ ତଥା ବର୍ତ୍ତମାନ ସିଏମ୍‌ଓଆକ୍ସିସ୍‌ର ସଂସ୍ଥାପକ ବିନୋଦ ହାରିଥ୍, ସ୍ଲାଙ୍ଗ୍ ଲ୍ୟାବ୍‌ସର ଓଡି ତଥା ଲିଟିଲ୍ ଆଇ ଲ୍ୟାବ୍ସର (ଯାହାକୁ ୨୦୧୪ରେ ଫେସ୍‌ବୁକ୍ ଅଧିଗ୍ରହଣ କରିଥିଲା) ସଂସ୍ଥାପକ କୁମାର ରଙ୍ଗରାଜନ୍, ବାଣିଜ୍ୟ ପରିବହନ ଓ ଇଲେକ୍‌ଟ୍ରୋନିକ୍ସ ଆଇଟି ବିଭାଗର ସଚିବ ମନୋଜ କୁମାର ମିଶ୍ର ଏବଂ ଆଲେନ୍ ଇମ୍ବାରାଟୋ, ସିଇଓ, କ୍ଷ୍ଟ୍ରେସ୍‌ସିଫ୍ଟର, କିବିଜ୍‌ସିଷ୍ଟମ୍ ହେଉଛନ୍ତି ପ୍ରମୁଖ।

# ଭାରତରେ ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ ଟାୟାର ଉନ୍ମୋଚିତ

ଭୁବନେଶ୍ୱର: ବିଶ୍ୱର ଅଗ୍ରଣୀ ଟାୟାର କଂପାନି ମିଶେଲିନ୍ ପକ୍ଷରୁ ନିକଟରେ ମିଶେଲିନ୍ ଏନର୍ଜି ଏକ୍ସଏମ୍୨+କୁ ଭାରତରେ ଉନ୍ମୋଚନ କରାଯାଇଛି। ଏହାକୁ ବ୍ୟାପକ ଭାବେ ସଫଳତା ହାସଲ କରିଥିବା ମିଶେଲିନ୍ ଏକ୍ସଏମ୍୨ ଟାୟାର ସ୍ଥାନରେ ଉପସ୍ଥାପନ କରାଯାଇଛି। ପ୍ରଦର୍ଶନ ଓ ସୁରକ୍ଷା ସହିତ ଟାୟାର ଜୀବନର ଶେଷ ପର୍ଯ୍ୟନ୍ତ ଯାତ୍ରା କରି ।ରୁଥିବା ଟାୟାର ଚାହୁଁଥିବା ଯୁବ ଏବଂ ଅଧିକ ଗମନାଗମନ କରୁଥିବା ଯୁବପିଢ଼ିଙ୍କୁ ନଜରରେ ରଖି ଅଣାଯାଇଥିବା ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ କ୍ଷୁଦ୍ର ଓ ମଧ୍ୟମ ଆକାରର କାର୍‌ରେ ଶ୍ରେଷ୍ଠ ଭାବେ ଖାପଖାଇବ। ନିଜର ପୂର୍ବତନ ପିଢ଼ି ତୁଳନାରେ ଅଧିକ ପ୍ରଦର୍ଶନ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ ଶ୍ରେଷ୍ଠ ସୁରକ୍ଷା-ଉଭୟ ନୂଆ ବେଳେ ଏବଂ ଏହାର ଜୀବନର ବ୍ୟବହାର ସମୟରେ ପ୍ରଦାନ କରୁଛି। ମୋହନ କୁମାର, ଉପସଭାପତି, ମିଶେଲିନ୍ ଇଣ୍ଡିଆ କହିଛନ୍ତି ଯେ, "ମିଶେଲିନ୍ କାର୍ଯ୍ୟର କେନ୍ଦ୍ର ସ୍ଥଳରେ ରହିଛି ଦୀର୍ଘସ୍ଥାୟୀ ପ୍ରଦର୍ଶନ। ଭାରତରେ ଆମେ ପୁଣି ଥରେ ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ ଜରିଆରେ ଦୈନନ୍ଦିନ ଯାତ୍ରାର ସ୍ତରକୁ ବଢ଼ାଇଛୁ ଯାହା ଏହାର ପୂର୍ବ ମିଶେଲିନ୍ ଏନର୍ଜି ଏକ୍ସଏମ୍୨ ତୁଳନାରେ ଉନ୍ନତ ଏବଂ ତାହା ଦୀର୍ଘ ୮ ବର୍ଷ ପର୍ଯ୍ୟନ୍ତ ନିରନ୍ତର ଭାବେ ଗଣ ବଜାରରେ ଅଗ୍ରଣୀ ରହିଥିଲା। ସୁରକ୍ଷିତ ରହୁଥିବା ଏବଂ ନିଜ ଜୀବନ କାଳ ଶେଷ ପର୍ଯ୍ୟନ୍ତ ଉଚ୍ଚ ପ୍ରଦର୍ଶନ ପ୍ରଦାନ କରୁଥିବା ଟାୟାର ଭାରତକୁ ଆଣିବାକୁ ଆମେ ପ୍ରତିବଦ୍ଧ ଏବଂ ସେହି ପ୍ରତିବଦ୍ଧତା ପ୍ରତି ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ ହେଉଛି ଏକ ପ୍ରତିଫଳନ।"

# ସହକାରୀ ଶିକ୍ଷକଙ୍କ ମାଡରେ ପ୍ରଧାନ ଶିକ୍ଷୟିତ୍ରୀ ଗୁରୁତର

ବାଲେଶ୍ୱର,୧୫/୧୨(ପିଏନ): ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସହକାରୀ ଶିକ୍ଷକ ମାଡ ମାରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଚଳିତ ମାସ ୫ ତାରିଖରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସୁନ୍ଦରକୁଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳୀ ମହାନ୍ତି ମଧ୍ୟାହ୍ନ ଭୋଜନରେ ବଳକା ଥିବା କିଛି ଡାଲିକୁ ସହକାରୀ ଶିକ୍ଷକ ଗୌତମ ସାମଲଙ୍କୁ ଦେଇ ପାଚିକାଙ୍କ ହେପାଜତରେ ରଖିବା ପାଇଁ କହିଥିଲେ। ପୁଣି ୯ ତାରିଖରେ କିଛି ଡାଲି ବଳିଯିବାରୁ ପୂର୍ବ ଡାଲି ସହିତ ରଖିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତି ପାଚିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପୂର୍ବରୁ ବଳିଥିବା ଡାଲି ଆଲମିରାରେ ନଥିବା ପାଚିକା କହିଥିଲେ। ଡାଲି କୁଆଡେ ଗଲା ବୋଲି ପାଚିକା ଏବଂ ସହକାରୀ ଶିକ୍ଷକ ସଞ୍ଜୟ କୁମାର ସେଠୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ପଚାରିବାରୁ ସେମାନେ କିଛି ଜାଣିନଥିବା କହିଥିଲେ। ଶିକ୍ଷକ ଗୌତମ ସାମଲଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଉତ୍ତ୍ୟକ୍ତ ହୋଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେତେବେଳେ ଶ୍ରୀ ସାମଲ ଖାଇବାକୁ ବସିଥିଲେ। ଦୁଇଜଣଙ୍କ ଭିତରେ ଯୁକ୍ତିତର୍କ ଚାଲିଥିଲା ବେଳେ ଶ୍ରୀ ସାମଲ ହଠାତ୍ ଖାଇବା ସ୍ଥାନରୁ ଉଠିପଡି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦୁଇ ଚାପୁଡା ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ସ୍କୁଲର କିଛି ଛାତ୍ରଛାତ୍ରୀ ଏବଂ ପାଚିକା ଦେଖିଥିବା ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଘଟଣା ସମ୍ପର୍କରେ ସେ ବାଲିଆପାଳ ବିଇଓ ଏବଂ ସ୍କୁଲ ପରିଚାଳନା କମିଟିଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ତେଣୁ ସେ ଶୁକ୍ରବାର ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୨୯୪/୧୯ରେ ଏକ ମାମଲା ରୁଜୁ ହୋଇଛି।

# ମରୈଗାଁ ସମବାୟ ସମିତିର ସାଧାରଣ ବୈଠକ

କେନ୍ଦୁଝର(ପିଏନ): ହାଟଡିହି ବ୍ଲକର ମରୈଗାଁ ସମବାୟ ସମିତିର ସଭାପତି ଗୋବର୍ଦ୍ଧନ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳିନ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହସମ୍ପାଦକ ବିଭୂତି ଭୂଷଣ ସେଠୀ, ଉପସଭାପତି ଜ୍ୟୋତ୍ସାମୟୀ ଜେନା ଓ ସମିତିର ଡାଇରେକ୍ଟରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧାନ କିଭଳି ଚାଷୀଙ୍କ ଠାରୁ ସୁରୁଖୁରୁରେ କିଣାଯାଇପାରିବ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା। ଆୟ ବ୍ୟୟର ହିସାବ କରାଯାଇଥିଲା। ତାଛଡ଼ା ପୂର୍ବରୁ ଥିବା ସମ୍ପାଦକ ଶରତ ସେଠୀଙ୍କ ନାମରେ ଅଭିଯୋଗ ହୋଇଥିବାରୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ସେଥିରେ କିଛି ଗୁରୁତର ଅଭିଯୋଗ ନଥିବାରୁ ପୁନଃ ତାଙ୍କୁ ନିଯୁକ୍ତି ଦିଆଯାଇ ସମ୍ପାଦକ କାର୍ଯ୍ୟ ତୁଲାଇବା ପାଇଁ ସାଧାରଣ ବୈଠକରେ ଆଲୋଚନା ହୋଇ ନିଷ୍ପତି ହୋଇଥିଲା ଏବଂ ଯେତେ ଦିନ ପର୍ଯ୍ୟନ୍ତ ସେ ଦରମା ପାଇନାହାଁନ୍ତି ତାଙ୍କ ଦରମାକୁ ଦେବା ପାଇଁ ଆଲୋଚିତ ହୋଇଥିଲା। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ଜଣାଇବା ପାଇଁ ଡାଇରେକ୍ଟର ମାନେ ସଭାପତିଙ୍କୁ ଅନୁରୋଧ କରିଥିଲେ। ଏହି ସମୟରେ କିର୍ତ୍ତନ ବିହାରୀ ଭୋଳ, ପ୍ରଭଞ୍ଜନ ଦାସ, ରମେଶ ଦାସ, ବିମଳ ମଲ୍ଲିକ, ଶ୍ରୀଧର ଦାସ, ଜଳଧର ମହାପାତ୍ର, ଚକ୍ରଧର ଜେନା, ଭୀମସେନ ନାୟକ, ଜ୍ୟୋସ୍ନା ଦାସ ପ୍ରମୁଖ ସମସ୍ତ ଡାଇରେକ୍ଟରଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା।

# ପ୍ରହସନରେ ପାଲଟିଛି ଜିଲ୍ଲାର ପଥପ୍ରାନ୍ତ ବୃକ୍ଷରୋପଣ



କେନ୍ଦୁଝର(ପିଏନ): ରାଜଧାନୀର ପଥପ୍ରାନ୍ତରେ ବୃକ୍ଷରାଜି ଦେଖି ତଥା ଗଛ ଛାଇ ତଳେ ଚାଲି ଚାଲି ଯାଉଥିବା ପଥିକକୁ ଦେଖିବା ପରେ ତତ୍‌କାଳୀନ କେନ୍ଦୁଝର ଜିଲ୍ଲାପାଳ ସୁଶିଲ ଲୋହାନୀ କେନ୍ଦୁଝରର ରାସ୍ତା ଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ଇଛାବ୍ୟକ୍ତ କରି ସିରାଜୁଦ୍ଦିନ କମ୍ପାନୀକୁ ଦାୟୀତ୍ୱ ଦେଇଥିଲେ। ପ୍ରସ୍ତାବ ଅନୁସାରେ କମ୍ପାନୀ ଜିଲ୍ଲାର ରାସ୍ତା ପାର୍ଶ୍ୱରେ ବୃକ୍ଷ ଲଗାଇବା କଥା। ଯାହାକୁ ମାନି ସିରାଜୁଦ୍ଦିନ କମ୍ପାନୀ ବୃକ୍ଷ ଲଗାଇ ଥିଲା ମଧ୍ୟ କିନ୍ତୁ ସେଗୁଡିକ କେବଳ ଥାନା ଛକରୁ ତହସିଲ ଅଫିସ ରାସ୍ତାକଡ, ଥାନା ଛକରୁ ଡିଏନ୍ ହାଇସ୍କୁଲ ପାଖ, ଚର୍ଚ୍ଚ ଛକରୁ ଜେଲ୍ ରୋଡ୍ ଛକ ପର୍ଯ୍ୟନ୍ତ ସୀମିତ ରହିଗଲା। ସହରର ଏହି ଅଂଚଳରେ ଯେହେତୁ ଭିଆଇପିଙ୍କର ଯିବା ଆସିବା ଲାଗି ରହିଛି ତେଣୁ କମ୍ପାନୀ କେବଳ ସେତିକିରେ ଗଛ ଲଗାଇ ଦେଇ ପୂର୍ଣ୍ଣାହୁତି ଦେଇଦେଲେ। କିନ୍ତୁ କେନ୍ଦୁଝର ସହର କେବଳ ଏତିକି ଅଂଚଳକୁ ବୁଝାଏ କି ? କେନ୍ଦୁଝର ଜିଲ୍ଲାରେ ହୋଇଥିବା ଏହି ବୃକ୍ଷରୋପଣ କେବଳ ପ୍ରହସନ ହୋଇ ରହି ଯାଇଛି। ଏଠାରେ ସୂଚନା ଯୋଗ୍ୟ କି କେନ୍ଦୁଝରରେ ଦୀର୍ଘ ୨୫ରୁ ୩୦ ବର୍ଷ ମୂମରେ କେନ୍ଦୁଝରର ପ୍ରତ୍ୟେକ ରାସ୍ତାର ଦୁଇ ପାର୍ଶ୍ୱରେ ସୁଦୃଶ୍ୟମାନ ଅତି ଉପାଦେୟ ଆମ୍ବ, ଜାମୁ, ଲିମ୍ବ, ପଣସ, ଡିମିରି, ବର, ଓସ୍ତ, କରଞ୍ଜ, ତେନ୍ତୁଳି, ଦେବଦାରୁ ପରି ଶତାୟୁ ବୃକ୍ଷରାଜି ଶୋଭା ପାଉଥିଲା। କିନ୍ତୁ ସରକାରୀ ବାବୁଭାୟା ମାନଙ୍କର ଲୋଲୁପ ଦୃଷ୍ଟି ପଡିବା ପରେ ଉକ୍ତ ଗଛ ଗୁଡିକୁ ବିଭିନ୍ନ ଆଳ କରି କାଟି ନିଆଗଲା ପରେ ସଂପୃକ୍ତ ଗଛର କାଠ ଗୁଡିକ କ'ଣ ହେଲା ଏବଂ ସେ ଗୁଡିକର ନିଲାମ ବା ବିକ୍ରୟରୁ ଲବ୍ଧ ଅର୍ଥରାଶି କେଉଁଥିରେ ବିନିଯୋଗ ହେଲା ତାହା ଏକ ରହସ୍ୟ ହୋଇ ରହିଗଲା। ଯେହେତୁ କେନ୍ଦୁଝରର ଜନସାଧାରଣମାନେ ସରକାରଙ୍କ ଆଜ୍ଞାଧିନ ତେଣୁ ଏ ବିଷୟରେ କେହି ପ୍ରଶ୍ନ କରିବା ଉଚିତ୍ ମଣିଲେ ନାହିଁ। ପରବର୍ତ୍ତି ସମୟରେ ଯାହା ଶୁଣିବାକୁ ମିଳିଲା କି ଉକ୍ତ କାଠ ଗୁଡିକ ରାଜଧାନୀକୁ ବୁହା ହୋଇ ରାଜଧାନୀର ଭବ୍ୟ ଅଟ୍ଟାଳିକା ମାନଙ୍କରେ କବାଟ, ଝରକା, ଆଲମୀରା, ଚୌକି, ଖଟର ରୂପ ନେଇ ନିଜର ସୌଭାଗ୍ୟ ମଣ୍ଡିତ କରିଥିଲେ। କେନ୍ଦୁଝର ସହରବାସୀଙ୍କର ଏହି ନୀରବତାର ଫାଇଦା ନେଇ ପାଣିକୋଇଲି ଠାରୁ ରଜାମୁଣ୍ଡା ରାସ୍ତାର ଦୋହରିକରଣ ହେବା ସମୟରେ କଟା ଯାଇଥିବା ଗଛର ଏକ ପ୍ରତିଶତ ଗଛ ବି ବର୍ତ୍ତମାନ ପର୍ଯ୍ୟନ୍ତ ଲଗା ଯାଇନାହିଁ। ଯାହାଫଳରେ କି ଏବେ ବି ରାଜରାସ୍ତାର ଦୁଇପାର୍ଶ୍ୱ ଲଙ୍ଗଳା ଦେଖା ଯାଉଛି। ରାଜରାସ୍ତାର ଏହିପରି ଅବସ୍ଥା ଦେଖି କାଳେ କିଏ କ'ଣ କହିବ ତେଣୁ ଥାକିଲି ପକା ନ୍ୟାୟରେ ରାଜରାସ୍ତା ମଝି ଡିଭାଇଡରରେ କିଛି କନିଆରୀ, ତରାଟ ପରି ଛୋଟ ଛୋଟ ବୁଦା ବୁଦା ଗଛ ଲଗାଯାଇଛି। ଅତି ଦୁଃଖର ସହ କହିବାକୁ ପଡୁଛି କି ବର୍ତ୍ତମାନର ଜିଲ୍ଲା ପ୍ରଶାସନ ଏହି ଜିଲ୍ଲାର ସୌନ୍ଦର୍ଯ୍ୟକରଣ ନିମନ୍ତେ ପୂର୍ଣ୍ଣମାତ୍ରାରେ ଉଦାସିନ ଅଟେ। ଏଠାରେ ଏକ ପ୍ରଶ୍ନ ଉଠେ କି ସରକାର ଜଙ୍ଗଲ ବନ୍ଧୁ ବା ପରିବେଶ ବନ୍ଧୁ ପଦବୀ ସୃଷ୍ଟି କରି ଯଦି ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଆମ୍ବ, ପଣସ, ଜାମୁ ପରି ଔଷଧିୟ ବୃକ୍ଷ ରାସ୍ତାକଡରେ ଲଗାନ୍ତେ ତେବେ କ'ଣ କ୍ଷତି ହୁଅନ୍ତା ?




# ପଡୋଶୀ ଦେଶରୁ ଆସିଥିବା ସଂଖ୍ୟାଲଘୁଙ୍କୁ ଅଧିକାର ଦେବ ସିଏବି

ବହୁଚର୍ଚ୍ଚିତ ନାଗରିକତା ସଂଶୋଧନ ବିଲ୍ (ସିଏବି) ଲୋକସଭା ଓ ରାଜ୍ୟସଭାରେ ବହୁମତରେ ପାରିତ ହୋଇ ଯାଇଛି । ଯେତେବେଳେ ଦେଶ ବିଭାଜନ ହେଲା, ସେତେବେଳେ ଧାର୍ମୀୟ ଆଧାରରେ ଦେଶର ବିଭାଜନ ପାଇଁ ଦାବି ହୋଇଥିଲା । କିନ୍ତୁ ଭାରତର ମାନସିକତାରେ ଏହି ପ୍ରକାର ଧାର୍ମୀକ ରାଜ୍ୟର କଳ୍ପନା ନାହିଁ । ପରନ୍ତୁ ଏହି ଆଧାରରେ ଦେଶ ବିଭାଜନ ହେଲା । ସେ ସମୟର ନେତୃତ୍ୱ ଏହାକୁ ସ୍ୱୀକାର କରିନେଲେ । ଯଦି ଧର୍ମ ଆଧାରରେ ଦେଶର ବିଭାଜନ ହୋଇ ନଥାନ୍ତା ତେବେ ତାହାପରେ ଯେଉଁ ସବୁ ଘଟଣା ଘଟିଗଲା ତାହା ସବୁ ଘଟିନଥାନ୍ତା । ବିଭାଜନ ପରେ ପାକିସ୍ତାନ, ବଙ୍ଗଳାଦେଶ ନିଜେ ନିଜକୁ ଏକ ମୁସଲିମ ଦେଶ ଭାବେ ଘୋଷଣା କରିଥିଲେ । ସେହି ସମୟରେ ଆଶଙ୍କା ସୃଷ୍ଟି ହୋଇଥିଲା ସେଠାରେ ରହିଯାଇଥିବା ସଂଖ୍ୟାଲଘୁ ସମାଜର ସ୍ଥିତି କଣ ହେବ ? ଏହି ସମୟରେ ଦୁଇ ସରକାରଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିଲା । ଇସଲାମିକ ଷ୍ଟେଟ୍ ହେବା ପରେ ମଧ ସଂଖ୍ୟାଲଘୁ ସମାଜ ସହିତ କୌଣସି ଭେଦଭାବ, ଅନ୍ୟାୟ ହେବ ନାହିଁ ବୋଲି କଥା ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ କହିବାକୁ ପଡୁଛି ଯେ, ଏପରି ହେଲା ନାହିଁ । ସେଠାରେ ରହୁଥିବା ହିନ୍ଦୁମାନେ ସଂଖ୍ୟାଗରିଷ୍ଠ ଲୋକଙ୍କର ଶିକାର ହେଲେ, ଅନେକ ପ୍ରକାର ନିର୍ଯ୍ୟାତନର ମଧ ଶିକାର ହେଉଛନ୍ତି । ସମୟ ସମୟରେ ସେଠାରେ ହେଉଥିବା ଜନଗଣନାକୁ ବିଶ୍ଳେଷଣ କଲେ ଜଣାପଡୁଛି ଯେ,ପାକିସ୍ତାନ, ବଙ୍ଗଳାଦେଶ ଓ ଆଫଗାନିସ୍ଥାନରେ ରହୁଥିବା ହିନ୍ଦୁଙ୍କ ସଂଖ୍ୟା ନିରନ୍ତର ଭାବେ ବହୁମାତ୍ରାରେ ହ୍ରାସ ପାଇବାରେ ଲାଗିଛି ।

ଗୋଟିଏ ଦେଶର ନାଗରିକ ଅନ୍ୟ ଦେଶକୁ ଆସିଲେ ସେମାନେ ବିଦେଶୀ ନାଗରିକ ଭାବେ ପରିଚିତ ହୋଇଥାନ୍ତି । କିନ୍ତୁ ଭାରତର ପରିସ୍ଥିତି ଏକଦମ୍ ଭିନ୍ନ ପ୍ରକାରର । ସେହି ଦେଶମାନଙ୍କରୁ ପ୍ରତାଡିତ ହୋଇ ଆସୁଥିବା ହିନ୍ଦୁ ସମାଜ କେଉଁ ଆଡେ ଯିବେ ? ସେମାନଙ୍କ ପାଇଁ ଭାରତ ଛଡା ଅନ୍ୟ କୌଣସି ସ୍ଥାନ ନାହିଁ , ଯେଉଁ ଠାରେ କି ସେମାନେ ସମ୍ମାନର ସହିତ ସୁରକ୍ଷିତ ଭାବେ ଜୀବନ ଯାପନ କରି ପାରିବେ । ଏଥିପାଇଁ ସେମାନେ ଭାରତକୁ ଆସିଥିଲେ ଏବଂ ଲଗାତର ଭାବେ ବହୁ ସଂଖ୍ୟାରେ ଆସୁଛନ୍ତି । କିନ୍ତୁ କୌଣସି ଏକ ଆଇନ୍ କାନୁନର ଅଭାବ ଯୋଗୁଁ ବର୍ଷ ବର୍ଷ ଧରି ଏଠାରେ ରହିବା ପରେ ମଧ ସେମାନେ ନାଗରିକତାର ଅଧିକାରରୁ ବଞ୍ଚିତ ହୋଇଛନ୍ତି । ଏହି ବିଲ ବହୁତ ବଡ ଆବଶ୍ୟକତା ଥିଲା, ସେହି ପ୍ରତାଡିତ ବନ୍ଧୁମାନଙ୍କ ପାଇଁ, ଯେଉଁମାନଙ୍କୁ ଅନୁପ୍ରବେଶକାରୀ କୁହାଯାଉନାହିଁ , ଶରଣାର୍ଥି ରୂପେ ପରିଚିତ । ଆମର ଏହି ଭୂମିକା ବହୁ ଦିନ ଆଗରୁ ରହି ଆସିଛି । ସଂଘ ଏହି ସନ୍ଦର୍ଭରେ ସଦା ସର୍ବଦା କହି ଆସୁଛି ଯେ, ବାହାରର କୌଣସି ହିନ୍ଦୁ ଏଠାକୁ ଆସୁଛନ୍ତି ସେମାନେ କଦାପି ଅନୁପ୍ରବେଶକାରି ନୁହଁନ୍ତି, ସେମାନେ ଶରଣାର୍ଥୀ । ସେହି ପ୍ରତାଡିତ ବନ୍ଧୁମାନେ ଯେଉଁମାନେ ଭାରତକୁ ଆସୁଛନ୍ତି ସେମାନେ ସ୍ୱାଭାବିକ ରୂପେ ଆଶା ରଖିଛନ୍ତି ଯେ, ଆମେ ଏଠାରେ ସମ୍ମାନର ସହ ଜୀବନ ଯାପନ କରି ପାରିବୁ ଏବଂ କିଛି ଅଧିକାର ସହିତ ଜୀବନ ବିତାଇବାର ଅବସର ମିଳିବ । ଦୀର୍ଘ ସମୟ ବିତି ଯାଇଥିଲେ ମଧ ସେମାନଙ୍କର ଆଶା ପୂରଣ ହୋଇ ପାରିନଥିଲା । ବର୍ତ୍ତମାନର ସରକାର ବହୁତ ଭଲ ପଦକ୍ଷେପ ନେଇଛନ୍ତି । ସେହି ଦୁଇ ତିନି ଦେଶରୁ ଯେଉଁ ସଂଖ୍ୟାଲଘୁ ସମାଜର ବ୍ୟକ୍ତି ଭାରତରେ ଅଛନ୍ତି ଏବେ ସେମାନଙ୍କୁ ସମ୍ମାନର ସ୍ଥାନ ମିଳିବ । ସେମାନେ ଯେଉଁ ସୁବିଧା ଚାହୁଁଥିଲେ ସେମାନଙ୍କୁ ଏହି ନାଗରିକତା ସଂଶୋଧନ ବିଲ ମାଧ୍ୟମରେ ମିଳି ପାରିବ । ଏହି ବିଲ ବାହାରୁ ଆସିଥିବା ସଂଖ୍ୟାଲଘୁ ସମୁଦାୟଙ୍କୁ ବହୁତ ଆଶ୍ୱସ୍ତ ଦେବ । ଆମେ ସେମାନଙ୍କୁ ସ୍ୱାଗତ କରୁଛୁ , ସେମାନଙ୍କ ପ୍ରତି ଆନନ୍ଦ ପ୍ରକଟ କରୁଛୁ । ଆସିଥିବା ଶରଣାର୍ଥୀମାନଙ୍କର ଯେଉଁ ସୀମା ଥିଲା ତାହା ଏବେ ସମାପ୍ତି ହୋଇ ଏକ ସ୍ୱାଭିମାନ ରୂପରେ, ଏହି ଦେଶର ନାଗରିକ ଭାବରେ ରହି ପାରିବେ ଏବଂ ଏଠାରେ ସାଧାରଣ ଜନତା ଯେଉଁ ଅଧିକାର ପାଉଛନ୍ତି ସେମାନେ ସେହି ଅଧିକାରର ଲାଭାନ୍ୱିତ ହୋଇ ପାରିବେ । ସେମାନଙ୍କର ଭବିଷ୍ୟତ ଜୀବନ ସୁଖ ସମୃଦ୍ଧ ସମ୍ପନ୍ନ ହେବ ଏହା ଆମର ଆଶା ନୁହେଁ ବିଶ୍ୱାସ ।

ନିଜର ରାଜନୈତିକ ସଂକୁଚିତ ଚିନ୍ତାଧାରାରୁ ଉପରକୁ ଉଠି ସମସ୍ତେ ଏହାକୁ ସ୍ୱାଗତ କରିବା ଉଚିତ । ଆମର ସମ୍ମାନୀୟ ଗୃହମନ୍ତ୍ରୀ ବାରମ୍ବାର କହିଛନ୍ତି ଯେ, ଏହି ବିଲ ଦ୍ୱାରା ଭାରତରେ ରହୁଥିବା କୌଣସି ମୁସଲମାନ ସମାଜର ବନ୍ଧୁମାନଙ୍କର କ୍ଷତି ହେବ ନାହିଁ । ସେମାନେ ଏଠାରେ ରହିବେ । ସେମାନେ ନାଗରିକ ଭାବରେ ଯେଉଁ ଅଧିକାର ପାଉଛନ୍ତି ପାଇବେ । ଏହା କେବଳ କିଛି ଲୋକଙ୍କୁ ଅଧିକାର ଦେବା ପାଇଁ । ସେଥିପାଇଁ ଗୃହମନ୍ତ୍ରୀ ବାରମ୍ବାର କହୁଛନ୍ତି ଆମେ କାହାରି ଅଧିକାର କୁ କମ୍ କରିବା ପାଇଁ ନୁହେଁ ଅଧିକାର ଦେବା ପାଇଁ କଥା କହୁଛୁ ।

ଏହି ସାହସିକତାର ପଦକ୍ଷେପ ପାଇଁ କେନ୍ଦ୍ର ସରକାର ଏବଂ ବିଶେଷତଃ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ହୃଦୟର ସହିତ ଅଭିନନ୍ଦନ କରିବା ସହ ଧନ୍ୟବାଦ ଜ୍ଞାପନ କରିଛନ୍ତି ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘର ସରକାର୍ଯ୍ୟବାହ ଶ୍ରୀ ଭୈୟାଜୀ ଜୋଷୀ । ସେ କହିଛନ୍ତି କିଛି ରାଜ୍ୟରେ ଏବେ ଅଶାନ୍ତି ସୃଷ୍ଟି ହୋଇଛି । ମୋର ବିଶ୍ୱାସ କେନ୍ଦ୍ର ସରକାର ସେହିସବୁ ବିଶେଷକରି ପୂର୍ବୋତ୍ତର ରାଜ୍ୟ ସହିତ କଥା ବାର୍ତ୍ତା କରି ସେମାନଙ୍କ ମନରେ ସୃଷ୍ଟି ହୋଇଥିବା ଭ୍ରମ ଧାରଣା ଦୂର କରି ଶାନ୍ତ କରାଇବେ । ଆପଣମାନେ ଦେଶର ନାଗରିକ, ଆପଣମାନଙ୍କର କୌଣସି ଚିନ୍ତା କରିବାର କାରଣ ନାହିଁ । ଆପଣମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଯିଏ ଯେଉଁଠାରେ ରହୁଥିଲେ ସେମାନେ ହିଁ ସେହିଠାରେ ରହିବେ । ମୁଁ ପ୍ରାର୍ଥନା କରୁଛି ଯେ ଅନାବଶ୍ୟକ ବିଭ୍ରାନ୍ତି ସୃଷ୍ଟିକରି ସମାଜରେ ହିଂସାର ବାତାବରଣ ତିଆରି କରୁଛନ୍ତି ସେଥିରୁ ଆପଣ ଦୂରେଇ ଯାଇ ଦେଶରେ ଶାନ୍ତି ପ୍ରତିଷ୍ଠାରେ ସହାୟକ ହୁଅନ୍ତୁ ।

**ଗୋଲଖ ଚନ୍ଦ୍ର ଦାସ,** ମୋ-୯୮୬୧୦୨୮୫୫୩

# ଜାନୁୟାରୀ ୧୧ରୁ ଅନ୍ତର୍ଜାତୀୟ ଧଉଳି କଳା ଉତ୍ସବ



ଭୁବନେଶ୍ୱର (ପିଏନ୍): ଚଳିତ ବର୍ଷ ତୃତୀୟ ବର୍ଷରେ ପଦାର୍ପଣ କରିବ ଶାନ୍ତିସ୍ତୁପ ପାଦଦେଶରେ ଜାନୁୟାରୀ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ଧଉଳି କଳା ଉତ୍ସବ। ସ୍ଥାନୀୟ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି କଳା ଉତ୍ସବରେ ଚଳିତବର୍ଷ ଭାରତ ବ୍ୟତୀତ ଇଣ୍ଡୋନେସିଆ, ବାଂଲାଦେଶ, ନେପାଳ, ଥାଇଲାଣ୍ଡ, ସୁଇଜରଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ଆମେରିକା ଓ ଜାପାନରୁ ମୋଟ ୧୫ଜଣ ବିଶିଷ୍ଟ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବେ। ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ମଧ ମୋଟ୍ ୪୫ଜଣ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ଶ୍ରେଷ୍ଠ ଚିତ୍ର ଅଙ୍କନ କରିବେ। ଉତ୍ସବ ଅବସରରେ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନ ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବର୍ଗରୁ ଶିଶୁ ଚିତ୍ରଶିଳ୍ପୀ ପୁରସ୍କାର, କଳାଶ୍ରୀ ସମ୍ମାନ, ଭୁବନେଶ୍ୱର କଳା ସମ୍ମାନ ଓ କଳା ଆଚାର୍ଯ୍ୟ ସମ୍ମାନରେ ବିଶିଷ୍ଟ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବ ଅବସରରେ ମଧ ଓଡ଼ିଶାରୁ ଜଣେ ପ୍ରତିଷ୍ଠିତ ଚିତ୍ରକର ଏବଂ ଓଡ଼ିଶା ବାହାର ରାଜ୍ୟରୁ ଜଣେ ଚିତ୍ରକରଙ୍କୁ ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମରେ ପ୍ରତି ସନ୍ଧ୍ୟାରେ 'କଳା ଓ କଳାକାର' ଶୀର୍ଷକ ଆଲୋଚନା ଓ ସ୍ଲାଇଡ୍ ଶୋ ମଧ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ, ସମ୍ପାଦକ ମିହିରକାନ୍ତ ପ୍ରହରାଜ ଓ କାର୍ଯ୍ୟକାରୀ ସଭାପତି ହୃଷିକେଶ ମିଶ୍ର ଜଣାଇଛନ୍ତି।

# ଯୁବ ରେଡକ୍ରସ୍ ପକ୍ଷରୁ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର (ପିଏନ୍)–ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଯୁବ ରେଡ଼କ୍ରସ୍ ବିଭାଗ ପକ୍ଷରୁ ସ୍ଥାନୀୟ ରେଡ଼କ୍ରସ୍ ଭବନ, ଭୁବନେଶ୍ୱରଠାରେ ଏକ ୩ ଦିନିଆ ଯୁବ ରେଡକ୍ରସ୍‌ର ଅଣତାଲିମପ୍ରାପ୍ତ ପରାମର୍ଶଦାତାମାନଙ୍କର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୫୦ରୁ ଅଧିକ ଅଣତାଲିମ ପ୍ରାପ୍ତ ଯୁବ ରେଡ଼କ୍ରସର ପରାମର୍ଶଦାତାମାନେ ଅଂଶଗ୍ରହଣ କରିଥିଲେ। ଯୁବ ରେଡକ୍ରସ୍‌ର ପରାମର୍ଶଦାତାମାନଙ୍କୁ ଯୁବ ରେଡକ୍ରସ୍‌ର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ବିଷୟରେ ପରିଚିତ କରାଇ ସେମାନଙ୍କ ଦ୍ୱାରା ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ଏବଂ ସାମାଜିକ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ବିଷୟରେ ଅବଗତ କରାଇବା ଏହି ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଉକ୍ତ ପ୍ରଶିକ୍ଷଣ ଶିବିରର ଉଦଘାଟନୀ ଉତ୍ସବରେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଯାପନୀ ଉତ୍ସବରେ ଡ. ଦିଲ୍ଲିପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସ୍‌ର ଏଭଳି ପଦକ୍ଷେପ ଯୁବ ରେଡକ୍ରସ୍‌ର କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ସଭାପତିତ୍ୱ ଅବସରରେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଯୋଗଦେଇ ରେଡକ୍ରସର ଆଭିମୁଖ୍ୟ ଓ ଏହାର ପ୍ରସାର ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତ୍ୟେକ ପରାମର୍ଶଦାତାଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ରେଡ଼କ୍ରସ୍‌ର ଇତିହାସ, ମୌଳିକ ନୀତି, ରେଡ଼କ୍ରସ୍‌ର ଚିହ୍ନ ଏବଂ ଏହାର ବ୍ୟବହାର, ଏଡ଼ସ୍ ସଚେତନତା ଓ ରେଡ ରିବନ କ୍ଲବର କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନାରେ ଓ ମନୋସ୍ତାତ୍ତ୍ୱିକ ଯତ୍ନ, ସ୍ୱେଚ୍ଛାକୃତ ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ଆଦି ବିଷୟରେ ବିଭିନ୍ନ ଦକ୍ଷ ବ୍ୟକ୍ତିମାନେ ଆସି ପ୍ରଶିକ୍ଷଣ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଯୁବ ରେଡ଼କ୍ରସ୍ ପରାମର୍ଶଦାତାମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଏହି ତିନିଦିନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତାଙ୍କ ଅଭିଭାଷଣରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଶେଷରେ ଧନ୍ୟବାଦ ଦେଇଥିଲେ। ଏହି ସଭାକାର୍ଯ୍ୟକୁ ଶ୍ରୀ ଲିଙ୍ଗରାଜ ପଣ୍ଡା ପରିଚାଳନା କରିବାରେ ସହାୟତା ପ୍ରଦାନ କରିଥିଲେ ।

# ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ପ୍ରମୁଖ ବିନ୍ଧାଣୀ



ଭୁବନେଶ୍ୱର (ପିଏନ୍): ଓଡିଆ ଜାତୀୟତାର, ଓଡିଆ ସ୍ୱାଭିମାନର ଏବଂ ଓଡିଆ ଭାଷା ଆନ୍ଦୋଳନର ଉତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ବାଙ୍କୀର ବୈଦେଶ୍ୱର ନିକଟସ୍ଥ ବ୍ରଜବିହାରପୁରରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ନୀଳମଣି ବିଦ୍ୟାରତ୍ନ । ସମ୍ବଲପୁର ହିତୈଷିଣୀ ପତ୍ରିକାରେ ତତ୍କାଳୀନ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ପ୍ରେକ୍ଷାପଟରେ ନିର୍ଭିକ ବିଦ୍ୟାରତ୍ନ ସଂସ୍କାରଧର୍ମୀ ସାହିତ୍ୟର ଯେଉଁ ଗଙ୍ଗାବତରଣ କରାଇଥିଲେ, ତାହା ପରାଧୀନ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମର ବୀଜ ବପନ କରିଥିଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗଠନରେ ସେ ପ୍ରମୁଖ ବିନ୍ଧାଣୀ ଥିଲେ ବୋଲି ଗତକାଲି ସଂଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୨ତମ ଜୟନ୍ତୀରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି ।

ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ରାଜ୍ୟସ୍ତରୀୟ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବଡମ୍ବା ବିଧାୟକ ଶ୍ରୀ ଦେବୀପ୍ରସାଦ ମିଶ୍ର ଯୋଗଦେଇ କହିଲେ ଯେ, ଊନବିଂଶ ଶତାବ୍ଦୀରେ ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଓଡିଶାର ଅର୍ଥନୀତି, ଭାଷା, ସାହିତ୍ୟ ଓ ଭୌଗୋଳିକ ପରିସୀମା ଆଦି ଅବକ୍ଷୟର ଶୀର୍ଷ ସୀମାରେ ପହଁଚିଥିଲା । ୧୮୬୭ ମସିହାରେ ନୀଳମଣି ବିଦ୍ୟାରତ୍ନଙ୍କ ପରି ଯୋଗଜନ୍ମା ଜନ୍ମଗ୍ରହଣ କରି ଯେଉଁଭଳି ଭାବରେ ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରୁ ଆରମ୍ଭ କରି ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ଓଡିଶାର ନବଜାଗରଣରେ ସାମିଲ ହୋଇ ଓଡିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ଏବଂ ଓଡିଶାକୁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ସୂତ୍ରଧର ସାଜିଥିଲେ, ତାହାର ପଟାନ୍ତର ନାହିଁ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ରାଜ୍ୟସ୍ତରୀୟ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କହିଲେ ଯେ, ୧୯୦୩ ମସିହାରେ କଟକର ଇଦ୍‌ଗା ପଡିଆଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ପୂର୍ବରୁ ୧୯୦୨ ମସିହାରେ ରମ୍ଭାଠାରେ ଗଂଜାମ ଓଡିଆ ସମ୍ମିଳନୀ ନୀଳମଣି ବିଦ୍ୟାରତ୍ନଙ୍କ ନେତୃତ୍ୱରେ ସଂଗଠିତ ହୋଇଥିଲା । ତାହା ଥିଲା ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ଆଦ୍ୟ ସ୍ଫୁଲିଙ୍ଗ । ସାହିତ୍ୟ, ସାମ୍ବାଦିକତା, ସେବା କ୍ଷେତ୍ରରେ ନୀଳମଣି ଯେଉଁ ଉଦ୍ୟମ କରିଥିଲେ, ତାହା ପରପିଢୀ ପାଇଁ ଅନୁକରଣୀୟ ଆଦର୍ଶ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ନୀଳମଣିଙ୍କ ଓଡିଶାରେ ଜାତୀୟତାର ଉଦ୍ରେକ ପାଇଁ ଜୀବନବ୍ୟାପୀ ତ୍ୟାଗ, ବଳିଦାନ ବ୍ୟକ୍ତିତ୍ୱ ସଂପର୍କରେ ଅଧିକ ପ୍ରଚାର ପ୍ରସାର ପାଇଁ ତାଙ୍କର ରହିଥିବା କୃତିକୁ ନେଇ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ପୁସ୍ତକ ପ୍ରକାଶନ ଏବଂ ପାଠ୍ୟ ପୁସ୍ତକରେ ତାଙ୍କର ଜୀବନୀ ସ୍ଥାନ ପାଇବା ନେଇ ଶ୍ରୀ ତ୍ରିପାଠୀ ମତ ରଖିଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ଗବେଷକ ତଥା ପ୍ରାବନ୍ଧିକ ଡ. ଅନନ୍ତରାମ କର ଯୋଗଦେଇ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ବଲପୁର ହିତୈଷିଣୀ, ପ୍ରଜାବନ୍ଧୁ ଗଂଜାମ ଗୁଣଦର୍ପଣ ଓ ଶେଷରେ ଉତ୍କଳ ଦୀପିକା ସଂପାଦନା ମାଧ୍ୟମରେ ଓଡିଆ ଜାତୀୟତାକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସଫଳ ହୋଇଥିଲେ ବୋଲି ପ୍ରକାଶ କରିଥିଲେ । ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳମଣି ଗୋପବନ୍ଧୁ, ଉତ୍କଳଗୌରବ ମଧୁସୂଦନ, କର୍ମବୀର ଗୌରୀଶଙ୍କରଙ୍କ ପ୍ରଭାବ ତାଙ୍କ ଜୀବନୀ ଓ ପ୍ରକାଶନରେ ଅଧିକ ପକାଇଥିଲା ବୋଲି ସେ ପ୍ରକାଶ କରିଥିଲେ ।

ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ନୀଳମଣି ବିଦ୍ୟାରତ୍ନଙ୍କର ଗୁଣଗ୍ରାହୀ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରି ତାଙ୍କରି ଆଶିଷ ସମସ୍ତଙ୍କଠାରେ ରହିଥାଉ ବୋଲି କହିଥିଲେ। ନୀଳମଣି ବିଦ୍ୟାରତ୍ନ ସ୍ମୃତି କମିଟିର ସଂପାଦକ ତଥା ସୁବକ୍ତା ଡା. କୃଷ୍ଣକେଶବ ଷଡଙ୍ଗୀ ଯୋଗଦେଇ ଶତାଧିକ ପୁସ୍ତକର ଲେଖକ ଓ ପ୍ରକାଶନ କରିଥିବା ନୀଳମଣିଙ୍କର ମାତୃଭୂମି ଓ ମାତୃଭାଷାର ଉନ୍ନତି, ସମାଜ ସେବା କ୍ଷେତ୍ରରେ ଅବଦାନ ଅତୁଳନୀୟ ଥିଲା ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ନୀଳମଣି ବିଦ୍ୟାରତ୍ନଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଓ ତାଙ୍କ ଅମରାତ୍ମାଙ୍କ ସ୍ମୃତିରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । 'ସ୍ୱରସୁଧା' ଅନୁଷ୍ଠାନର କଳାକାରମାନେ ପ୍ରାରମ୍ଭିକ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଏହି ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନା ଅଧିକାରୀ ଶ୍ରୀମତୀ ଦିପ୍ତୀମୟୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍ମୃତି କମିଟିର ସଂପାଦକ ଡା. କୃଷ୍ଣକେଶବ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଙ୍କୀ ତଥା ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନରୁ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ସକାଳେ ସ୍ଥାନୀୟ ଜୟଦେବ ବିହାର ଛକଠାରେ ଥିବା ନୀଳମଣି ବିଦ୍ୟାରତ୍ନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ରାଜ୍ୟ ସ୍ତରୀୟ କମିଟିର ସଭାପତି ଶ୍ରୀ ତ୍ରିପାଠୀ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ନିରଂଜନ ସେଠୀ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବିପିନବିହାରୀ ବାରିକି, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀ ସନ୍ତୋଷ କୁମାର ଦାସ, ନୀଳମଣି ବିଦ୍ୟାରତ୍ନ ରାଜ୍ୟସ୍ତରୀୟ କମିଟିର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ କଳାପଥର ଜୋନ୍ ଜିଲ୍ଲାପରିଷଦ ସଭ୍ୟ ପ୍ରଣବ କିଶୋର ପଟେଲ, କମିଟିର ଉପ ସଭାପତି ଚିତରଂଜନ ମହାପାତ୍ର, କୃଷ୍ଣକେଶବ ଷଡଙ୍ଗୀ, ରବୀନ୍ଦ୍ର ସାମଲ, ଅରବିନ୍ଦ ମହାନ୍ତି, ଭରତ ମହାରଣାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ।

# DISPLAY CLASSIFIED


FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS/ASTROLOGERS/VASTU EXPERTS ?

Contact :

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Pragyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ବୌଦ୍ଧଭୀକ୍ଷୁ ଯୋଦାଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର (ପିଏନ୍): ଧଉଳି ଶାନ୍ତିସ୍ତୁପର ପ୍ରତିଷ୍ଠାତା ସଦସ୍ୟ ତଥା କଳିଙ୍ଗ ନିପନ ଭୀକ୍ଷୁ ସଂଘର ମୁଖ୍ୟ କାଜିଓ ଯୋଦାଙ୍କ ବିୟୋଗରେ ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ, ଓଡ଼ିଶା ଶାଖା ପକ୍ଷରୁ ଏକ ଶୋକସଭା ଅନୁଷ୍ଠାନର ସଭାପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରଲୋକଗତ ଆତ୍ମାର ଶାନ୍ତି ପାଇଁ ଦୀପଦାନ କରାଯିବାପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସର୍ବଭାରତୀୟ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଭୀକ୍ଷୁ ସଂଘକୁ ତ୍ରିପିଟକରୁ ଶାନ୍ତି ସୂତ୍ର ପାଠ କରିବାକୁ ନିବେଦନ କରିଥିଲେ।। ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ବୁଦ୍ଧ ଧର୍ମ ଓ ବୌଦ୍ଧ ସଂଘ ପ୍ରତି ଯୋଦାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଜୀବନ ସଦସ୍ୟ ଡଃ ବଦ୍ରୀନାଥ ପଟ୍ଟନାୟକ, ଡଃ ହରି ପ୍ରସାଦ ପଟ୍ଟନାୟକ, ଅନିଲ୍ ଧୀର ଓ କମଳଲୋଚନ ମହାନ୍ତି ପ୍ରମୁଖ ବହୁ ବୁଦ୍ଧପ୍ରେମୀ ଯୁବକ ଯୋଗ ଦେଇଥିଲେ।

## ସାଇଭକ୍ତ ରଘୁନାଥ ମହାପାତ୍ରଙ୍କ ଏକାଅଶୀତମ ଜନ୍ମୋତ୍ସବ



କଟକ (ପିଏନ୍): ବାଦାମବାଡ଼ି ସାଇକେନ୍ଦ୍ରଠାରେ ସାଇ ଆଶ୍ରିତ ତଥା ବର୍ଷିଆନ ସାରସ୍ୱତ ସାଧକ ରଘୁନାଥ ମହାପାତ୍ରଙ୍କ ଏକାଅଶୀତମ ଜନ୍ମୋତ୍ସବ ଅବସରରେ ସାଇଭଜନ, ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ପୁଟ୍ଟପର୍ତ୍ତି ପ୍ରଶାନ୍ତି ନିଳୟମ୍ ସ୍ଥିତ ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହାୟର ଲର୍ଣ୍ଣିଂର ପ୍ରାକ୍ତନ ଛାତ୍ର ସାଇ ପ୍ରବକ୍ତା ଶିବପ୍ରସାଦ ରଥ ମାନବ ଜୀବନରେ ନୈତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ହେମନ୍ତ କୁମାର ସାହୁ, ମନୋଜ ମହାପାତ୍ର, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରାଜକୁମାର ମିଶ୍ର, ପ୍ରଭାକର ମଲ୍ଲିକ, ଶ୍ରୀ ସତ୍ୟସାଇ ସେବା ସମିତି ପଲାଇର ଆବାହକ ସୁମନ୍ତ କୁମାର ଭୂୟାଁ, ଡାକ୍ତର ନୀଳମାଧବ ପୃଷ୍ଟି, ବାକ୍‌ଶ୍ରବଣ ବିଶେଷଜ୍ଞ ନାରାୟଣ ଚନ୍ଦ୍ର ବିଶ୍ୱାଳ, ତ୍ରୈଲୋକ୍ୟନାଥ ପରିଡ଼ା, କେନ୍ଦ୍ରାପଡ଼ା ଜିଲ୍ଲା ସାଇ ସଙ୍ଗଠନର ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁ, ବନ୍ୟପ୍ରାଣୀ ସଂରକ୍ଷକ ଅଲେଖ ଚନ୍ଦ୍ର ସାମଲ ସାମ୍ବାଦିକ ବିନୋଦିନୀ ରାଉଳ, ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବାବେଳେ ବସନ୍ତ କୁମାର ହାତୀ, ଅମ୍ବିକା ପ୍ରସାଦ ଷେଣ୍ଟେ, ଶ୍ରୀକାନ୍ତ କୁମାର ସାହୁ, ଶ୍ୟାମସୁନ୍ଦର ସାମଲ, ଡାକ୍ତର ଦିଲ୍ଲିପ କୁମାର ମହାରଣା, ରୂପକ କୁମାର ମିଶ୍ର, ପ୍ରଶାନ୍ତି ଶିକ୍ଷାଶ୍ରମର ହରଷ ବିହାରୀ ଦାଶ, ଆଦିତ୍ୟ ନାୟକ, ସତ୍ୟଦୀପ ରଥ,ସଞ୍ଜୀବ ମହାନ୍ତି, ଧ୍ରୁବ ନାୟକ, ଶ୍ୟାମପ୍ରସନ୍ନ ମିଶ୍ର, ଡକ୍ଟର ବାବାଜୀ ପଟ୍ଟନାୟକ, କୈଳାସ ପରିଡ଼ା, ଉମାକାନ୍ତ ମହାପାତ୍ର, ଜୟନ୍ତୀ ମହାପାତ୍ର, ପୁଷ୍ପଲତା ଦାସ, ସବିତା ସେନାପତି, ନିରୂପମା ଷେଣ୍ଟେ, ଅନୁପମା ଭୂୟାଁ, ସସ୍ମିତା ବେଉରା, ଡକ୍ଟର ସ୍ମୃତିରେଖା ମିଶ୍ର, ଅନୁପମା ରଥ, ଶାନ୍ତିଲତା ଛୋଟରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଶାନ୍ତି ଭଜନ ପରିବେଷଣ ହେବା ସହ ନାରାୟଣ ସେବା, ସାମୂହିକ ସେବା କାର୍ଯ୍ୟ ଓ ମହାପ୍ରସାଦ ସେବନ ହୋଇଥିଲା।

## ଜାତୀୟ ସଂହତି ଶିବିର ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲା ବରୁଣେଇ ପାହାଡସ୍ଥିତ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଆୟୋଜିତ ଜାତୀୟ ସଂହତି ଶିବିର ତା୧୩।୧୨।୧୯ରିଖ ସକାଳ ୧୧ ଘଟିକା ସମୟରେ ଉଦ୍‌ଘାଟିତ ହୋଇଯାଇଛି। ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀ ବିଷ୍ଣୁଚରଣ ଦାସ, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ର, ଶ୍ରୀ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ମାନ୍ୟବର ବିଧାୟକ ଖୋର୍ଦ୍ଧା, ଶ୍ରୀ ରାଜକିଶୋର ସାହୁ, ମାନ୍ୟବର ବିଧାୟକ, ବେଗୁନିଆ ପ୍ରମୁଖ ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବାକୁ ଯାଇ ଶିବିରର ଉଦ୍ଦେଶ୍ୟ ତଥା ରାଜ୍ୟ ସଂଗଠନର ବର୍ଷ ବ୍ୟାପୀ ବିଭିନ୍ନ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଏବଂ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଗାନ୍ଧିଜୀଙ୍କ ୧୫୦ ତମ ଜନ୍ମ ବାର୍ଷିକ ଅବସରରେ ଜାତୀୟ ସଂହତି ଶିବିରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମାନ୍ୟବର ମନ୍ତ୍ରୀ ମହୋଦୟ ରାଜ୍ୟ ସଂଗଠନର ଏଭଳି ଏକ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନରେ ସନ୍ତୋଷପ୍ରକଟ କରିବା ସହିତ ସ୍କାଉଟ ଓ ଗାଇଡ୍ ସଂଗଠନ ପ୍ରତ୍ୟେକ କ୍ଷେତ୍ରରେ ସର୍ବଦା ଉଲ୍ଲେଖନୀୟ କାର୍ଯ୍ୟ ସଂପାଦନ କରିଆସିଛି ବୋଲି ଅଭିହିତ କରିଥିଲେ। ରାଜ୍ୟ ସଂଗଠନ ଦ୍ୱାରା ଆୟୋଜିତ ଉକ୍ତ ଶିବିର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ପାରସ୍ପରିକ ସ୍ନେହ ଓ ବନ୍ଧୁତା ସ୍ଥାପନ ପୂର୍ବକ ସମାଜରେ ଭାଇଚାରାର ଭାବ ଉଦ୍ରେକ କରିବା ପାଇଁ ପ୍ରେରଣାଦାୟକ ହେବ ବୋଲି ମୁଖ୍ୟ ଅତିଥି ଶ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଶ୍ରୀ ମିତ୍ର ପ୍ରତ୍ୟେକ କାର୍ଯ୍ୟରେ ଓଡିଶା ସଂଗଠନ ସବୁବେଳେ ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଥିବାରୁ ସାଧୁବାଦ ଜଣାଇଥିଲେ। ଅନ୍ୟ ସମ୍ମାନୀତ ଅତିଥିମାନେ ଅନୁରୂପ ଭାବେ ଜାତୀୟ ସଂହତି ଶିବିରର ସଫଳତା କାମନା କରି ସ୍କାଉଟ ଓ ଗାଇଡ୍‌ମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାରମ୍ଭରେ ମାନ୍ୟବର ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ସଂହତି ନୃତ୍ୟ ଅତିଥିମାନଙ୍କର ଦୃଷ୍ଟିଆକର୍ଷଣ କରିଥିଲା।




# ଆଦିବାସୀ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ପିରାମଲ୍ ଫାଉଣ୍ଡେସନ ଓ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ସହଯୋଗିତା



ଭୁବନେଶ୍ୱର : ପିରାମଲ୍ ଫାଉଣ୍ଡେସନ ପକ୍ଷରୁ ଘୋଷଣା କରାଯାଇଛି ଯେ ଭାରତରେ ଆଦିବାସୀ ସ୍ୱାସ୍ଥ୍ୟ ସହଯୋଗିତା ସ୍ଥାପନ କରିବା ଲାଗି ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପ୍ରଥମ ସହଯୋଗୀ ଭାବେ ଯୋଗ ଦେଇଛି । ଏହା ହେଉଛି ବିବିଧ ଅଂଶୀଦାରଙ୍କୁ ନେଇ ଗଠନ କରାଯାଉଥିବା ଏକ ସହଯୋଗିତା ଭିତିକ କାର୍ଯ୍ୟକ୍ରମ ଯେଉଁଥିରେ ଆଦୀବାସୀ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଗୁରୁତ୍ୱାରୋପ କରାଯିବ । ଦେଶର ଆଦିବାସୀ ବହୁଳ ଜିଲ୍ଲା ସମେତ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ମଧ୍ୟ କାର୍ଯ୍ୟ କରାଯିବ ଏବଂ ଏହା ଜରିଆରେ ୨୦୩୦ ସୁଦ୍ଧା ଶହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (ଏସଡିଜି) ୩ ହାସଲ କରିବା ଲାଗି ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ମଧ୍ୟ ସମର୍ଥନ ପ୍ରଦାନ କରାଯିବ । ଆଦିବାସୀ ସ୍ୱାସ୍ଥ୍ୟ ସହଯୋଗିତା (ଟ୍ରାଇବାଲ୍ ହେଲ୍‌ଥ କୋଲାବୋରେଟିଭ୍) ଭାରତ ସରକାରଙ୍କ ସହ ମିଶି କାର୍ଯ୍ୟ କରିବ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟର ଲକ୍ଷ୍ୟ ହାସଲ କରାଇବାରେ ସହାୟକ ହେବ । ଏହା ଏକ ଉଚ୍ଚ ପ୍ରଦର୍ଶନକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିକଶିତ କରିବ ଯାହା ସମାଜର ଉପେକ୍ଷୀତ ବର୍ଗଙ୍କ ଆବଶ୍ୟକତା ପୂରଣ କରି ।ରିବ ଓ ବିଶେଷ କରି ଆଦିବାସୀଙ୍କ ଜୀବନରେ ଉନ୍ନତି ଆଣି ।ରିବ । କେନ୍ଦ୍ର, ପୂର୍ବ ଏବଂ ଉତର-ପୂର୍ବ ଭାରତରର ଆକାଂକ୍ଷୀ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାର ୧୫୦ ନିୟୁତ ଲୋକଙ୍କ ପାଖରେ ଏହି କାର୍ଯ୍ୟକ୍ରମ ଜରିଆରେ ପହଂଚିବାକୁ ଲକ୍ଷ୍ୟ ରଖାଯାଇଛି । ଅଜୟ ପିରାମଲ୍, ପ୍ରତିଷ୍ଠାତା, ପିରାମଲ୍ ଫାଉଣ୍ଡେସନ କହିଛନ୍ତି ଯେ, "୨୦୩୦ ସୁଦ୍ଧା ଏସଡିଜି ୩ ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ । ଉପେକ୍ଷୀତ ବର୍ଗର ଲୋକମାନଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ଉଦ୍ୟମ ଜୋରଦାର ହୋଇଛି ଓ ଏହା ବ୍ୟାପକ ହେବ । ଭାରତରେ ଅନେକ ପହଂଚ ଓ ଅପହଂଚ ଆଦିବାସୀ ଜିଲ୍ଲାରେ ପିରାମଲ୍ ଫାଉଣ୍ଡେସନ କାର୍ଯ୍ୟ କରୁଛି ଯେଉଁଥିରେ ୨୫ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟ ରହିଛି । ସମସ୍ୟାର ବ୍ୟାପକତାକୁ ଦୃଷ୍ଟିରେ ରଖି ଆମର ବିଶ୍ୱାସ ରହିଛି ଯେ ସମଭାବାପନ୍ନ ମୂଲ୍ୟ ବୋଧ ଭିତିକ ସଂସ୍ଥା ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ସହିତ ସହଯୋଗିତା ସରକାରଙ୍କ ଉଦ୍ୟମକୁ ସହାୟତା ପ୍ରଦାନ କରିବ । ଆମର ପ୍ରସ୍ତାବିତ କୋଲାବୋରେଟିଭ୍‌ର ଲକ୍ଷ୍ୟ ହେଉଛି ସରକାର, ସଂସ୍ଥା ଓ ଦାତବ୍ୟ ଅନୁଷ୍ଠାନଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରି ଭାରତରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗଣତନ୍ତ୍ର ଆଣିବା ।'' ବିଲ୍ ଗେଟସ୍, କୋ-ଚେୟାର, ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟସ୍ ଫାଉଣ୍ଡେସନ କହିଛନ୍ତି ଯେ, "ଉପେକ୍ଷୀତ ବର୍ଗର ଲୋକଙ୍କ ପାଇଁ ଭାରତର ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଗୁରତ୍ୱ ଏହାର ଏବଂ ସାରା ବିଶ୍ୱର ୨୦୩୦ ସୁଦ୍ଧା ଏସଡିଜି ୩ ଲକ୍ଷ୍ୟ ହାସଲ କରିବା ଲାଗି ଗୁରୁତ୍ୱର୍ଣ୍ଣ । ସ୍ୱାସ୍ଥ୍ୟ କ୍ଷେତ୍ର ଓ ଦୁନିଆର ଗରିବ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ସରକାରଙ୍କ ସହ ମିଶି ଆମେ କାର୍ଯ୍ୟ କରିବା ଜାରି ରଖିବୁ ।''

# ଆନ୍ଧ୍ର କବଜାରେ ସ୍ୱାଭିମାନ ଅଂଚଳ

## ଖବର ପ୍ରସାରିତ ପରେ ପ୍ରଶାସନ ପହଂଚିଲା ଜୁମଡାଙ୍ଗ ଗ୍ରାମରେ

ମାଲକାନଗିରି ,(ପିଏନ)- ଚିତ୍ରକୋଣ୍ଡା-ଆନ୍ଧ୍ର ଓଡିଶା ସୀମାନ୍ତ ନକ୍ସଲ ଉପଦ୍ରୁତ ଆଦିବାସୀ ବହୁଳ ମାଓ ପ୍ରବଣ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ରାଲେଗାଡା ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ଜୁମଡାଙ୍ଗ ଗାଁ ଆନ୍ଧ୍ର କବଜକ୍ଷ ରେ ଥିବା ନେଇ ବିଭିନ୍ନ ଖବର କାଗଜରେ ପ୍ରସାରିତ ହେବା ପରେ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲ ନେତୃତ୍ୱରେ ଏକ ଆଠ ଜଣିଆ ଟିମ କରାଯାଇଥିଲା । ଏଥିରେ ରାଲେଗାଡା ପଂଚାୟତ ସମ୍ପ୍ରସାରଣ ଅଧିକାରୀ ରମେଶ ଆୟାର, ଗ୍ରାମ ରୋଜଗାର ସେବକ ବଳଭଦ୍ର ମାଝୀ, ବ୍ଲକ ସୋସିଆଲ ସିକୁରିଟ ଅଫିସର ଅମର ମାଡକାମି, ସୋସିଆଲ ୱର୍କରିର ବିରାଜ ମଣ୍ଡଳ ଓ ହରି ଶିଶା, ବିଏଲଓ ଗଙ୍ଗା, ସେଲସମ୍ୟାନ ବିଶ୍ୱନାଥ ଖିଲ ଓ ଅଙ୍ଗନବାଡି କର୍ମୀ ହେମଲତା ଶିଶା ପ୍ରମୁଖ ମିଶି ଉକ୍ତ ଗ୍ରାମକୁ ଯାଇଥିଲେ । ସ୍ୱାଭିମାନ ଅଂଚଳ ପାପରମେଟଲା ପଂଚାୟତ ଯନ୍ତାପାଇ ନିକଟସ୍ଥ ଡୋଲିଆମ୍ବ ଗ୍ରାମରେ ବାଇକ ରଖି ଡୋଲିଆମ୍ବ ଠାରୁ ଦେଢ଼ ଘଂଟା ଘାଟି ଚଢି କତାବାରୁ ରେ ପହଂଚି ପୁଣି ଚଲିବା ଆରମ୍ଭ କରି ଅପରାହ୍ନ ରେ ଜୁମଡାଙ୍ଗ ଗାଁ ରେ ପହଂଚି ସେଠାକାର ଲୋକଙ୍କ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝି ଥିଲେ । ସେଠାରେ ଜୁମଡାଙ୍ଗ ଗ୍ରାମ ୨୧ ଟି ପରିବାର ରହୁଛନ୍ତି । ସମସ୍ତ ପରିବାର ଆଦିବାସୀ କନ୍ଧ ସମ୍ପ୍ରଦାୟର । ଗ୍ରାମରେ ସମସ୍ତ ସରକାରୀ ସୁବିଧା ଅପହଂଚ,ବିଦ୍ୟାଳୟ ନାହିଁ ଉକ୍ତ ଗ୍ରାମରେ, ଅଙ୍ଗନବାଡି କେନ୍ଦ୍ର ଥିଲା ଅଙ୍ଗନବାଡି କର୍ମି ସୁନ୍ଦରୀ ହନ୍ତାଳ କିଛି ଦିନ ହେଲା ପଦବୀ ଛାଡି ଆନ୍ଧ୍ର ଚଳିଗଲା,ବିଦ୍ୟାଳୟ ନାହିଁ, ସମସ୍ତ ପରିବାର ଲୋକଙ୍କ ର ଓଡିଶାର ଭୋଟର କାର୍ଡ ଥିବା ବେଳେ ଆଧାର କାର୍ଡ ଆନ୍ଧ୍ର ର ଥିଲା, କିଛି ଲୋକ ତଥା ଗର୍ଭବତୀ ମହିଳା ମାନଙ୍କ ମମତା ଯୋଜନାରେ ମଧ୍ୟ ଆନ୍ଧ୍ର ଅଂଚଳ ର ବ୍ୟାଙ୍କ ଆକାଉଂଟ ଖାତା ଥିଲା, ଆନ୍ଧ୍ରର ଏକ ପାଣି ଟାଙ୍କି ଥିଲା, ସମସ୍ତ ପରିବାର ଙ୍କ ପାଖରେ ଆନ୍ଧ୍ର ର ଚାଉଳ କାର୍ଡ ରହିଛି । ସୀମାନ୍ତ ଏବଂ ଦୁର୍ଗମ ଅଂଚଳ ପାଇଁ ଓଡିଶା ରାଜ୍ୟ ସରକାରଙ୍କ ସମସ୍ତ ମୌଳିକ ସୁବିଧା ଅପହଂଚ ରହିଛି । ଭତା, ଚାଉଳ, ଇନ୍ଦିରା ଆବାସ ଘର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧାରୁ ବଂଚିତ ଅଛନ୍ତି । ପ୍ରକାଶ ଥାଉକି ପାପରମେଟଲା ପଂଚାୟତ ଠାରୁ ଜୁମଡାଙ୍ଗ ଗ୍ରାମ ୫ରୁ ୭ କିଲୋମିଟର ପାହାଡି ଘାଟି ରାସ୍ତା ରହିଛି । ଓଡିଶା ସୀମାନ୍ତ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଜିଲ୍ଲା ମାଦିଗାରୁ ଗାଁ ୨୦ କିଲୋମିଟର ରୁ ଉର୍ଦ୍ଧ ମାତ୍ର ସେହି ଗ୍ରାମରେ ଏକ ଚର୍ଚ୍ଚ ଖୋଲାଯାଇ ଜଣେ ପାଷ୍ଟ ର ପିଲା ମାନଙ୍କୁ ଡ୍ରେସ, ପାଠ ପଢାଉ ଥିବାର ସୂଚନା ମିଳିବା ସହ ଆନ୍ଧ୍ର ତରଫରୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉ ଥିବାର ତଥ୍ୟ ମିଳିବା କ୍ଷଣି ଜୁମଡାଙ୍ଗ ଗ୍ରାମ ପାଇଁ ପ୍ରଶାସନ ତରଫରୁ ଆରମ୍ଭ କରାଯାଇଥିଲା ବିଭିନ୍ନ ଯୋଜନାର ସହାୟତା । ଯାଇଥିବା ଟିମ ଗ୍ରାମ ତଥା ପରିବାର ସର୍ଭେ କରି ୧୦ଜଣଙ୍କ ଭତା ଦରଖାସ୍ତ ଫର୍ମ , ସମସ୍ତ ପରିବାର ପାଇଁ ରାସନ ରାସନକାର୍ଡ ଓ ଇନ୍ଦିରା ଆବାସ ଘର ପାଇଁ ଦରଖାସ୍ତ ଗ୍ରହଣ କରି ସମସ୍ତ ସହାୟତା ଓ ଯୋଜନା ପହଂଚିବ ବୋଲି ପ୍ରତିଶୃତି ଦେଇଥିଲେ ।

ସେହିଭଳି ଆନ୍ଧ୍ର ସୀମାନ୍ତ ବର୍ତି ଗ୍ରାମ ଯଥା-କତାବାରୁ, ଚିଟାମଗାରୁ, ମଣ୍ଡକ୍ଷପାଲି ଓ କଟଙ୍ଗଦୁରବନ୍ଧ ଗ୍ରାମକୁ ୮ ଜଣିଆ ଟିମ ଯାଇ ବିଭିନ୍ନ ଯୋଜନାର ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରି ପୁଣି ଆଗାମୀ ସପ୍ତାହରେ ଆସିବା ପାଇଁ କହି ଚିତ୍ରକୋଣ୍ଡା ଫେରିଥିଲେ । ଜୁମଡାଙ୍ଗ ଗ୍ରାମର ଗ୍ରାମବାସୀ ମାନେ ପାପରମେଟେଲା ଗ୍ରାମ ପଂଚାୟତ ୫କିଲୋମିଟର ହେବ ସେ ପଂଚାୟତ ରେ ତାଙ୍କ ଗ୍ରାମ ସାମିଲ କରିବାକୁ ଆବେଦନ କରିଥିଲେ । ମାତ୍ର ତାଙ୍କୁ ବହୁ ଦୂରରେ ରାଲେଗାଡା ପଂଚାୟତ ରେ ସାମିଲ କରାଯାଇ ଥିବାରୁ ଲୋକେ ଆସିବା ଅସମ୍ଭବ ହୋଇ ପଡିଛି ଫଳରେ ସମସ୍ତ ଯୋଜନା ଅପହଂଚ ହୋଇଥିବା ବେଳେ ଆନ୍ଧ୍ର ପାଷ୍ଟର ଏବଂ ଅନ୍ୟାନ୍ୟ ସହଯୋଗରେ ସହାୟତା ଯୋଗାଇ ଓଡିଶା ଗ୍ରାମକୁ ହାତେଇବାକୁ ପ୍ରୟାସ କରୁଛି ଆନ୍ଧ୍ର ସରକାର । ବହୁ ଲୋକ ପାଷ୍ଟରଙ୍କ ଦ୍ୱାରା ପ୍ରଭାବିତ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବାର ସୂଚନା ମିଳିଛି ।

# ଭିଭୋ ପକ୍ଷରୁ ୱାଇ-୧୯ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର-ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ୱାଇ-୧୯ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ଫୋନ୍ ଯୁବବର୍ଗଙ୍କ ସେଲ୍‌ଫି ଅଭ୍ୟାସକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି । ଏହାକୁ ଜ୍ଞାନକୌଶଳ, ଡିଜାଇନିଂ ଏବଂ ସାମୁହିକ ଦକ୍ଷତା ଭିତିରେ ପ୍ରସ୍ତୁତ କରାଯାଇଛି । ଏଥିରେ ୩ଟି ଏଆଇ ପଛ କ୍ୟାମେରା ରହିଛି । ସେଗୁଡ଼ିକ ଯଥାକ୍ରମେ ୧୬ ଏମ୍‌ପି, ୮ ଏମ୍‌ପି ଏବଂ ୨ ଏମ୍‌ପି କ୍ଷମତା ବିଶିଷ୍ଟ । ଏଥିରେ ୫୦୦୦ଏମଏଏଚ୍ ବ୍ୟାଟେରୀ ଏବଂ ୧୮ ୱାଟ୍ ଶୀଘ୍ର ଚାର୍ଜିଂ ହେଉଥିବା ଚାର୍ଜର ରହିଛି ।

ଏହା ମ୍ୟାଗ୍ନେଟିକ୍ ବ୍ଲାକ୍ ଏବଂ ସ୍ପ୍ରିଙ୍ଗ ହ୍ୱାଇଟ୍ ରଙ୍ଗରେ ଫ୍ଲିପ୍‌କାର୍ଟ, ଆମାଜନ, ପେଟିଏମ୍ ଆଦି ଅନ୍ ଲାଇନ୍ ପ୍ଲାଟଫର୍ମରେ ଏବଂ ଅଫଲାଇନ୍ ଅଂଶୀଦାର ତଥା ଭିଭୋ ଇଣ୍ଡିଆ ଇ-ଷ୍ଟୋରରେ ରେ ୨୦୧୯ ନଭେମ୍ବର ୨୦ ତାରିଖଠାରୁ ଉପଲବ୍ଧ ହେବ । ଏହାର ମୂଲ୍ୟ ୧୩,୯୯୦ଟଙ୍କା ରହିଛି ।

ଏହି ସ୍ମାର୍ଟଫୋନ୍ କ୍ରୟରେ ଏସବିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଧାରକଙ୍କୁ ୫% କ୍ୟାସ ବ୍ୟାକ୍ ସୁବିଧା, ଏଚଡିବି ପେପର ଫାଇନାନ୍ସ କ୍ଷେତ୍ରରେ ୧୦% କ୍ୟାସ୍ ବ୍ୟାକ୍ ସୁବିଧା ଉପଲବ୍ଧ ହେବ । ବଜାଜ୍ ଏବଂ ଏଚଡିଏଫସି ପେପର ଫାଇନାନ୍ସ କ୍ଷେତ୍ରରେ ଜିରୋ ଡାଉନ୍ ପେମେଂଟ୍ ସୁବିଧା ଉପଲବ୍ଧ ହେବ । କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ କ୍ଷେତ୍ରରେ ୧୨ ମାସର ନୋ କଷ୍ଟ ଇଏମ୍ଆଇ ସୁବିଧା ସହିତ ରିଲାଏନ୍ସ ଜିଓ ପକ୍ଷରୁ ୬୦୦୦ଟଙ୍କାର ସୁବିଧା ଉପଲବ୍ଧ ହେବ ।

ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ୍ ଷ୍ଟ୍ରାର୍ଟେଜି ନିର୍ଦ୍ଦେଶକ ନିପୁନ ମାରୟା କହିଲେ, " ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ବୁଦ୍ଧିମନ୍ତ କରିବାକୁ ସକ୍ଷମ ହେବ । ଆମ୍ଭେ ନିଶ୍ଚିତ ଯେ, ଏହି ୱାଇ-୧୯ ସ୍ମାର୍ଟଫୋନ୍ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ବୁଦ୍ଧିମନ୍ତ କରାଇବ ।"

ଏଥିରେ ୪ଜିବି ରାମ୍, ୧୨୮ ଜିବି ରମ୍, ଡୁଆଲ୍ ଇଞ୍ଜିନ୍ ଫାଷ୍ଟ ଚାର୍ଜିଂ ସୁବିଧା ରହିଛି । ଏଥିରେ ୧୬.୫୮ ସେମି ହାଲୋ ସ୍କ୍ରିନ୍ ଡିସ୍‌ପ୍ଲେ ରହିଛି । ଏହାର ସ୍କ୍ରିନ୍ ବଡି ଅନୁପାତ ୧୯.୫:୯ ରହିଛି । ଏଥିରେ ୫୦୦୦ଏମଏଏଚ୍ ବ୍ୟାଟେରୀ ରହିଛି । ଏହାର ସ୍କ୍ରିନ୍ ଟୁ ବଡି ରେସିଓ ୯୦.୫% ରହିଛି । ଏଥିରେ ଡୁଆଲ୍ ଟୁର୍ବୋ ସୁବିଧା ରହିଛି । ଏହା ବ୍ୟବହାରକାରୀଙ୍କ ଅଭିଜ୍ଞତା ବୃଦ୍ଧି କରିବାକୁ ସକ୍ଷମ ହେବ ।

# ସୋନୀ ପକ୍ଷରୁ ଏହାର ଦୁଇଟି ନୂଆ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ସୋନୀ ପକ୍ଷରୁ ଆଜି ଏହାର ଦୁଇଟି ମିରର ଲେସ କ୍ୟାମେରା ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର ଶୁଭାରମ୍ଭ କରାଯାଇଛି । ଏହି ନୂତନ ଅଲଫା ୬୬୦୦ ସବୁଠାରୁ ଅଧିକ ଚାହୁଁଥିବା ଫଟୋଗ୍ରାଫର ଏବଂ ଭିଡିଓ ନିର୍ମାତାଙ୍କ ଆବଶ୍ୟକତାକୁ ନିଜର ବହୁମୁଖୀତା ସହ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା କି ବିଭିନ୍ନ ପ୍ରକାରର ସୁଟିଂ ପରିସ୍ଥିତି ଏବଂ ବ୍ୟବହାରକାରୀଙ୍କ ପାଇଁ ଉପଯୋଗୀ ହୋଇପାରିବ । ସେହିଭଳି ଆଲଫା ୬୧୦୦ ସେହି ବ୍ୟବହାରକାରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ଇ:ରଚେଞ୍ଜେବୁଲ ଲେନ୍ସ କ୍ୟାମେରା ସହ ବିଭିନ୍ନ ପରିସ୍ଥିତିରେ ସୁଟିଙ୍ଗ ଏବଂ ଉତ୍ତମ ମାନର ଫଟୋ ଓ ଭିଡିଓ ସୁଟ କରି ।ରିବେ ।ଏହି ଦୁଇଟି ଏପିଏସ-ସି ମିରରଲେସ କ୍ୟାମେରାର ଶୁଭାରମ୍ଭ ସହ ସୋନି ପକ୍ଷରୁ ଏହାର ଇ-ମାଉ:ର ଲାଇନ ଅଫ ପାଇଁ ଜି ଲେନ୍ସ ସିରିଜରେ ଦୁଇଟି ନୂଆ ଏପିଏସ-ସି ଜୁମ ଲେନ୍ସର ମଧ ଘୋଷଣା କରାଯାଇଥିବାବେଳେ ଏଥିରେ ଇ ୧୬-୫୫ଏମଏମ ଏଫ୨.୮ ଜି ଷ୍ଟାଣ୍ଡାର୍ଡ ଜୁମ ଲେନ୍ସ ଏବଂ ଇ ୭୦-୩୫୦ଏମଏମ ଏଫ୪.୫-୬.୩ ଜି ଓଏସଏସ ସୁ ର ଟେଲିଫଟୋ ଜୁମ ଲେନ୍ସ ସାମିଲ ରହିଛି ।

# ଏସ୍‌ବିଆଇ ପକ୍ଷରୁ ନଭେମ୍ବର ୨୨ରେ ସର୍ବଭାରତୀୟ ସ୍ତରରେ "ଗ୍ରାହକ ସମ୍ମିଳନୀ" ଆୟୋଜନ କରାଯିବ

ଭୁବନେଶ୍ୱର: ଗ୍ରାହକଙ୍କ ସହ ଯୋଡ଼ିହେବା, ସେମାନଙ୍କ ଅନୁଭୂତିରେ ଉନ୍ନତି ଆଣିବା ଓ ସେମାନଙ୍କୁ ଉନ୍ନତ ସେବା ପ୍ରଦାନ କରିବା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସର୍ବଭାରତୀୟ ସ୍ତରରେ ନଭେମ୍ବର ୧୨ରେ ଗ୍ରାହକ ସମ୍ମିଳନୀ ଆୟୋଜନ କରାଯିବ । ଏସବିଆଇ ପକ୍ଷରୁ ଗ୍ରାହକଙ୍କୁ ଡିଜିଟାଲ୍ ପେମେଂଟ୍ ବ୍ୟବସ୍ଥାର ଲାଭ ଓ ସୁବିଧା ବିଷୟରେ ଗ୍ରାହକଙ୍କୁ ଅବଗତ କରିବା ଏବଂ କାରବାର କରିବା ବେଳେ ସୁରକ୍ଷିତ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅନୁସରଣ କରିବା ଲାଗି ସେମାନଙ୍କୁ ସଚେତନ କରାଯିବ । ଏହି ଅଭିଯାନ ଜରିଆରେ ବ୍ୟାଙ୍କ ତରଫରୁ ଓଡ଼ିଶା ଲୋକାଲ୍ ହେଡ୍ ଅଫିସ୍ (ଏଲ୍‌ଏଚ୍‌ଓ)ରେ ୨୫ଟି ସ୍ଥାନ ମାଧ୍ୟମରେ ଗ୍ରାହକଙ୍କ ସହ ଯୋଡ଼ି ହେବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ମୋଟ ଉପରେ ବ୍ୟାଙ୍କ ତରଫରୁ ସାରା ଦେଶରେ ଥିବା ଏସବିଆଇର ୧୭ଟି ଏଲ୍‌ଏଚ୍‌ଓରେ ୫୧୭ଟି ସ୍ଥାନ ଜରିଆରେ ଗ୍ରାହକଙ୍କ ପାଖରେ ପହଂଚିବାକୁ ବ୍ୟାଙ୍କ ଯୋଜନା ରଖିଛି । ବୈଠକଗୁଡ଼ିକରେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ବକ୍ତବ୍ୟ ପ୍ରଦାନ କରିବେ ।ଏହି ଅଭିଯାନରେ, ଗ୍ରାହକମାନେ ବ୍ୟାଙ୍କର ଷ୍ଟାଫ୍‌ଙ୍କ ସହ ନିଜ ସମସ୍ୟା ବିଷୟରେ ଆଲୋଚନା କରିପାରିବେ ଏବଂ ବ୍ୟାଙ୍କର ଉତ୍ପାଦ ଓ ସେବା ଉପରେ ମତାମତ ଓ ପରାମର୍ଶ ଦେଇପାରିବେ । ଗ୍ରାହକଙ୍କ ମତାମତ ଓ ପରାମର୍ଶ ବ୍ୟାଙ୍କକୁ ନିଜର ଥିବା ଉତ୍ପାଦ ଓ ସେବାରେ ଉନ୍ନତି ଆଣିବାରେ ସହାୟକ ହେବ । ଏହି ଘୋଷଣା କରିବା ଅବସରରେ ଶ୍ରୀଯୁକ୍ତ ପି କେ ଗୁପ୍ତା, ଏମ୍‌ଡି-ରିଟେଲ୍ ଓ ଡିଜିଟାଲ୍ ବ୍ୟାଙ୍କିଙ୍ଗ, ଏସ୍‌ବିଆଇ କହିଛନ୍ତି ଯେ, "ଗ୍ରାହକଙ୍କ ସହ ସମ୍ପର୍କ ସ୍ଥାପନ କରିବା ଏକ ଜାରି ରହିଥିବା ପ୍ରକ୍ରିୟା ଯାହାକୁ ଏସବିଆଇ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛି । ସେମାନଙ୍କ ମୂଲ୍ୟବାନ ମତାମତ ଓ ପରାମର୍ଶ ଗୁଣାତ୍ମକ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାରେ ବ୍ୟାଙ୍କ ପାଇଁ ସହାୟକ ହେବ । ବ୍ୟାଙ୍କ ସର୍ବଦା ଏହାର ଗ୍ରାହକଙ୍କୁ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ ।''

# ସୋନୀ ପକ୍ଷରୁ ଏହାର ଦୁଇଟି ନୂଆ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ସୋନୀ ପକ୍ଷରୁ ଆଜି ଏହାର ଦୁଇଟି ମିରର ଲେସ କ୍ୟାମେରା ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର ଶୁଭାରମ୍ଭ କରାଯାଇଛି । ଏହି ନୂତନ ଅଲଫା ୬୬୦୦ ସବୁଠାରୁ ଅଧିକ ଚାହୁଁଥିବା ଫଟୋଗ୍ରାଫର ଏବଂ ଭିଡିଓ ନିର୍ମାତାଙ୍କ ଆବଶ୍ୟକତାକୁ ନିଜର ବହୁମୁଖୀତା ସହ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା କି ବିଭିନ୍ନ ପ୍ରକାରର ସୁଟିଂ ପରିସ୍ଥିତି ଏବଂ ବ୍ୟବହାରକାରୀଙ୍କ ପାଇଁ ଉପଯୋଗୀ ହୋଇପାରିବ । ସେହିଭଳି ଆଲଫା ୬୧୦୦ ସେହି ବ୍ୟବହାରକାରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ଇଣ୍ଟରଚେଞ୍ଜେବୁଲ ଲେନ୍ସ କ୍ୟାମେରା ସହ ବିଭିନ୍ନ ପରିସ୍ଥିତିରେ ସୁଟିଙ୍ଗ ଏବଂ ଉତ୍ତମ ମାନର ଫଟୋ ଓ ଭିଡିଓ ସୁଟ କରିପାରିବେ ।

ଏହି ଦୁଇଟି ଏପିଏସ-ସି ମିରରଲେସ କ୍ୟାମେରାର ଶୁଭାରମ୍ଭ ସହ ସୋନି ପକ୍ଷରୁ ଏହାର ଇ-ମାଉଣ୍ଟର ଲାଇନ ଅଫ ପାଇଁ ଜି ଲେନ୍ସ ସିରିଜରେ ଦୁଇଟି ନୂଆ ଏପିଏସ-ସି ଜୁମ ଲେନ୍ସର ମଧ ଘୋଷଣା କରାଯାଇଥିବାବେଳେ ଏଥିରେ ଇ ୧୬-୫୫ଏମଏମ ଏଫ୨.୮ ଜି ଷ୍ଟାଣ୍ଡାର୍ଡ ଜୁମ ଲେନ୍ସ ଏବଂ ଇ ୭୦-୩୫୦ଏମଏମ ଏଫ୪.୫-୬.୩ ଜି ଓଏସଏସ ସୁପର ଟେଲିଫଟୋ ଜୁମ ଲେନ୍ସ ସାମିଲ ରହିଛି ।

ତେବେ ଏହି ଅବସରରେ ସୋନୀ ଇଣ୍ଡିଆର ଡିଜିଟାଲ ଇମେଜିଂ ଡିଭିଜନର ପ୍ରମୁଖ ଶ୍ରୀ ହିରୋୟୁକି ଟୋକୁନୋ କହିଛନ୍ତି ଯେ, "ଆମର 'ୱାନ ମାଉଣ୍ଟ' କୌଶଳ ନିରବଚ୍ଛିନ୍ନ ଭାବରେ ଇ-ମାଉଣ୍ଟ ସିଷ୍ଟମ, କ୍ୟାମେରା ଏବଂ ଲେନ୍ସକୁ ଫୁଲଫ୍ରେମ ଓ ଏପିଏସ-ସି ମଧ୍ୟରେ ସମ୍ପୂର୍ଣ୍ଣ ଆନ୍ତଃ ଅନୁକୂଳତା ସହ ପ୍ରସାରିତ କରିଥାଏ । ଏହାର ଅର୍ଥାତ ହେଉଛି ଆମେ ଗ୍ରାହକମାନଙ୍କୁ ଚୟନ କରିବା ପାଇଁ ଆକର୍ଷଣକାରୀ ଉତ୍ପାଦର ବ୍ୟାପକ ଶୃଙ୍ଖଳ ଦେଇଥାଉ, ଯାହା ଦ୍ୱାରା ସେମାନେ ନିଜର ଆବଶ୍ୟକତା ନିମନ୍ତେ ଉପଯୁକ୍ତ ସାଧନ ବାଛିପାରିବେ ।"

ନୂତନ ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର କେନ୍ଦ୍ରରେ ଗୋଟିଏ ୨୪.୨ଏମପି ଏକ୍ସମୋର ସିଏମଓଏସ ଇମେଜ ସେନସର, ସଦ୍ୟତମ ବାୟୋନିଜ ଏକ୍ସ ଇମେଜ ପ୍ରୋସେସର ଏବଂ ଫ୍ରଣ୍ଟ-ଏଣ୍ଡ ଏଲଏସଆଇ ଫୁଲ-ପ୍ରେମ କ୍ୟାମେରା ସହ କାର୍ଯ୍ୟକାରୀ ହୋଇଥାଏ ।

# ଭାରତରେ ରିଅଲ୍‌ମି ଏକ୍ସ୨ ପ୍ରୋର ଶୁଭାରମ୍ଭ

ଭୁବନେଶ୍ୱର : ଏକ ବିରାଟ ଲଞ୍ଚ କ୍ରମରେ ଭାରତର ଏକ ନମ୍ବର ଗୁଣବତ୍ତା ବିଶିଷ୍ଟ ଓ ଦୃତ ଅଭିବୃଦ୍ଧି କରୁଥିବା ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ରିଅଲ୍‌ମି ଏହାର ବହୁ ପ୍ରତିକ୍ଷିତ ଫ୍ଲାଗ୍‌ସିପ୍ ସ୍ମାର୍ଟଫୋନ୍ ରିଅଲ୍‌ମି ଏକ୍ସ ୨ ପ୍ରୋକୁ ଆଜି ଭାରତରେ ଲଂଚ୍ କରିଛି । ଉଦୀୟମାନ ତରୁଣ ବ୍ରାଣ୍ଡ୍‌ର ଏହା ହେଉଛି ପ୍ରଥମ ପ୍ରିମିୟମ୍ ଫ୍ଲାଗସିପ୍ ସ୍ମାର୍ଟ । ରିଅଲ୍‌ମି ଏକ୍ସ ୨ପ୍ରୋରେ ଭାରତର ଦୃତତମ ୫୦ ୱାଟ୍ ସୁପର ଭିଓଓସି ଫ୍ଲାସ୍ ଚାର୍ଜ ରହିଛି( ଯାହା ମାତ୍ର ୩୫ ମିନିଟରେ ୧୦୦ ପ୍ରତିଶତ ଚାର୍ଜ କରିଥାଏ) । ଏହା ସହ ରହିଛି ଦୃତତମ ସ୍ନାପ୍‌ଡ୍ରାଗନ ପ୍ରୋସେସର-ସ୍ନାପ୍‌ଡ୍ରାଗନ୍ ୮୫୫+ । ରିଅଲ୍‌ମି ଏକ୍ସ ଟୁ ପ୍ରୋ ଦୁଇଟି ରଙ୍ଗରେ ଉପଲବ୍ଧ ହେବ-ନେପଚୁନ୍ ବ୍ଲୁ ଏବଂ ଲୁନାର ହ୍ୱାଇଟ୍ । କମ୍ପାନୀ ମଧ୍ୟ ରେଡ୍ ବ୍ରିକ୍ ଓ କଂକ୍ରିଟ୍ ରଙ୍ଗର ମାଷ୍ଟର ଏଡିସନ୍ ଲଂଚ୍ କରିବ । ଯାହାକୁ ପ୍ରଖ୍ୟାତ ଡିଜାଇନର ନାଓଟୋ ଫୁକାସ୍ୱା ଡିଜାଇନ୍ କରିଛନ୍ତି । ଦୁଇ ଭେରିଆଣ୍ଟ(ପ୍ରକାର)ରେ ଏହି ସ୍ମାର୍ଟ୍ ଫୋନ୍ ଉପଲବ୍ଧ ହେବ-୮+୧୨୮ ଜିବି,ମୂଲ୍ୟ ୨୯,୯୯୯ ଏବଂ ୧୨+୨୫୬ ଜିବି,ମୂଲ୍ୟ ୩୩,୯୯୯ ରହିଛି ଏବଂ ଏହାର ବିକ୍ରି ନଭେମ୍ବର ୨୬ ଆରମ୍ଭ ହେବ । ରେଡ ବ୍ରିକ ଏବଂ କନକ୍ରିଟର ମାଷ୍ଟର ଏଡିସନ ଥିବା ୧୨ + ୨୫୬ ଜିବି ଭ୍ୟାରିଏଣ୍ଟର ମୂଲ୍ୟ ୩୪,୯୯୯ ରହିଛି ।

ରିଅଲ୍‌ମି ମଧ୍ୟ ଏହାର ରିଲେମ୍ ୫ଏସ୍‌ର ଅପଗ୍ରେଡେଡ୍ ଭର୍ସନ ଲଂଚ୍ କରିଛି । ନୂଆ ରିଅଲ୍‌ମି ୫ଏସ୍ ୪୮ ଏମପି କ୍ୱାଡ୍ କ୍ୟାମେରା ବିଶିଷ୍ଟ ହୋଇଥିବା ବେଳେ ଏଥିରେ ମହାକାୟ ୫୦୦୦ ଏମଏଚ୍ ବ୍ୟାଟେରି ରହିଛି,ଯାହା ଗ୍ରାହକଙ୍କୁ ଅଧିକ ସମୟ ମନୋରଂଜନର ଅନୁଭବ ଦେବ । କ୍ରିଷ୍ଟାଲ୍ ରେଡ୍, କ୍ରିଷ୍ଟାଲ ପର୍ପଲ ଏବଂ କ୍ରିଷ୍ଟାଲ ବ୍ଲୁ ରଙ୍ଗରେ ଏହା ଉପଲବ୍ଧ ହେବ । ଦୁଇ ପ୍ରକାରରେ ଉପଲବ୍ଧ ହେବାକୁ ଥିବା ଏହି ଫୋନର ଗୋଟିଏ ୪+୬୪ ଜିବିର ମୂଲ୍ୟ ୯,୯୯୯ ହୋଇଥିବା ବେଳେ ଅନ୍ୟଟି ୪+୧୨୮ ଜିବି ଓ ମୂଲ୍ୟ୧୦,୯୯୯ ରହିବ । ନଭେମ୍ବର ୨୯ ତାରିଖରୁ ଫ୍ଲିପ୍‌କାର୍ଟ ଓ ରିଲେମ୍ ଡଟ୍ କମ/ଇନ୍‌ରେ ଏହା ଉପଲବ୍ଧ ହେବ ।

ଅସାଧାରଣ ଉତ୍ପାଦନ ଦ୍ୱାରା ବଜାରରେ ହଇଚଇ ସୃଷ୍ଟି କରୁଥିବା ରିଅଲ୍‌ମି ଇଣ୍ଡିଅ ସିଇଓ ମାଧବ ସେଠ୍ କହିଛନ୍ତି ଯେ, "ଆମ ଆମର ବୁଦ୍ଧିମାନ ରିଲେମ୍ ଗ୍ରାହକଙ୍କ ପାଇଁ ରିଅଲ୍‌ମି ଏକ୍ସ ଟୁ ପ୍ରୋ ଆଣି ଅତ୍ୟନ୍ତ ଉତ୍ସାହିତ ଅଛୁ । କାରଣ ଦେଶରେ ଏହି ମୂଲ୍ୟ ଭିତରେ ଉପଲବ୍ଧ ଫ୍ଲାଗସିପ୍ ସ୍ମାଟଫୋନ ମଧ୍ୟରେ ଏହା ହେଉଛି ସର୍ବୋତ୍ତମ । ଆମେ ରିଅଲ୍‌ମି ଏକ୍ସ ଟୁ ପ୍ରୋ ସହ ଅଲ୍‌ଟିମେଟ୍ ଫ୍ଲାଗସିପ୍ ଫୋନକୁ ଲଞ୍ଚ ପ୍ରଦାନ କରିଛୁ ଏବଂ ଏହାକୁ 'ଫାଷ୍ଟର,ବୋଲ୍ଡର ତଥା ସାର୍ପର' କରିପାରିଛୁ । ୫୦ଡବ୍ଲୁ ସୁପର ଭିଓଓସି ଫ୍ଲାସ୍ ଚାର୍ଜର ଏବଂ ଦୃତତମ ସ୍ନାପଡ୍ରାଗନ ପ୍ରୋସେସର ସହ ଏହା ହେଉଛି ଦେଶର ସବୁଠୁ ଶୀଘ୍ର ଚାର୍ଜ ହେଉଥିବା ସ୍ମାର୍ଟଫୋନ୍ । ଏହାର ଡୁଆଲ ଷ୍ଟେରିଓ ସ୍ପିକର ନୂଆ ଅନୁଭବ ଦେବ । ଏବଂ ଏହାର ୬୪ ଏମପି ମୁଖ୍ୟ କ୍ୟାମେରା, ଯେଉଁଥିରେ ୨୦ଏକ୍ସ ଜୁମ୍ ବୈଶିଷ୍ଟ୍ୟ ରହିଛି , ଆମର 'ଲଞ୍ଚ କରିବା ପାଇଁ ସାହସ' ଦର୍ଶନକୁ ପୁନଃପରିଭାଷିତ କରୁଛି । ଆମ ଗ୍ରାହକଙ୍କ ଏହି ପରମ ସ୍ମାର୍ଟଫୋନର ଉପଭୋଗକୁ ଆମେ ଅପେକ୍ଷା କରିଛୁ" ରିଅଲ୍‌ମି ୫ଏସ୍ ଉପରେ ଗୁରୁତ୍ୱ ଦେଇ ମାଧବ କହିଥିଲେ ଯେ, ୧୦ ହଜାର ଟଙ୍କା ମଧ୍ୟରେ ଆମର ରିଅଲ୍‌ମି ଫଇଭ୍ ଏସ୍ ସର୍ବୋତ୍ତମ ୪୮ଏମପି କ୍ୱାଡ୍ କ୍ୟାମ ସ୍ମାର୍ଟଫୋନ୍ । ଆମେ ଆମ ଗ୍ରାହକଙ୍କୁ ବଡ ପିକ୍‌ଚର,ବଡ ଷ୍ଟୋରେଜ୍ ଏବଂ ବଡ ବ୍ୟାଟେରି (୫୦୦ଏମଏଚ) ଦେଇ ବେସ୍ ଖୁସୀ ଅନୁଭବ କରୁଛୁ । ଆମ ରିଅଲ୍‌ମି ୫ ଏବଂ ରିଅଲ୍‌ମି ୫ ପ୍ରୋକୁ ଗ୍ରାହକଙ୍କ ସମର୍ଥନ ମିଳିଛି ଏବଂ ମୁଁ ନିଶ୍ଚିତ ଯେ, ରିଅଲ୍‌ମି ୫ ଏସ୍ ବଜାରକୁ ଆଗକୁ ବଢାଇବ ଏବଂ ଉପଭୋକ୍ତାଙ୍କୁ ସର୍ବୋତ୍ତମ କ୍ୟାମେରା ଏକ୍ସପିରିଏନ୍ସ ଦେବ'

# ଆମ୍‌ୱେ ଇଣ୍ଡିଆ ପକ୍ଷରୁ ପଲ୍ଲୀ ଉନ୍ନୟନ ସେବା ସମିତିରେ ସାର୍ବଜନୀନ ଶିଶୁ ଦିବସ ପାଳିତ




ଭୁବନେଶ୍ୱର: ଉନ୍ନତ ଜୀବନ ବଂଚିବା ଲାଗି ଲୋକମାନଙ୍କୁ ସହାୟତା କରିବା ଉପରେ ଗୁରୁତ୍ୱ ଜାରି ରଖି ଦେଶର ସର୍ବବୃହତ ଏଫ୍‌ଏମ୍‌ସିଜି ପ୍ରତ୍ୟକ୍ଷ ବିକ୍ରି କଂପାନି ଆମ୍‌ୱେ ଇଣ୍ଡିଆ ପକ୍ଷରୁ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଇଛି । ଆମ୍‌ୱେ ଇଣ୍ଡିଆର ସିଏସ୍‌ଆର୍ ପ୍ରକଳ୍ପ-ପ୍ରୋଜେକ୍ଟ ସନ୍‌ରାଇଜ୍‌ର ଅଂଶ ସ୍ୱରୂପ ସାରା ଭାରତରେ ୧୨ ଏନ୍‌ଜିଓ ସହଯୋଗୀଙ୍କ ସହ ମିଶି ଏହି ବାର୍ଷିକ ଉତ୍ସବ ପାଳନ କରାଯାଉଛି ଯାହା ଜରିଆରେ ଭାରତର ଉପେକ୍ଷୀତ ବର୍ଗର ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ସୁବିଧା ପ୍ରଦାନ କରି ସେମାନଙ୍କ ସାମଗ୍ରିକ ବିକାଶର ପ୍ରସାର କରିବାକୁ ଆମ୍‌ୱେ ଲକ୍ଷ୍ୟ ରଖିଛି ।

ଏହି ଉତ୍ସବ ପାଳନରେ ଯୁବପିଢ଼ିଙ୍କୁ ବିଭିନ୍ନ ପ୍ରକାର ଭାବବିନିମୟ ଭିତିକ କାର୍ଯ୍ୟକ୍ରମ ଜରିଆରେ ଉତ୍ସାହିତ ଓ ସଶକ୍ତ କରାଯାଉଛି । ଏଥିରେ ସାମିଲ ରହିଛି ଚିତ୍ରାଙ୍କନ ପ୍ରତିଯୋଗିତା, ସଙ୍ଗୀତ ପ୍ରଦର୍ଶନ, ପ୍ଲାଷ୍ଟିକ୍‌ର ବ୍ୟବହାରକୁ ଦୂର କରିବା ଦିଗରେ ଲୋକମାନଙ୍କୁ ସଚେତନ କରିବା ଲାଗି ସର୍ଟ ସ୍କିଟ୍, ଭାବ ବିନିମୟ କର୍ମଶାଳା, କଣ୍ଢେଇ ନୃତ୍ୟ ପ୍ରଦର୍ଶନ ଏବଂ ଆହୁରି ବହୁତ କିଛି ।ଭୁବନେଶ୍ୱରରେ ଆମ୍‌ୱେ ଇଣ୍ଡିଆ ପକ୍ଷରୁ ପଲ୍ଲୀ ଉନ୍ନୟନ ସେବା ସମିତି ସହଯୋଗରେ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଇଛି ଯେଉଁଥିରେ ଶିଶୁମାନଙ୍କ ଜ୍ଞାନ ପରିସୀମା ବୃଦ୍ଧି କରିବାର ଅଂଶ ସ୍ୱରୂପ ସେମାନଙ୍କୁ ଆଂଚଳିକ ବିଜ୍ଞାନ କେନ୍ଦ୍ରକୁ ପରିଦର୍ଶନରେ ନିଆଯାଇଥିଲା । ୩୦୦ରୁ ଅଧିକ ପିଲା ଏହି ଦିବସବ୍ୟାପୀ ଭ୍ରମଣରେ ଅଂଶଗ୍ରହଣ କରିଥିଲେ ଏବଂ ଏହାର ଶେଷ ବେଳକୁ ପିଲାମାନେ ପରସ୍ପର ସହିତ ଅତି ଖୁସିର ନିଜର ଭାବନାକୁ ବାଂଟୁଥିବା ଦେଖିବାକୁ ମିଳିଥିଲା । ଏହି ଦିନଟି ପଲ୍ଲୀ ଉନ୍ନୟନ ସେବା ସମିତିର ପିଲାମାନଙ୍କ ଲାଗି କୌତୁକ ଏବଂ ଶିକ୍ଷାର ଏକ ଦିବସ ଥିଲା ।ଶ୍ରୀଯୁକ୍ତ ଚନ୍ଦ୍ରା ଚକ୍ରବର୍ତ୍ତୀ, ଉପସଭାପତି-ପୂର୍ବ, ଆମ୍‌ୱେ ଇଣ୍ଡିଆ କହିଛନ୍ତି ଯେ, "ଆଜିର ପିଲାମାନେ ହେଉଛନ୍ତି ଆସନ୍ତାକାଲିର ନେତୃବୃନ୍ଦ ଏବଂ ଆମ୍‌ୱେ ଇଣ୍ଡିଆ ପ୍ରତିବର୍ଷ ଏହାର ଏନ୍‌ଜିଓ ସହଯୋଗୀଙ୍କ ସହ ମିଶି ଶିଶୁ ଦିବସ ପାଳନ କରୁଛି । ପିଲାମାନଙ୍କ ଭିତରେ ପ୍ରବଳ ଉତ୍ସାହ ଓ ଅଭିଳାଷକୁ ଦେଖିବା ଏବଂ ଜୀବନକୁ ଭାବିବା ବେଳେ ସେମାନେ ଯେଉଁଭଳି ନୂତନ ଚିନ୍ତାଧାରା ପ୍ରଦର୍ଶନ କରୁଛନ୍ତି ତାହାକୁ ଦେଖି ବହୁତ ଖୁସି ଲାଗୁଛି । ପଲ୍ଲୀ ଉନ୍ନୟନ ସେବା ସମିତି ସହିତ ସହଯୋଗିତା ସ୍ଥାପନ କରି ଆମେ ଗର୍ବିତ ଏବଂ ପିଲାମାନଙ୍କ କଲ୍ୟାଣ ପ୍ରତି ଆମେ ସମର୍ଥନ ପ୍ରଦାନ କରିବା ଜାରି ରଖିବୁ ।''ଏହି ଅବସରରେ ଶ୍ରୀମତୀ ସ୍ୱାତୀ ସୁଚିସ୍ମିତା ପାତ୍ର, ସଂପାଦିକା, ପଲ୍ଲୀ ଉନ୍ନୟନ ସେବା ସମିତି କହିଛନ୍ତି ଯେ, "ଆମର ଲକ୍ଷ୍ୟ ହେଉଛି ପିଲାମାନଙ୍କୁ ନିୟମିତ ସମୟରୁ ବାହାର କରି କିଛି ସମୟ ସେମାନଙ୍କୁ କୌତୁକ କାର୍ଯ୍ୟକଳାପରେ ନିୟୋଜିତ କରିବା ଦରକାର ଯାହା ଦ୍ୱାରା ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ ଓ ଜ୍ଞାନ ବୃଦ୍ଧି ପାଇବ ଓ ସେମାନେ ଅନେକ କିଛି ଜାଣିପାରିବେ । ବିଗତ କିଛି ବର୍ଷ ହେଲାଣି ଶିଶୁ ଦିବସ ଆମ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଉତ୍ସବରେ ପରିଣତ ହୋଇଛି ଏବଂ ସେମାନେ ଆମ୍‌ୱେ ସହିତ ଏହି ଦିବସଟିକୁ ପାଳନ କରିବା ଲାଗି ଆଗ୍ରହର ସହ ଚାହିଁରହିଥାନ୍ତି । ପିଲାମାନଙ୍କ ଲାଗି ଏକ କୌତୁକପୂର୍ଣ୍ଣ ଦିବସ ପାଳନ କରିଥିବାରୁ ଆମ୍‌ୱେକୁ ହୃଦୟରୁ ଧନ୍ୟବାଦ ।''

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ



Bhubaneswar Monday December 16 ଭୁବନେଶ୍ୱର ସୋମବାର, ଡିସେମ୍ବର ୧୬ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

### ନୂଆଦିଲ୍ଲୀରେ ପ୍ରବାସୀ ଓଡିଆ ଉତ୍ସବରେ କେନ୍ଦ୍ରମନ୍ତ୍ରୀ

# ଓଡିଆ ସମାଜର ଅଗ୍ରଦୂତ ହୁଅନ୍ତୁ ପ୍ରବାସୀ ଓଡିଆ- ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)- ଏକବିଂଶ ଶତାବ୍ଦୀରେ ଓଡିଶା ଭାରତର ୧ ନମ୍ବର ରାଜ୍ୟ ତଥା ପୃଥିବୀର ଏକ ଅଗ୍ରଣୀ ଅଂଚଳ ହେଉ ଏବଂ ଓଡିଶାର ପୁରୁଷାର୍ଥ ରଖୁଥିବା ପ୍ରବାସୀ ଓଡିଆ ଏହି ସମାଜର ଅଗ୍ରଦୂତ ହୁଅନ୍ତୁ ବୋଲି ରବିବାର ନୂଆଦିଲ୍ଲୀ ଠାରେ ଆୟୋଜିତ ପ୍ରବାସୀ ଓଡିଆ ଉତ୍ସବ ୨୦୧୯ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମୟ ବଦଳିବା ଅନୁସାରେ ସମସ୍ତଙ୍କ ଭୂମିକା ଓ ଦାୟିତ୍ୱ ମଧ୍ୟ ବଦଳିଛି । ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସି ଦିଲ୍ଲୀରେ ଓଡିଆ ଲୋକମାନେ ବିଭିନ୍ନ କ୍ଷେତ୍ରରେ କୀର୍ତ୍ତି ସ୍ଥାପନ କରିଛନ୍ତି । ଆଜି ଏହାକୁ ବ୍ୟାପକ କରିବାର ଆବଶ୍ୟକତା ଅଛି । ଲେଖାପଢା ଓ ଜ୍ଞାନରେ ସର୍ବାଭାରତୀୟ ସ୍ତରରେ ଓଡିଆ ଲୋକମାନେ ସୁନାମ ଆଣିପାରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଆ ଲୋକଙ୍କ ପୁଞ୍ଜି ହେଉଛି ଚରିତ୍ର ଓ ବୌଦ୍ଧିକ କ୍ଷମତା । ଓଡିଆ ଲୋକଙ୍କ ଚରିତ୍ରରେ ପରିଶ୍ରମ, ସାଧୁତା ଓ ସମ୍ବେଦନଶୀଳତା ଅଛି । ଯାହା ଆଜିର ବସ୍ତୁବାଦୀ ଦୁନିଆରେ ଦୁଃମୂଲ୍ୟ । ସଂପ୍ରତି ଓଡିଶା ବିଶ୍ୱରେ ସମ୍ପନ୍ନତାର ଚରମ ସୀମାକୁ ଯାଇଛି । ସେହିଭଳି ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ହେବ । ଏହି ସମୟରେ ଓଡିଆ ଲୋକମାନେ ଓଡିଶା ପାଇଁ ବଡ କଳ୍ପନା କରିବାର ଆବଶ୍ୟକତା ରହିଛି । ତେଣୁ ଏବେ ନିଜ ଅଂଚଳ ପାଇଁ ସମସ୍ତଙ୍କର କିଛି ଦାୟିତ୍ୱ ନେବାର ସମୟ ଆସିଛି । ଓଡିଆ ଜାତିକୁ ବିଶ୍ୱରେ ପରିଚିତ କରିବାର ଦାୟିତ୍ୱ କେବଳ ଦିଲ୍ଲୀ ଏବଂ ଭୁବନେଶ୍ୱରରେ ଥିବା ସରକାରଙ୍କର ନୁହେଁ ସମଗ୍ର ଓଡିଆ ଜାତିର । ଓଡିଶାର ଛେନାପୋଡ, ଆରିସା ପିଠା, ପଖାଳ, ଆମ୍ବୁଲ, ସୋରିଷ ତରକାରୀ ମାଛ, ସମ୍ବଲପୁରୀ ଶାଢୀ, ଖୋର୍ଦ୍ଧା ଗାମୁଛା, ଏ ସବୁକୁ ବିଶ୍ୱରେ କିଏ ପହଁଚାଇବ ? ଏକବିଂଶ ଶତାବ୍ଦୀରେ ଓଡିଶାର ସମସ୍ତ ଲୋକ ଏକାଠୀ ହୋଇ ଓଡିଶାର ଏହି ସବୁ ଜିନିଷକୁ ବିଶ୍ୱରେ ପହଁଚାଇବାର ଆବଶ୍ୟକତା ରହିଛି । ତେବେ ଯାଇ ଓଡିଶା ବିଶ୍ୱରେ ଅଧିକରୁ ଅଧିକ ପରିଚୟ ଲାଭ କରିପାରିବ । ଯେଉଁ ସମାଜ ଯେତେ ପ୍ରଗତିଶୀଳ, ସମ୍ବେଦନଶୀଳ, ଭାବନାତ୍ମକ ସେ ଜାତି ସେତେ ବଡ ହୋଇପାରିବ । ଏକବିଂଶ ଶତାବ୍ଦୀରେ ଓଡିଆ ଲୋକମାନେ ଏକାଠୀ ହେବା ଦରକାର । ଓଡିଶାକୁ ଏଥର ଦୁନିଆ ପାଖକୁ ନେବ । ଏଥିପାଇଁ ସମସ୍ତଙ୍କ ମନରେ ଆତ୍ମବିଶ୍ୱାସ ଦେବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିବା ସହ ଓଡିଆ ଲୋକକୁ ଆର୍ଥିକ ସମ୍ପନ୍ନ କରିବାର ଅଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## କ୍ୱିକମାଇଲ ଅଧିଗ୍ରହଣ ସହ ଏୟାରଟେଲ ଏକ୍ସ ଲ୍ୟାବର ପୋର୍ଟଫୋଲିଓର ବିସ୍ତାର

ଭୁବନେଶ୍ୱର: ଭାରତର ସର୍ବବୃହତ ଟେଲିକମ୍ୟୁନିକେସନ କମ୍ପାନୀ, ଭାରତୀ ଏୟାରଟେଲ (‘ଏୟାରଟେଲ’) ପକ୍ଷରୁ ଗୁଡ଼ଗାଓଁସ୍ଥିତ ଷ୍ଟାର୍ଟଅପ କ୍ୱିକମାଇଲର ଶୁଭାରମ୍ଭ କରାଯାଇଛି, ଯାହାକି ଭାରତରେ ପ୍ରଯୁକ୍ତି ସମର୍ଥିତ ଲଜିଷ୍ଟିକ ପ୍ଲାଟଫର୍ମ ନିର୍ମାଣ ଉପରେ ଧ୍ୟାନକେନ୍ଦ୍ରିତ କରିଛି । କ୍ୱିକମାଇଲ ଟିମ ବର୍ତ୍ତମାନ ଏୟାରଟେଲର ଆଧୁନିକ ତଥା ଅଭିନବ ଫ୍ୟାକ୍ଟରୀ ଏୟାରଟେଲ ଏକ୍ସ ଲ୍ୟାବର ଏକ ଅଂଶ ହୋଇଯାଇଛି ଯାହାକି ଆଇଓଟି, ଡିଜିଟାଲ ଇଞ୍ଜିନିୟରିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଯାନ୍ତ୍ରିକ ଶିକ୍ଷଣ ଉପରେ ବିଶେଷ ଧ୍ୟାନ ଦେଉଛି । ଏହି ଏୟାରଟେଲ ଏକ୍ସ ଲ୍ୟାବ୍ସ ଟିମ, ଭାରତ ଏବଂ ବିଦେଶର କେତେକ ପ୍ରମୁଖ ବିଶେଷଜ୍ଞ ମାନଙ୍କୁ ନେଇ ଗଠିତ । ୨୦୧୮ରେ ଆରମ୍ଭ ହୋଇଥିବା କ୍ୱିକମାଇଲ, ଭାରତର ଅଧିକାଂଶ ଅସଂଗଠିତ ଲଜିଷ୍ଟିକ ସେକ୍ଟର ଗୁଡ଼ିକରେ ଉନ୍ନତି ଆଣିବା ପାଇଁ ଆଧୁନିକ ପ୍ରଯୁକ୍ତିଗତ ସାମର୍ଥ୍ୟକୁ ବର୍ଦ୍ଧିତ କରାଇବାର ଲକ୍ଷ୍ୟ ରଖିଛି ଏବଂ ଦ୍ରୁତଗାମୀ ମାଲିକ ମାନଙ୍କ ପାଇଁ ପ୍ରଭାବକାରୀ, ଗୁଣବତ୍ତା ଏବଂ ନିରାପତ୍ତା ନେଇ ଆସିଛି । ଗମନାଗମନ ବ୍ୟତିକ୍ରମ ଯେମିତିକି ରାସ୍ତାର ଯୋଜନା, ଫୋରକାଷ୍ଟିଙ୍ଗର ଚାହିଦା, ଯାନ ସମ୍ବନ୍ଧୀୟ ପ୍ରଦର୍ଶନର ବିଶ୍ଳେଷଣ, ଲକ୍ଷର ବ୍ୟବସ୍ଥିତ ସଫଳତା ଆଦିକୁ ଦୂର କରିବା ପାଇଁ ଏହା ଇନ୍ଧନର ବ୍ୟବହାର, ଟାୟାରର ଅବସ୍ଥା, ମାଇଲେଜ ଆଦିର ପୁଙ୍ଖାନୁପୁଙ୍ଖ ତଦାରଖକୁ ସାମିଲ କରିଛି ।



ଭାରତୀୟ ବିପକ୍ଷ ପ୍ରଥମ ଦିନିକିଆରେ ଶତକୀୟ ଇନିଂସ ଅବସରରେ ହେଟମାୟର ଏକ ସଟ୍ ଖେଳୁଛନ୍ତି

## ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଦକ୍ଷତା ସଂପ୍ରସାରଣ ପାଇଁ ଆଉ ୭୦୦ କୋଟି ନିବେଶ କରାଯିବ

ଭୁବନେଶ୍ୱର: ହୋମ୍ ଆପ୍ଲାଏନ୍‌ସେସ୍ କ୍ଷେତ୍ରରେ ଦେଶର ଅଗ୍ରଣୀ ସଂସ୍ଥା ଗୋଦରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଆସନ୍ତା ୨୦୨୨ ସୁଦ୍ଧା ଆଉ ୭୦୦ କୋଟି ଟଙ୍କା ନିବେଶ କରାଯିବ । ଏହି ନିବେଶ ଜରିଆରେ କଂପାନି ଏହାର ବାର୍ଷିକ ଆପ୍ଲାଏନ୍‌ସେସ୍‌ଉତ୍ପାଦନ କ୍ଷମତାକୁ ୬୫ ଲକ୍ଷ ୟୁନିଟ୍‌କୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି । କଂପାନି କେବଳ ଦକ୍ଷତା ବଢ଼ାଇବା ନୁହେଁ ବରଂ ନୂତନ ପ୍ରଯୁକ୍ତି ସାମିଲ କରିବା ଉପରେ ଗୁରୁତ୍ୱ ଦେବ । ଏହି ନୂତନ ପୁଞ୍ଜିନିବେଶ ଘୋଷଣା ସହିତ ପ୍ରଯୁକ୍ତି ଓ ଦକ୍ଷତା ସଂପ୍ରସାରଣରେ ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର ମୋଟ ନିବେଶ ପରିମାଣ ବିଗତ ୬ ବର୍ଷ ଭିତରେ ୧୧୦୦ କୋଟି ଟଙ୍କାରେ ପହଂଚିଛି । ୱାସିଂ ମେସିନ ପ୍ରତି ଗ୍ରାହକଙ୍କ ଜବରଦସ୍ତ ସମର୍ଥନକୁ ଦୃଷ୍ଟିରେ ରଖି କଂପାନି ପକ୍ଷରୁ ଏହା ଉଭୟ ସମ୍ପୂର୍ଣ୍ଣ ସ୍ୱୟଂ ଚାଳିତ ଓ ଟପ୍ ଲୋଡିଂ ୱାସିଂ ମେସିନ, ସେମି-ଅଟୋମେଟିକ୍ ୱାସିଂ ମେସିନ୍ କ୍ଷମତାକୁ ଏହାର ସିରୱାଲ ଓ ମୋହାଲି କାରଖାନାରେ ଦ୍ୱିଗୁଣିତ କରାଯିବ । କଂପାନି ତରଫରୁ ୪ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ସମ୍ପୂର୍ଣ୍ଣ ସ୍ୱୟଂ ଚାଳିତ ଫ୍ରଂଟ୍ ଲୋଡିଂ ୱାସିଂଙ୍ଗ ମେସିନ୍ କ୍ଷମତାକୁ ଯୋଗ କରାଯିବ । ରେଫ୍ରିଜେରେଟର ବର୍ଗରେ କଂପାନି ଏହାର ଉଭୟ ପ୍ରିମିୟମ୍ ଓ ମାସ ବର୍ଗରେ ୩୩% ବୃଦ୍ଧି ଆଣିବାକୁ ଲକ୍ଷ୍ୟ ରଖିଛି । ଏହା ଜରିଆରେ ଚେଷ୍ଟ ଫ୍ରିଜର୍ ଓ କମ୍ପ୍ରେସର କ୍ଷମତାକୁ ୩୦ ଲକ୍ଷ ୟୁନିଟ୍‌କୁ ବୃଦ୍ଧି କରାଯିବ । ଏହି ନିବେଶର କିଛି ଅଂଶକୁ ସିରୱାଲ୍‌ରେ ଥିବା ଏସି କାରଖାନାରେ ମଧ୍ୟ ବିନିଯୋଗ କରାଯିବ । ଏ ସଂକ୍ରାନ୍ତରେ ଶ୍ରୀଯୁକ୍ତ କମଳ ନନ୍ଦୀ, ବ୍ୟବସାୟ ମୁଖ୍ୟ ଓ ଇଭିପି, ଗୋଦରେଜ୍ ଆପ୍ଲାଏନ୍‌ସେସ୍ କହିଛନ୍ତି ଯେ, “ଆମେ ସବୁବେଳେ ନୂତନତ୍ୱ ଓ ଗ୍ରାହକଙ୍କୁ ଖୁସି କରିବାରେ ଆଗରେ ରହିଛୁ । ଶିଳ୍ପରେ କିଛିଟା ମନ୍ଥର ସ୍ଥିତି ରହିବା ସତ୍ତ୍ୱେ ଆମେ ଅତୀତରେ ଭଲ ଅଭିବୃଦ୍ଧି ପ୍ରଦର୍ଶନ କରିଛୁ ଏବଂ ଆମେ ଏହାକୁ ଜାରି ରଖିବାକୁ ଉଦ୍ୟମ କରିବୁ । ଏହି ନିବେଶ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ଦକ୍ଷତାକୁ ବଢ଼ାଇବ ଏବଂ ଅତୁଳନୀୟ ଉତ୍ପାଦ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ଏବଂ ମେକ୍ ଇନ୍ ଇଣ୍ଡିଆ ପ୍ରତି ଆମକୁ ଜଡ଼ିତ କରିବ । ଏହି ସଂପ୍ରସାରଣ ଜରିଆରେ ଆମେ ଗୋଦ୍‌ରେଜ୍ ବ୍ରାଣ୍ଡକୁ ଆମର ମାନୁଫାକ୍‌ଚରିଂ ବିଶେଷତାକୁ ବ୍ୟବହାର କରି ନୂତନଶିଖରେ ପହଂଚାଇବାକୁ ଚାହୁଁଛୁ । ଏହି ପ୍ରସ୍ତାବିତ ସଂପ୍ରସାରଣ ଥରେ ଶେଷ ହୋଇଯିବା ପରେ ଆମକୁ ଭାରତୀୟ ଗ୍ରାହକଙ୍କ ପ୍ରିମିୟମ୍ ଉତ୍ପାଦ ଚାହିଦାକୁ ଠିକ୍ ଭାବେ ପୂରଣ କରିବାରେ ସହାୟକ ହୋଇପାରିବ ।” ସବୁଜ ଉତ୍ପାଦନ ଉପରେ ଗୋଦରେଜ୍ ସର୍ବଦା ଗୁରୁତ୍ୱାରୋପ କରୁଛି । ଏହା କଂପାନିର ଲାଭ ପରିମାଣ ବଢ଼ାଉଥିବା ବେଳେ ବ୍ରାଣ୍ଡ ଦକ୍ଷତାରେ ମଧ୍ୟ ଉନ୍ନତି ଆଣୁଛି । ସିଆଇଆଇ ଗ୍ରିନ୍ ବିଜନେସ୍ କାଉନ୍‌ସିଲ୍ ପକ୍ଷରୁ ଆମର ଉଭୟ ସିରୱାଲ୍ ଓ ମୋହାଲି କାରଖାନାକୁ ପ୍ଲାଟିନମ୍ ଗ୍ରିନ୍ କୋ ରେଟିଂ ପ୍ରଦାନ କରାଯାଇଛି । ଇଣ୍ଡିଆନ୍ ଗ୍ରିନ୍ ବିଲଡିଂ କାଉନ୍‌ସିଲ୍ ପକ୍ଷରୁ ଗୋଦରେଜ୍ ମୋହାଲି କାରଖାନାକୁ ଗ୍ରିନ୍ ଫ୍ୟାକ୍ଟ୍ରି ପ୍ଲାଟିନମ୍ ସାର୍ଟିଫିକେସନ ମିଳିଛି । ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବା ଲାଗି ଉଭୟ କଂପାନି ଟିପିଏମ୍ କାର୍ଯ୍ୟକାରୀ କରିଛନ୍ତି ।

## ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ଗ୍ୟାଲାକ୍ସି ସ୍ମାର୍ଟଫୋନ୍ ରେ ଉପରେ ଆକର୍ଷଣୀୟ ଅଫର୍

ଭୁବନେଶ୍ୱର: ସାମ୍‌ସଙ୍ଗ ଭାରତରେ ଏହାର ଗ୍ୟାଲାକ୍ସି ସ୍ମାର୍ଟଫୋନ୍ ରେର ୧୦ ବର୍ଷ ପୂର୍ତ୍ତି ପାଳନ କରିବା ଅବସରରେ ଏହାର ଲୋକପ୍ରିୟ ସ୍ମାର୍ଟଫୋନ୍‌ଗୁଡିକ ଉପରେ ଏକାଧିକ ଆକର୍ଷଣୀୟ ଅଫର୍ ଘୋଷଣା କରିଛି । ଗ୍ୟାଲାକ୍ସି ବ୍ରାଣ୍ଡ ପ୍ରିମିୟମ ଇନୋଭେସନ୍‌କୁ ସମର୍ଥନ କରିବା ସହ ଗ୍ରାହକଙ୍କୁ ଅତୁଳନୀୟ ଅଭିଜ୍ଞତା ପ୍ରଦାନ କରୁଛି । ଯେହେତୁ ଗ୍ୟାଲାକ୍ସି ସ୍ମାର୍ଟଫୋନ୍‌କୁ ଭାରତରେ ୧୦ ବର୍ଷ ପୂରଣ ହୋଇଛି, ତେଣୁ ସାମ୍‌ସଙ୍ଗ ଗ୍ରାହକଙ୍କୁ ଭାରତରେ ଏହି ବ୍ରାଣ୍ଡକୁ ଦେଇଥିବା ଚିରସ୍ଥାୟୀ ଭଲପାଇବା ପାଇଁ ଧନ୍ୟବାଦ ଜଣାଇବା ଲାଗି ଆକର୍ଷଣୀୟ ଅଫର୍, ଉପହାର ଓ କ୍ୟାସ୍‌ବ୍ୟାକ୍ ଆଦି ଘୋଷଣା କରିଛି । ଗ୍ୟାଲାକ୍ସି ଡିଭାଇସ୍‌ଗୁଡିକ ଉପରେ ଏହି ସମସ୍ତ ଅଫର୍ ନଭେମ୍ବର ୨୩ରୁ ଡିସେମ୍ବର ୩୧, ୨୦୧୯ ପର୍ଯ୍ୟ' ଜାରି ରହିବ । ଏହି ଅଫର୍ ପିରିୟଡ୍ ସମୟରେ ଗ୍ରାହକମାନେ ସାମ୍‌ସଙ୍ଗ ଗ୍ୟାଲାକ୍ସି ଏ୩୦ଏସ୍‌କୁ ୧୫,୯୯୯ ଟଙ୍କାରେ, ଗ୍ୟାଲାକ୍ସି ଏ୫୦ଏସ୍ (୪ଜିବି) ସଂସ୍କରଣକୁ ୧୯,୯୯୯ ଟଙ୍କାରେ, ଗ୍ୟାଲାକ୍ସି ଏ୫୦ଏସ୍ (୬ଜିବି) ସଂସ୍କରଣକୁ ୨୧,୯୯୯ ଟଙ୍କାରେ କିଣିପାରିବେ । ଗ୍ୟାଲାକ୍ସି ଏ୫୦ଏସ୍ ଓ ଏ୩୦ଏସ୍ ଯୁବ ଗ୍ରାହକଙ୍କ ପାଇଁ ପ୍ରିମିୟମ ଡିଜାଇନ୍‌ରେ ମାର୍କେଟ୍‌କୁ ଆସିଛି; ଯିଏ ନିଜ ଅନୁଭବ ଓ ଅଭିଜ୍ଞତାକୁ ତୁରା' କ୍ୟାପ୍‌ଚର କରିବା ସହ ସେୟାର କରିବାକୁ ଚାହାନ୍ତି । ନାଇଟ୍ ମୋଡ୍, ସୁପର ଷ୍ଟେଡି ଭିଡିଓ, ସାମ୍‌ସଙ୍ଗ ପେ' ଓ ଗେମ୍ ବୁଷ୍ଟର ପ୍ରଯୁକ୍ତି ସହ ଏକ ଶକ୍ତିଶାଳୀ ପ୍ରୋସେସର ଭଳି ଫ୍ଲାଗସିପ୍ ଫିଚରଗୁଡିକ ସହ ଏହି ଦୁଇ ନୂତନ ସ୍ମାର୍ଟଫୋନ୍ ଏକ ସୁପରିୟର ପରଫର୍ମାନ୍ସ ଡେଲିଭର କରୁଛନ୍ତି । ଗ୍ୟାଲାକ୍ସି ଏ୭୦ଏସ୍ କିଣୁଥିବା ଗ୍ରାହକମାନେ ଏହା ସହ ମାଗଣାରେ ୧୯୯୯ ଟଙ୍କା ମୂଲ୍ୟର ଏକ ବ୍ଲୁଟୁଥ୍ ହେଡ୍‌ଫୋନ୍ ପାଇପାରିବେ । ଗ୍ୟାଲାକ୍ସି ଏ୭୦ଏସ୍‌ରେ ଏକାଧିକ ନୂତନ ଫିଚର ରହିଛି ଯେଉଁଥିରେ ୬୪ ମେଗାପିକ୍ସେଲ କ୍ୟାମେରା ସହ ସେକ୍-ଫ୍ରି ଆକ୍ସନ ଭିଡିଓ ପାଇଁ ସୁପର ଷ୍ଟିଡି ମୋଡ୍ ଏବଂ ଖୁବ୍ କମ୍ ଆଲୋକରେ ଉନ୍ନତମାନର ଫଟୋ ଉଠାଇବା ପାଇଁ ନାଇଟ୍ ମୋଡ୍ ସୁବିଧା ରହିଛି । ଏଥିସହିତ ଏହି ସ୍ମାର୍ଟଫୋନ୍‌ରେ ଏଆଇ ଆଧାରିତ ଗେମ୍ ବୁଷ୍ଟର, ୪୫୦୦ ଏମ୍‌ଏଏଚ୍ ବ୍ୟାଟେରୀ, ୨୫ ୱାଟ୍ ସୁପର୍-ଫାଷ୍ଟ ଚାର୍ଜିଙ୍ଗ୍ ଓ ସାମ୍‌ସଙ୍ଗ ପେ' ଭଳି ଫିଚର ରହିଛି ଯାହାକି ଯୁବ ଉପଭୋକ୍ତାଙ୍କ ସ୍ମାର୍ଟଫୋନ୍ ଅଭିଜ୍ଞତାକୁ ବୃଦ୍ଧି କରିବ । ଗ୍ୟାଲାକ୍ସି ଏସ୍୧୦ଇକୁ ଏକ କମ୍ପାକ୍ଟ ପ୍ୟାକେଜ୍‌ରେ ସାମ୍‌ସଙ୍ଗ ଫ୍ଲାଗସିପ୍ ସ୍ମାର୍ଟଫୋନ୍ ବର୍ତ୍ତମାନ ୮୦୦୦ ଟଙ୍କାର ଏକ ଇନ୍‌ଷ୍ଟାଂଟ୍ କ୍ୟାସ୍‌ବ୍ୟାକ୍ ସହ ଏଚ୍‌ଡିଏଫ୍‌ସି କ୍ରେଡିଟ୍ ଓ ଡେବିଟ୍ କାର୍ଡଧାରକଙ୍କ ପାଇଁ ୬୦୦୦ ଟଙ୍କାର କ୍ୟାସ୍‌ବ୍ୟାକ୍ ଦେଉଛି ଏବଂ ଏହା ୧୪,୦୦୦ ଟଙ୍କାର ଲାଭ ପ୍ରଦାନ କରୁଛି । ଗ୍ୟାଲାକ୍ସି ଏସ୍୧୦/ଏସ୍୧୦+ ଗ୍ରାହକମାନେ ମଧ ୫୦୦୦ କିମ୍ବା ୪୦୦୦ ଟଙ୍କାର ଇନ୍‌ଷ୍ଟାଂଟ୍ କ୍ୟାସ୍ ବ୍ୟାକ୍ ପାଇପାରିବେ; ଏଥିସହିତ ଏଚ୍‌ଡିଏଫ୍‌ସି ଉପଭୋକ୍ତାମାନେ ୬୦୦୦ ଟଙ୍କାର କ୍ୟାସ୍‌ବ୍ୟାକ୍ ପାଇପାରିବେ ।

## ଓଇସି କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର: ଦରମା ଓ ଗ୍ରାଚ୍ୟୁଇଟି ପ୍ରଦାନ ଦାବିରେ ଆନ୍ଦୋଳନ ଚଳାଇଥିବା ଓଡ଼ିଶା ଇଞ୍ଜିନିୟରିଂ କଲେଜ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ସ୍ୱଳ୍ପ ଦିନ ପାଇଁ ଏହାକୁ ସ୍ଥଗିତ ରଖାଯାଇଛି । କିଛି ମାସର ଦରମା ଦିଆଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ ମହାନ୍ତିଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଓଡ଼ିଶା ଇଞ୍ଜିନିୟରିଂ କଲେଜର କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଓଡ଼ିଶା ଇଞ୍ଜିନିୟରିଂ କଲେଜ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୂତି ଦେବେ ବୋଲି କହିଥିଲେ । ତେବେ ୟୁନିୟନ ପକ୍ଷରୁ ନବୀନ ନିବାସ ନିକଟ ପଲାସପଲ୍ଲୀ ଛକଠାରେ ବିକ୍ଷୋଭ କରାଯିବା ସହ ସ୍ୱଳ୍ପ ଦିନ ପାଇଁ ଏହି ଆନ୍ଦୋଳନ ସ୍ଥଗିତ ରଖା ଯାଇଛି ବୋଲି ୟୁନିୟନର ସମ୍ପାଦକ ଅଙ୍ଗଦ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି । ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଆନ୍ଦୋଳନକାରୀମାନେ ସୋମବାର ସକାଳୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଅଗ୍ରସର ହୋଇଥିବା ବେଳେ ପୁଲିସ ପକ୍ଷରୁ ଏହାକୁ ବାରଣ କରାଯାଇଥିଲା । ପରେ ୟୁନିୟନର ସଭାପତି ସୁରେଶ କୁମାର ରାଉତରାୟ ଓ ୧୧ଜଣ ସଭ୍ୟ ସଚିବାଳୟ ଯାଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ । ତେବେ କିଛି ମାସର ଦରମା ଦିଆଯିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ କୁହାଯିବା ସହ ଅନ୍ୟ ପଦକ୍ଷେପ ଦିଆଯିବ ବୋଲି ଶ୍ରୀ ମହାନ୍ତି ପ୍ରତିଶୃତି ଦେଇଥିଲେ ।

## ୫-ଟି ଯୋଗୁଁ କୋରାପୁଟରେ ସ୍ୱାସ୍ଥ୍ୟସେବା ସୁଧୁରିଛି

ଭୁବନେଶ୍ୱର: ରାଜ୍ୟରେ ୫- ଟି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ପରେ କୋରାପୁଟରେ ସ୍ୱାସ୍ଥ୍ୟସେବା ସୁଧୁରିଛି । ୫-ଟି ସଚିବ ଡାକ୍ତରଖାନା ବୁଲି ରୋଗୀଙ୍କ ମତ ନେବା ଦ୍ୱାରା ଏହା ହୋଇପାରିଛି । ଏହା ଦ୍ୱାରା ସାଧାରଣ ଲୋକେ ଉପକୃତ ହେଉଛନ୍ତି ବୋଲି କହି ବିଧାନସଭା ଅଧିବେଶନରେ ସରକାରଙ୍କ ୫ଟି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଧନ୍ୟବାଦ ଜଣାଇଛନ୍ତି । ୫- ଟି ଟିମ୍ ସାରା ରାଜ୍ୟର ଡାକ୍ତରଖାନା ବୁଲି ସ୍ୱାସ୍ଥ୍ୟସେବା ସମ୍ପର୍କିତ ମତ ନେବା ଦ୍ୱାରା ସାଧାରଣ ଲୋକେ ଉପକୃତ ହେଉଛନ୍ତି ବୋଲି ତାରା ପ୍ରସାଦ ବାହିନୀପତି କହିଛନ୍ତି ।

## ନୂତନ ଭିଭୋ ୟୁ-୨୦ ପ୍ରଭାବଶାଳୀ ପ୍ରଦର୍ଶନ ପ୍ରତିଶୃତି ନେଇ ବଜାରରେ ଉପଲବ୍ଧ

ଭୁବନେଶ୍ୱର : ୨୮ ନଭେମ୍ବର ୨୦୧୯ ରେ ମଧ୍ୟାହ୍ନ ୧୨.୦୦ଠାରୁ ଆମାଜନ.ଇନ ଏବଂ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ଉପଲବ୍ଧ ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ଏହାର ୟୁ-ସିରଜରେ ନୂତନ ୟୁ-୨୦ର ଶୁଭାରମ୍ଭ ଘୋଷଣା କରିଛନ୍ତି । ନୂତନ ପିଢି ପାଇଁ କମ୍ପାନୀ ପକ୍ଷରୁ ୟୁ-୧୦ର ସଫଳତା ପରେ ଦ୍ୱିତୀୟ ସ୍ମାର୍ଟଫୋନ ଭାବରେ ୟୁ-୨୦ର ଡିଜାଇନ କରିଛନ୍ତି । ଏହି ନୂତନ ସ୍ମାର୍ଟଫୋନ ରେ କ୍ୱାଲକମ ସ୍ନାପଡ୍ରାଗନ ୬୭୫ ଯାହା ୪ର୍ଥ ଜେନେରେସନ କ୍ରିୟୋ ସିପିୟୁ ଏବଂ ଷଷ୍ଠ ଜେନେରେସନ ଆଡ୍ରେନୋ ଦ୍ୱାରା ସୁସଜ୍ଜିତ । ଏଥିରେ ୫୦୦୦ ଏମଏଏଚ୍ ବ୍ୟାଟେରୀ ବ୍ୟବହାର ହୋଇଛି ଯାହା ୧୮ଡବ୍ଲୁ ଫାଷ୍ଟ ଚାର୍ଜର ସହ ଉପଲବ୍ଧ । ଏହି ହ୍ୟାଣ୍ଡସେଟ ଦୁଇଟି ସଂସ୍କରଣ ୪ଜିବି+୬୪ଜିବି ଏବଂ ୬ଜିବି+୬୪ଜିବି (ଉଭୟ ରେ ଷ୍ଟୋରେଜ ସମ୍ପ୍ରସାରଣ କରିହେବ) ଦୁଇଟି ଆକର୍ଷଣୀୟ ରଙ୍ଗ ରେସିଂ ବ୍ଲାକ ଏବଂ ବ୍ଲଜ ବ୍ଲୁ ପାଇସଡ ୧୦୯୯୦ଟଙ୍କା ଏବଂ ୧୧୯୯୦ ଟଙ୍କା ରେ ଉପଲବ୍ଧ । ଏହି ହ୍ୟାଣ୍ଡସେଟ ଭାରତ ବଜାରରେ ନଭେମ୍ବର ୨୮ ତାରିଖ ମଧ୍ୟାହ୍ନ ୧୨ ଟା ଠାରୁ ଆମାଜନ.ଇନ ଏବଂ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ମିଳିପାରିବ । ଗ୍ରାହକମାନେ ଭିଭୋ ୟୁ-୨୦କ୍ରୟ ଉପରେ ଅନେକ ଆକର୍ଷଣୀୟ ଅଫର ପାଇ ପାରିବେ । ତନ୍ମଧ୍ୟରେ ପ୍ରିପେଡ ଅର୍ଡର ଉପରେ ୧୦୦୦ଟଙ୍କା ଛାଡ, ଛଅ ମାସ ପାଇଁ ନୋ କଷ୍ଟ ଇଏମ୍‌ଆଇ ଏବଂ ୬୦୦୦ ଟଙ୍କା ପର୍ଯ୍ୟନ୍ତ ଜିଓ ଲାଭ ଅନ୍ୟତମ । ଅନ୍ୟାନ୍ୟ ଭିଭୋ ହ୍ୟାଣ୍ଡସେଟ ଭଳି ୟୁ-୨୦ମଧ୍ୟ ମେକ ଇନ ଇଣ୍ଡିଆ ପ୍ରତି ପ୍ରତିଶୃତିବଦ୍ଧ । ଏହା ନଏଡା ସ୍ଥିତ କାରଖାନାରେ ନିର୍ମାଣ କରାଯାଉଛି । ଏହି ହ୍ୟାଣ୍ଡସେଟ ର ଶୁଭାରମ୍ଭ ସମ୍ବନ୍ଧରେ ସୁଚନା ଦେଇ ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଛନ୍ତି, ‘ଭିଭୋ ୟୁ-୧୦ପ୍ରତି ଆଗ୍ରହ ଦେଖି ଆମେ ୟୁ-୨୦ ଆଣିବାକୁ ଚିନ୍ତିକା କରିଥିଲୁ । ଏହି ଶକ୍ତିଶାଳୀ ଫୋନ ୧୨,୦୦୦ ରୁ କମରେ ଉପଲବ୍ଧ ଏବଂ ଏହା ଭାରତୀୟଙ୍କ ପାଇଁ ଖୁବ ଉପଯୋଗୀ ହୋଇପାରିବ ।‘

# ୱାଇଏମ୍‌ସିଏ ପକ୍ଷରୁ ଖ୍ରୀଷ୍ଟମାସ ପାଳିତ







ଭୁବନେଶ୍ୱର(ପିଏନ): ୱାଇଏମ୍‌ସିଏ ପକ୍ଷରୁ ଖ୍ରୀଷ୍ଟମାସ ପ୍ରତି ବର୍ଷଭଳି ଏବର୍ଷ ମଧ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୱାଇଏମ୍‌ସିଏର ସଭାପତି ବିକେ ପ୍ରଧାନ, କୋଷାଧକ୍ଷ ଆଣ୍ଟୋନି ମାଥୁ ଓ ସଂଗ୍ରାମ କେଶରୀ ସିଂଙ୍କ ସମେତ ପରିଷଦର ବହୁ ସଦସ୍ୟସଦସ୍ୟାମାନେ ଯୋଗଦାନ କରିଥିଲେ । ୱାଇଏମ୍‌ସିଏ ପ୍ରଭୁ ଯିଶୁଙ୍କର ଜନ୍ମ ଜୟନ୍ତୀ ପାଳନ କରିବାରେ ଏକ ନିଆରା ପଂରପରା ସୃଷ୍ଟି କରିପାରିଛି । ୱାଇଏମ୍‌ସିଏର ସାଧାରଣ ସଂପାଦକ ସୁଧାଂଶୁ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କିଭଳି ଭାବରେ ଶାନ୍ତି,ପ୍ରେମ, ସ୍ନେହ,ଭାତୃତ୍ୱ ଓ ଭାଇଚାରାରେ ସମସ୍ତେ ଆବଦ୍ଧ ହୋଇପାରିବେ ସେ ସଂପର୍କରେ ବିସ୍ତୃତ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ । ଯିଶୁଖ୍ରୀଷ୍ଟଙ୍କର ବାର୍ତ୍ତାକୁ ପ୍ରଚାର ଓ ପ୍ରସାର କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ୍ ବୋଲି ଶ୍ରୀ ନାୟକ କହିଥିଲେ । ୱାଇଏମ୍‌ସିଏ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଭୁ ଯିଶୁ ପ୍ରେମ ଓ ଶାନ୍ତି ବଳରେ କିଭଳି ଭାବରେ ସମସ୍ତଙ୍କର ହୋଇପାରିଥିଲେ । ୱାଇଏମ୍‌ସିଏ ଆଗାମୀ ଦିନରେ ଯିଶୁଙ୍କର ପ୍ରେମବାଣୀକୁ ପ୍ରଚାର ପ୍ରସାର କରିବା ଏବଂ ଶାନ୍ତି ବଜାୟ ରଖିବାକୁ ଗ୍ରାମଠାରୁ ରାଜ୍ୟ ଏବଂ ରାଜ୍ୟଠାରୁ ଦେଶ ବିଦେଶରେ ରଖିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

## ଜିଲେଟ୍‌ର ଭିନ୍ନ ଏକ ଅଭିଯାନ ମ୍ୟାନ ଏନଫ

ଭୁବନେଶ୍ୱର: ଶହେ ବର୍ଷରୁ ଅଧିକ ବର୍ଷ ଧରି, ଜିଲେଟ୍ ପୁରୁଷଙ୍କୁ ସୁନ୍ଦର ଦେଖାଯିବା, ଅନୁଭବ କରିବା ଓ ସେମାନଙ୍କର ସର୍ବୋତ୍ତମତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ଯାତ୍ରାରେ ବ୍ରାଣ୍ଡ ଲଗାତାର ଭାବେ ପୁରୁଷମାନଙ୍କ ବିଷୟରେ ଥିବା ଧାରଣାଗୁଡ଼ିକୁ ବାର୍ବର ସପ ଗାର୍ଲସ ଅଭିଯାନ ମାଧ୍ୟମରେ ଆହ୍ୱାନ ପ୍ରଦାନ କରିଛି । ସେଭିଂ ଷ୍ଟେରିଓ ଟାଇପ୍ସ ଉପରେ ଆଧାରିତ ଜିଲେଟ୍‌ର ଏହି ଅତ୍ୟାଧୁନିକ ଅଭିଯାନରେ ପୁରୁଷମାନେ କାହିଁକି ସେମାନଙ୍କ ଅଶ୍ରୁ ଦେଖାଉନାହିଁ ବୋଲି ପ୍ରଶ୍ନ ଉଠାଇବା ସହିତ ସେମାନଙ୍କ ଦୁର୍ବଳତା, ଭାବ ପ୍ରବଣତା ଦେଖାଇବାକୁ ଓ ନ କାନ୍ଦିବାକୁ ଶିକ୍ଷା ଦିଆଯାଇଛି । ଉକ୍ତ ଭିଡ଼ିଓରେ ଲେଫ୍ଟେନାଣ୍ଟ କର୍ଣ୍ଣେଲ, ମନୋଜ୍ କୁମାର ସିହ୍ନା, ବରିଷ୍ଠ ପରିଚାଳକ (ଆବସରପ୍ରାପ୍ତ)ଙ୍କର ଏକ ହୃଦୟସ୍ପର୍ଶୀ କାହାଣୀ ବର୍ଣ୍ଣନା କରାଯାଇଛି । ଏହା ମାଧ୍ୟମରେ ଜିଲେଟ ଏହାର ସେଭିଂ ଷ୍ଟେରିଓ ଟାଇପ୍ସର ଦ୍ୱିତୀୟ ସଂସ୍କରଣ ମାଧ୍ୟମରେ କହିଛିଯେ ପୁରୁଷମାନେ କାନ୍ଦିବା ଦରକାର । ପୁରୁଷମାନଙ୍କର ଏକ ଅଗ୍ରଣୀ ବ୍ରାଣ୍ଡ ଭାବରେ ଜିଲେଟ୍ ପୁରୁଷମାନଙ୍କୁ ପଥ ପ୍ରଦର୍ଶନ କରିବାକୁ ଚାହୁଁଛି, ଯେଉଁଥିରେ ସେମାନେ ସେମାନଙ୍କ ପୁରୁଷସୁଲଭ ମନୋଭାବ ଓ ଦୃଢ଼ତାକୁ ପୁନଃସ୍ମରଣ କରିପାରିବେ । ଏହି ଅଭିଯାନ ସମ୍ପର୍କରେ ଗ୍ରେ ଗ୍ରୁପ୍ ପକ୍ଷରୁ ଏହାର ଚିଫ କ୍ରିଏଟିଭ ଅଫିସର, ସନ୍ଦିପନ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ‘ପୁରୁଷଙ୍କ ପାଇଁ ବିଚାର କରିବା ଓ ଏକ ଅଗ୍ରଣୀ ପୁରୁଷ ବ୍ରାଣ୍ଡ ଭାବରେ ଜିଲେଟ୍ ଏପରି ବାର୍ତ୍ତା ବହନ କରିବାକୁ ବିଶ୍ୱାସ ରଖିଥାଏ, ଯାହା ଭବିଷ୍ୟତର ପୁରୁଷ ପିଢ଼ିଙ୍କୁ ଜାଗ୍ରତ କରିବା ସହିତ ଅନୁପ୍ରାଣିତ କରିଥାଏ । ମ୍ୟାନ ଏନଫ୍ ମାଧ୍ୟମରେ ପୁରୁଷମାନଙ୍କ କାନ୍ଦିବା ସେମାନଙ୍କୁ ଦୁର୍ବଳ କରିଥାଏ ଓ ଏହା ସେମାନଙ୍କ ଦୁର୍ବଳତାକୁ ପ୍ରଦର୍ଶନ କରିଥାଏ ଭଳି ମନୋଭାବକୁ ଭାଙ୍ଗିବାକୁ ଚାହୁଁଛୁ ।‘ ଏହି ଅଭିଯାନ ସମ୍ପର୍କରେ କାର୍ତ୍ତୀକ ଶ୍ରୀବାସ୍ତବ, କଣ୍ଟ୍ରି କାଟଗୋରୀ ଲିଡର୍, ଭାରତ, ପିଆଣ୍ଡଜି କହିଛନ୍ତି, ‘ଲେଫ୍ଟେନାଣ୍ଟ କର୍ଣ୍ଣେଲ, ଶ୍ରୀ ମନୋଜ୍ କୁମାର ସିହ୍ନା (ଅବସରପ୍ରାପ୍ତ) ଓ ତାଙ୍କର ପିତା ହେଉଛନ୍ତି ବାସ୍ତବରେ ସାହସୀ, ଏବଂ ଜିଲେଟ୍ ସେମାନଙ୍କ ଚେତନାକୁ ପ୍ରଶଂସା କରୁଛି ଏବଂ ଅତୀତରେ ସେମାନଙ୍କ ଯାତ୍ରାରେ ଏକ ଅଂଶ ହୋଇ ଗର୍ବ ଅନୁଭବ କରୁଛି । ଆମେ ପୁରୁଷମାନଙ୍କ ବାସ୍ତବିକ ଜୀବନର ସକରାତ୍ମକ କାହାଣୀଗୁଡ଼ିକୁ ଆଣିବାକୁ ଜାରି ରଖିବାକୁ ଓ ସଂସ୍କୃତିକୁ ପ୍ରଭାବିତ କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବା ନିମନ୍ତେ ଲକ୍ଷ ରଖିଛୁ ।‘

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray